

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୩୦ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 May 2026
Vol.No. 36 ■ No.141 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ସାରା ବିଶ୍ୱକୁ ଭୟଙ୍କର ଚେତାବନୀ ଦେଲା ଜାତିସଂଘର ରିପୋର୍ଟ: ଆଗାମୀ ୫ ବର୍ଷରେ ଆହୁରି ବଢ଼ିବ ତାପମାତ୍ରା




ନୂଆଦିଲ୍ଲୀ,୨୯/୫ : ଆସନ୍ତା ୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ପ୍ରବଳ ଗରମ ଅନୁଭୂତ ହେବ । ଗ୍ରିନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ଓ ଏଲ୍-ନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ବଢ଼ିବାର ଆଶଙ୍କା ରହିଛି । ଆହୁରି ଭୟଙ୍କର ପ୍ରଚଣ୍ଡ ଜ୍ୱାଳା ଦେଖାଦେବ । ଆଉ ଏହା ସବୁ ବର୍ଷର ରେକର୍ଡକୁ ଅତିକ୍ରମ କରିବ । ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ପ୍ରଳୟଙ୍କାରୀ ଗ୍ରୀଷ୍ମ ପ୍ରବାହ ନେଇ ଚେତାବନୀ ଜାରି କରିଛି ବିଶ୍ୱ ପାଣିପାଗ ସଂଗଠନ ତଥା ଡବ୍ଲ୍ୟୁଏମଓ । ଜାତିସଂଘର ଏହି ସଂଗଠନର ରିପୋର୍ଟ ଅନୁସାରେ ୨୦୨୬ରୁ ୨୦୩୦ ମସିହା ମଧ୍ୟରେ ବିଶ୍ୱ ତାପମାତ୍ରା ୧.୯ ଡିଗ୍ରିରୁ ଅଧିକ ରହିବ ବୋଲି ୭୫ ପ୍ରତିଶତ ସମ୍ଭାବନା ରହିଛି । ଏପରିକି ବିଶ୍ୱବାସୀଙ୍କୁ ସର୍ବକାଳୀନ ରେକର୍ଡ ଭାଙ୍ଗିବା ଭଳି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସାମ୍ନା କରିବାକୁ ପଡିପାରେ । ୨୦୨୪ ମସିହା ସବୁଠାରୁ ଗରମର ବର୍ଷ ଥିଲା । କିନ୍ତୁ ଆସନ୍ତା ୫ ବର୍ଷରେ ଏହି ରେକର୍ଡ ଭାଙ୍ଗିବାର ୮୬ ପ୍ରତିଶତ ସମ୍ଭାବନା ରହିଛି ବୋଲି ଡବ୍ଲ୍ୟୁଏମଓ ପକ୍ଷରୁ କୁହାଯାଇଛି। ଆର୍କଟିକ ଅଞ୍ଚଳ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ପ୍ରାୟ ୩.୫ ଗୁଣ ଦ୍ରୁତ ଗତିରେ ଉଷ୍ମ ହେଉଛି। ୨୦୨୬ ରୁ ୨୦୩୦ ପର୍ଯ୍ୟନ୍ତ, ଆର୍କଟିକର ତାପମାତ୍ରା ହାରାହାରି ୧.୬୬ ଡିଗ୍ରି ସେଲସିୟସ୍ ବୃଦ୍ଧି ପାଇପାରେ। ବରଫ ସଙ୍କୁଚିତ ହେବା ସହିତ, ସମୁଦ୍ର ଅଧିକ ସୂର୍ଯ୍ୟକିରଣ ଶୋଷଣ କରୁଛି, ଫଳରେ ଉଷ୍ମତା ବୃଦ୍ଧି ପାଉଛି । ଏହି ଧାରା ଧିରେ ଧିରେ ବିକଶିତ ହେଉଥିବା ଜଣାପଡିଛି। ଶୀତଦିନେ ଆର୍କଟିକ ଆହୁରି ଉଷ୍ମ ହେବ, ଯାହା ବିଶ୍ୱ ଜଳବାୟୁକୁ ପ୍ରଭାବିତ କରିବ। ଜାତିସଂଘର ପରିବେଶ ବିଶେଷଜ୍ଞଙ୍କ ମତରେ ପୃଥୀବରେ ଅତ୍ୟଧିକ ମାତ୍ରାରେ ଗରମ ହେବାର ମୁଖ୍ୟତଃ ଦୁଇଟି କାରଣ ରହିଛି । ପ୍ରଥମ କାରଣ ହେଲା ଗ୍ରୀନହାଉସ୍ ଗ୍ୟାସର ଅନିୟନ୍ତ୍ରିତ ନିର୍ଗମନ, ଶିଳ୍ପାୟନ, ଜଙ୍ଗଲ କ୍ଷୟ, ଜୀବାଷ୍ମ ଇନ୍ଧନର ବହୁଳ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ କାର୍ବନ ଡାଇଅକ୍ସାଇଡ ଏବଂ ମିଥେନ ଭଳି କ୍ଷତିକାରଣ ଗ୍ୟାସ ଦ୍ରୁତ ଗତିରେ ବଢିବ । ଅନ୍ୟ ଏକ କାରଣ ହେଲା ଏଲ୍ ନିନୋର ପୁନରାବୃତ୍ତି । ତାପମାତ୍ରା ବୃଦ୍ଧି ମାନବ ସମାଜ ଓ ଅର୍ଥନୀତି ଉପରେ ସାଂଘାତିକ ପ୍ରଭାବ ପଡ଼ିବ ବୋଲି ଚେତାବନୀ ଦେଇଛି ଜାତିସଂଘ । ବିଶେଷ କରି ବହୁ ଦେଶରେ ହିଟୱେଭ୍ ବଢ଼ିବା ସହ ଏହା ଦୀର୍ଘ ସମୟ ଧରି ରହିବ। ମରୁଡ଼ି ସ୍ଥିତି ଦେଖାଦେବ । ପ୍ରବଳ ଗରମରୁ ଜଙ୍ଗଲରେ ନିଆଁ ଲାଗିବା ସମ୍ଭାବନା ଅଧିକ ରହିବ। କୃଷି, ଜୈବ ବିବିଧତା, ଜଳ ସମ୍ପଦ ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି ।

## ନିଟ୍-ୟୁଜି ୨୦୨୬ ମାମଲା: ଏନ୍‌ଟିଏକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,୨୯/୫ : ଦେଶର ସବୁଠାରୁ ବଡ଼ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍-ୟୁଜିରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ଅନିୟମିତତାକୁ ନେଇ ଆଜି ସୁପ୍ରିମକୋର୍ଟ ଜାତୀୟ ପରୀକ୍ଷା ସଂସ୍ଥା ଏନଟିଏକୁ ଭର୍ତ୍ସନା କରିଛନ୍ତି। ଆଜି ଏହି ମାମଲାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଭୋଗୁଥିବା ମାନସିକ ଅଶାନ୍ତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ କେବଳ ସାଂଗଠନିକ ବ୍ୟବସ୍ଥା ଉପରେ ଦୋଷ ଲଦି ଦେଲେ ଚଳିବ ନାହିଁ, ବରଂ ଏହି ବିଫଳତା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଦାୟୀ କରାଯିବା ଆବଶ୍ୟକ। ସୁପ୍ରିମକୋର୍ଟ ଏନ୍‌ଟିଏର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କ୍ରମାଗତ ପ୍ରଶ୍ନପତ୍ର ଲିକ୍ ଘଟଣା ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ବିପନ୍ନ ହେଉଛି। ◆◆ପୃଷ୍ଠା ୭

## ରାହୁଲ ଗାନ୍ଧୀ ଓ ଖର୍ଗେଙ୍କୁ ଭେଟିଲେ ସିଦ୍ଧରମୈୟା

ନୂଆଦିଲ୍ଲୀ, ୨୯/୫ (ନି.ପ୍ର): କର୍ଣ୍ଣାଟକର କାର୍ଯ୍ୟନିର୍ବାହୀ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଶୁକ୍ରବାର ଦିନ ଦିଲ୍ଲୀରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ପୃଥକ୍ ଭାବେ ଭେଟିଛନ୍ତି। ସିଦ୍ଧରମୈୟା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଲେଖିଛନ୍ତି ଯେ, 'ମୁଁ ଆଜି ଦିଲ୍ଲୀରେ ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖର୍ଗେଙ୍କୁ ଭେଟିଲି ଏବଂ ତାଙ୍କ ସହ କଥାବାର୍ତ୍ତା କଲି' । ଏହି ଅବସରରେ କର୍ଣ୍ଣାଟକର ଶକ୍ତି ମନ୍ତ୍ରୀ କେ. ଜେ. ଜର୍ଜ, କର୍ଣ୍ଣାଟକ ଗ୍ରାମୀଣ ବିକାଶ ଏବଂ ପଂଚାୟତରାଜ ମନ୍ତ୍ରୀ ପ୍ରିୟଙ୍କ ଖର୍ଗେ ଏବଂ ଡକ୍ଟର ଯତୀନ୍ଦ୍ର ସିଦ୍ଧରମୈୟା ମଧ ଉପସ୍ଥିତ ଥିଲେ।⁄ ଖର୍ଗେ ସୋସିଆଲ ମିଡିଆକୁ ଯାଇ ଲେଖିଛନ୍ତି, 'ସିଦ୍ଧରମୈୟାଙ୍କ ସାର୍ବଜନୀନ ଜୀବନରେ ସର୍ବଦା ମର୍ଯ୍ୟାଦା, କରୁଣା ଏବଂ ସାମାଜିକ ନ୍ୟାୟ ପ୍ରତି ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଏକ ସାଧାରଣ ଆରମ୍ଭରୁ ଦୁଇଥର କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ପର୍ଯ୍ୟନ୍ତ, ସେ ସମାନତା, ସୌହାର୍ଦ୍ଦ୍ୟ ଏବଂ ଅବହେଳିତଙ୍କ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାରେ ଅଟଳ ରହିଥିଲେ।

## ବିଷାକ୍ତ ମଦ ପିଇ ୧୨ ମୃତ: ଅନେକ ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ,୨୯/୫ : ମହାରାଷ୍ଟ୍ରର ପୁଣେରୁ ଆସିଛି ସାଂଘାତିକ ଘଟଣା। ପୁଣେ ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଦିଗ୍ଧ ବିଷାକ୍ତ ମଦ ପିଇ ଗତ ୨ ଦିନ ମଧ୍ୟରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସ୍‌ର କହିବା କଥା ଯେ ପୁଣେର ହାଦାପସାର ଓ ପିମ୍ପରି ଚିଞ୍ଚୱାଡ ଅନ୍ତର୍ଗତ ଫୁଗେୱାଡି ଅଞ୍ଚଳରୁ ବିଷାକ୍ତ ମଦ ମୃତ୍ୟୁ ମାମଲା ଆସିଛି। କିଛି ଲୋକ ମଦ ପିଇବା ପରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। କିନ୍ତୁ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଫରେନ୍ସିକ ଯାଞ୍ଚ ପରେ ସ୍ପଷ୍ଟ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ପିମ୍ପରି-ଚିଞ୍ଚୱାଡାର ଫୁଗେୱାଡି ଅଞ୍ଚଳରେ ସର୍ବାଧିକ ୭ ଜଣ ପ୍ରାଣ ହରାଇଥିବା ବେଳେ ହାଦାପସାରରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୧୦ରୁ ଅଧିକ ଲୋକ ଏହି ଦୁଇଟି ଅଞ୍ଚଳରୁ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଟ୍ରାଜେଡୀ ଫୁଗେୱାଡିର ଗୋଟିଏ ପରିବାରକୁ ସଂପୂର୍ଣ୍ଣ ବରବାଦ କରି ଦେଇଛି। କାରଣ ପରିବାରର ୨ ଜଣ ଭାଇ ବିଷାକ୍ତ ମଦ ପିଇ ପ୍ରାଣ ହରାଇଛନ୍ତି।

## ଓଡ଼ିଶାରେ ଅପରାଧୀଙ୍କୁ କଡ଼ା ଚେତାବନୀ ଆଇନ ଭଙ୍ଗିଲେ ଅନ୍ ଦ ସ୍ପଟ୍ ଆକ୍ସନ: ଡିଜିପି



ଭୁବନେଶ୍ୱର, ୨୯/୫ (ନି.ପ୍ର): ଓଡ଼ିଶାରେ ନାହିଁ ଅପରାଧୀଙ୍କ ସ୍ଥାନ। ଚାଲିଛି ଅପରାଧୀଙ୍କ ତାଲିକା ପ୍ରସ୍ତୁତି। ଅପରାଧୀଙ୍କ ବିରୋଧରେ ନିଆଯିବ କଡ଼ା ଆକ୍ସନ। ଆଇନ ଉଲ୍ଲଙ୍ଘନ ହେଲେ, ଅନ୍ ଦ ସ୍ପଟ୍ ହେବ ଆକ୍ସନ। ଏଭଳି କଡ଼ା ଚେତାବନୀ ଦେଇଛନ୍ତି ପୁଲିସ ଡିଜି। ୫ ହଜାର ୭ ଶହରୁ ଅଧିକ ଅପରାଧିଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। ମାଳ ମାଳ ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତଡିପାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦ ଜିଲ୍ଲାରେ ସାଇବର ଅପରାଧୀଙ୍କ ଉପରେ ରହିଛି ନଜର। ସରେଣ୍ଡର ନକଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିଜିପି ଚେତାବନୀ ଦେଇଛନ୍ତି।

## ଥାର୍ଡ ଡିଗ୍ରି ଅଭିଯୋଗକୁ ନେଇ ଥାନା ଆଗରେ ଗର୍ଜିଲେ ସାଧାରଣ ଜନତା: ଶତାଧିକ ଯାନବାହନ ଠପ୍



କଟକ, ୨୯/୫ (ନି.ପ୍ର): ପୁଲିସର ଥାର୍ଡ ଡିଗ୍ରି ବିରୋଧରେ କଟକ ଜିଲ୍ଲାବାରଙ୍ଗ ଥାନା ଅଞ୍ଚଳର ଚଣ୍ଡୀପ୍ରସାଦ ଗ୍ରାମବାସୀ ଗର୍ଜିଛନ୍ତି। ଜଣେ ଯୁବକଙ୍କ ନିସ୍ଥୁକ ମାଡ଼ ମାରିବା ବିରୋଧରେ ଗ୍ରାମବାସୀ ଏକତ୍ର ହୋଇ ବାରଙ୍ଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମବାସୀଙ୍କ ଏହି ଉତ୍ତେଜନା କାରଣରୁ ଭୁବନେଶ୍ୱର-କଟକ ରାସ୍ତାରେ ଯାତାୟତ ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟିକି ଯାଇଛି। ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ହଜାର ହଜାର ଲୋକ ହଇରାଣ ହେଉଛନ୍ତି। ବିକ୍ଷୋଭରେ ସାମିଲ ହୋଇଥିବା ଉତ୍ତେଜିତ ଲୋକଙ୍କୁ ପୁଲିସ ବୁଝାସୁଝା କରୁଛି। ସୂଚନା ଅନୁସାରେ ପୁଲିସ ଥାର୍ଡ ଡିଗ୍ରିରେ ଗୁରୁତର ହୋଇ ଚିକିତ୍ସାଧିନ ଥିବା ଚଣ୍ଡୀପ୍ରସାଦ ଗ୍ରାମର ରାକେଶ ବେହେରାର ମୃତ୍ୟୁ ହେଇଥିବା ଖବର ପାଇ ଶହଶହ ମହିଳା ଓ ପୁରୁଷ ଏକତ୍ର ହୋଇଥିଲେ। ଗ୍ରାମବାସୀ ବାରଙ୍ଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ◆◆ପୃଷ୍ଠା ୭

## ଜୁନ୍ ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୯/୫ (ନି.ପ୍ର): ଆସନ୍ତା ତା ୦୧.୦୬.୨୦୨୬ ରିଖ (ସୋମବାର) ଦିନ ସକାଳ ୮.୦୦ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ୟୁନିଟ-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା ୨୭.୦୪.୨୦୨୬ ରିଖରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀମାନେ ଏହି ତାରିଖରେ ନିଜର ଅଭିଯୋଗ ଜଣାଇପାରିବେ।

## ଆଜିଠାରୁ ରାଜ୍ୟରେ ଏସଆଇଆର: ଘର ଘର ବୁଲିବେ ବିଏଲଓ




ଭୁବନେଶ୍ୱର, ୨୯/୫ (ନି.ପ୍ର): ଆସନ୍ତାକାଲି ଠାରୁ ରାଜ୍ୟରେ ଏସଆଇଆର। ଜୁନ ୨୮ ଯାଏଁ ଚାଲିବ ଏସଆଇଆର। ଘର ଘର ବୁଲିବେ ବିଏଲଓ। ଏଥିପାଇଁ ବିଏଲଓଙ୍କୁ ଦିଆଯାଇଛି ଟ୍ରେନିଂ। ସାମ୍ବାଦିକ ସମ୍ମିଳନୀ କରି ଏସ୍ଆଇଆର ନେଇ ତଥ୍ୟ ରଖିଲେ ମୁଖ୍ୟ ନିର୍ବାଚନ ଅଧିକାରୀ। ରାଜ୍ୟରେ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଘର ବୁଲି ଗଣନା କରିବେ ବିଏଲଓ। ୪୫ ହଜାର ୨୫୫ ବ୍ଲକ ଲେବୁଲ୍ ଅଫିସର ନିଯୁକ୍ତି ହୋଇଛନ୍ତି। ଏହାସହ ୩୧ ହଜାର ୨୬ ବୁଥ ଲେବୁଲ ଏଜେଣ୍ଟ ମଧ ଦେଇଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ୩ଟାରୁ ୫ଟା ବୁଥ୍‌ରେ ଉପସ୍ଥିତ ରହିବେ ବିଏଲ୍ଓ। ସକାଳେ ଘର ଘର ବୁଲି ଗଣନା କରିବେ। ୯୫ ପ୍ରତିଶତ ଅର୍ଥାତ ୩ କୋଟି ୧୬୩ ହଜାର ୩୨୩ ଜଣ ଭୋଟରଙ୍କ ମ୍ୟାପିଙ୍ଗ ସରିଛି। ୧୭ ପ୍ରତିଶତ ଲଜିକାଲ ଏରର ବାହାରିଛି। ◆◆ପୃଷ୍ଠା ୭

## ୩ ମାସ ମଧ୍ୟରେ ରାୟ ଦେବାକୁ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟର ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୯/୫ : ଶୁକ୍ରବାର ସୁପ୍ରିମ୍‌କୋର୍ଟ ସମସ୍ତ ହାଇକୋର୍ଟଙ୍କୁ କହିଛନ୍ତି ଯେ ସଂରକ୍ଷିତ ରଖିବାର ୩ ମାସ ମଧ୍ୟରେ ରାୟ ଶୁଣାଇବାକୁ ହେବ। କାରଣ ରାୟ ଶୁଣାଇବାରେ ବିଳମ୍ବ ହେଲେ ମକଦ୍ଦମାକାରୀଙ୍କ ପାଇଁ ଅପୂରଣୀୟ କ୍ଷତି ଘଟୁଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟକ୍ତିଗତ ସ୍ୱାଧୀନତା ସହ ଜଡିତ ମାମଲାରେ ଶୀଘ୍ର ନିଷ୍ପତ୍ତି ନେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଜାମିନ ଆବେଦନ ଉପରେ ସେହି ଦିନ ନିଷ୍ପତ୍ତି ନିଆଯିବା ଉଚିତ। ଯଦି ଆଦେଶ ସଂରକ୍ଷିତ ଅଛି, ତେବେ ସେଗୁଡିକ ପରଦିନ ସୁଦ୍ଧା ଶୁଣାଇବା ଓ ଅପଲୋଡ୍ ହେବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ ଆହୁରି କହିଛନ୍ତି ଯେ ଜାମିନ ପ୍ରଦାନ କିମ୍ବା ଦଣ୍ଡ ସ୍ଥଗିତ ରଖିବାର ନିର୍ଦ୍ଦେଶ ତୁରନ୍ତ ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ। ବିଚାରାଧୀନ କଏଦୀ କିମ୍ବା ଦୋଷୀଙ୍କୁ ମୁକ୍ତ କରିବାର ଥିଲେ ସେହି ଦିନ କିମ୍ବା ପରଦିନ ମୁକ୍ତ କରାଯିବା ଉଚିତ। ସମ୍ବିଧାନର ଧାରା ୧୪୨ ଅନୁଯାୟୀ ଅସାଧାରଣ କ୍ଷମତା ବ୍ୟବହାର କରି ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଯଦି କେବଳ ରାୟର କାର୍ଯ୍ୟକାରୀ ଅଂଶ ଶୁଣାଯାଏ, ତେବେ ସମ୍ପୂର୍ଣ୍ଣ ରାୟ ୧୫ ଦିନ ମଧ୍ୟରେ ଅପଲୋଡ୍ କରାଯିବା ଆବଶ୍ୟକ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଯଦି ଆଦେଶ ସଂରକ୍ଷଣର ଚାରି ମାସ ମଧ୍ୟରେ ରାୟ ନ ଦିଆଯାଏ, ତେବେ ପକ୍ଷମାନେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରସ୍ଥ ହୋଇ ଅନ୍ୟ ଖଣ୍ଡପୀଠକୁ ଏହି ମାମଲା ହସ୍ତାନ୍ତର କରିପାରିବେ। ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେତେବେଳେ ଖୋଲା କୋର୍ଟରେ ଯୁକ୍ତିଯୁକ୍ତ ରାୟ ଶୁଣାଯାଏ, ତାହା ୨୪ ଘଣ୍ଟା ମଧ୍ୟରେ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବା ଆବଶ୍ୟକ।

## ବିଭାଜନକାରୀ ରାଜନୀତିକୁ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି: ମାନ



ନୂଆଦିଲ୍ଲୀ,୨୯/୫ : ପଞ୍ଜାବ ପୌର ନିର୍ବାଚନରେ ଆମ୍ ଆଦମୀ ପାର୍ଟି (ଆପ୍)ର ବଡ଼ ବିଜୟ ହୋଇଛି। ଗଣତି ଜାରି ରହିଥିବା ବେଳେ ଶାସକ ଆପ୍ ୧,୯୭୭ ୱାର୍ଡରୁ ୮୬୦ରୁ ଅଧିକ ୱାର୍ଡରେ ବିଜୟୀ ହୋଇଥିବା ବେଳେ ଅନେକ ୱାର୍ଡରେ ଆଗୁଆ ରହିଛି। ଚଣ୍ଡୀଗଡ଼ରେ ଗଣମାଧ୍ୟମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କହିଛନ୍ତି ଯେ ଗତ ସାଢ଼େ ଚାରି ବର୍ଷ ମଧ୍ୟରେ ଆପ୍ ସରକାର ଦ୍ୱାରା କରାଯାଇଥିବା ବିକାଶମୂଳକ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମର୍ଥନକୁ ଏହି ଫଳାଫଳ ଦର୍ଶାଉଛି। ମାନ କହିଛନ୍ତି, ପଞ୍ଜାବର ଲୋକମାନେ ଘୃଣାର ରାଜନୀତିକୁ ଘୃଣା କରିଛନ୍ତି ଏବଂ ବିକାଶମୂଳକ ରାଜନୀତିକୁ ସମର୍ଥନ କରିଛନ୍ତି। ବିଭାଜନକାରୀ ରାଜନୀତିରେ ଲିପ୍ତ ଥିବା ଦଳଗୁଡ଼ିକୁ ସେମାନେ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ସେ କହିଛନ୍ତି। ରାଜନୈତିକ ସମୀକ୍ଷକମାନଙ୍କୁ ସମାଲୋଚନା କରି ମାନ କହିଛନ୍ତି ଯେ, ଏହି ନିର୍ବାଚନକୁ ୨୦୨୭ ବିଧାନସଭା ନିର୍ବାଚନ ପୂର୍ବରୁ 'ସେମିଫାଇନାଲ୍' ବୋଲି କୁହାଯାଉଛି। ଆମ ସରକାରଙ୍କ ସାଢ଼େ ଚାରି ବର୍ଷ ପରେ ଯଦି ଲୋକଙ୍କ ମନୋଭାବ ଏପରି ହୁଏ, ତେବେ ୨୦୨୭ ବିଧାନସଭା ନିର୍ବାଚନର ଫଳାଫଳ କ'ଣ ହେବ ତାହା ବୁଝିହେଉଛି। ଚୂଡ଼ାନ୍ତ ଫଳାଫଳ ଘୋଷଣା ହେବା ପରେ ଆପ୍ ୧,୦୦୦ ୱାର୍ଡ ଅତିକ୍ରମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେପିକୁ ଟାର୍ଗେଟ୍ କରି ମାନ ଏହାକୁ 'ଇଡି ପାର୍ଟି' ବୋଲି କହିବା ସହ ଆପ୍ ନେତା ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ୍ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସେମାନେ ଆମର ସାତ ଜଣ ରାଜ୍ୟସଭା ସଦସ୍ୟଙ୍କୁ ନିଜ ପାଖକୁ ନେଇଥିଲେ ଏବଂ ଆପ୍ ଭାଙ୍ଗିଯିବ ବୋଲି ଏକ କାହାଣୀ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। ◆◆ପୃଷ୍ଠା ୭

# ମା' ଗୃହ ପ୍ରତିଷ୍ଠା ଦିବସରେ 'ବିକଶିତ ଓଡିଶା ୨୦୩୬ ପାଇଁ ମା' ଗୃହର ଭୂମିକା' ଶୀର୍ଷକ ଆଲୋଚନା

କନ୍ଧମାଳ, ୨୯/୦୫ (ନି.ପ୍ର): ବିକଶିତ ଭାରତ ପରିପ୍ରେକ୍ଷୀରେ ୨୦୩୬ ମସିହାରେ ବିକଶିତ ଓଡ଼ିଶା ଗଠନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ ସେ ମଧ୍ୟରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି। ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳଗୁଡ଼ିକରେ ଗର୍ଭବତୀଙ୍କ କ୍ଷେତ୍ରରେ ରକ୍ତହୀନତା କମାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢ଼ାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା' ଗୃହ ସ୍ଥାପନ କରାଯାଇଛି। ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' କନ୍ଧମାଳଙ୍କ ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଟିକାବାଲି ବ୍ଲକର ଛତିଝାର ଠାରେ ଏକ ମା' ଗୃହ ପରିଚାଳିତ ହୋଇଆସୁଛି। ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ବିକଶିତ ଓଡ଼ିଶା ୨୦୩୬ ପାଇଁ ମା' ଗୃହର ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଆୟୋଜନ କରିଥିଲେ। ଏହି ଆଲୋଚନାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ଶିଶୁବିକାଶ ଅଧିକାରୀ ସୁନିତାରାଣୀ ଦାସ ଉପସ୍ଥିତ ରହି ୨୦୩୬ ମସିହାରେ ବିକଶିତ ଓଡ଼ିଶା ଦେଖିବା ପାଇଁ ହେଲେ ସମସ୍ତ ପରିବାରର ସମସ୍ତ ବ୍ୟକ୍ତି ସ୍ୱାସ୍ଥ୍ୟ ଓ ପୋଷଣ ସେବା ପାଇବାର ଆବଶ୍ୟକତା ଅଛି ବୋଲି କହିବା ସହିତ ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡ଼ିର ସ୍ୱାସ୍ଥ୍ୟସେବିକା/ସେବକମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଟିକାବଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠି ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜ୍ୟୋତିରଞ୍ଜନ ଜେନା ଯୋଗଦେଇ ମା' ଗୃହ ପ୍ରତିଷ୍ଠାରେ ସରକାରଙ୍କ ଲକ୍ଷ୍ୟ ଓ ଉଦେଶ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇ ଥିଲେ ଓ ଅଧିକରୁ ଅଧିକ ଗର୍ଭବତି ମହିଳା ଏହି ସେବା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅନୁଷ୍ଠାନରେ ପ୍ରସବ କରାଇବାକୁ ସଠିକ୍ ସମୟ ପୁର୍ବରୁ ମା' ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ। ସ୍ୱାତୀ ଅନୁଷ୍ଠାନର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମାଣ୍ଡିଆରୁ ମିଳୁଥିବା ପୋଷଣ କିପରି ଗର୍ଭବତୀ ଓ ପ୍ରସୂତିଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ସେ ବିଷୟରେ ବୁଝାଇଥିଲେ ଓ ରକ୍ତହୀନତାକୁ ଦୂରେଇବା ପାଇଁ ସନ୍ତୁଳିତ ଆହାର ଖାଇବା ସହ ଦୁଇଟି ସନ୍ତାନ ମଧ୍ୟରେ ଅନ୍ୟୁନ ତିନିବର୍ଷର ଅନ୍ତର ରଖିବାକୁ ଆହ୍ୱାନ ଦେଇଥିଲେ। ତାଙ୍କର କହିବା ଅନୁଯାୟୀ ଆଜିପର୍ଯ୍ୟନ୍ତ ଏହି ଟିକାବାଲି ମା ଗୃହରେ ଆଡ୍‌ମିଶନ୍ ନେଇ ୨୧୧୨ ଜଣ ଗର୍ଭବତୀ ସେବା ପାଇଛନ୍ତି। ସେବା ପାଇଥିବା ମା'ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା'ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ। ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠି କାର୍ଯ୍ୟକ୍ରମ ପରିଚାଳକ ରଶ୍ମିରଞ୍ଜନ ତ୍ରିପାଠୀ, ପି.ଏଚ୍.ଇ.ଓ. ରକ୍ତିମା ପ୍ରଧାନ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଟିକାବାଲି ରୁନୁମା କହଁର, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ପାବୁରିଆ ଅଞ୍ଜଳି ଦିଗାଲ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଟିକାବାଲିର ମହିଳା ପରିଦର୍ଶିକା ମଞ୍ଜୁଲତା ବେହେରା ଓ ମମତା ଦେଇ ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢ଼ାଇବା ପାଇଁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛିବୋଲି କହିଥିଲେ। ଅନୁଷ୍ଠାନ ତରଫରୁ ବରିଷ୍ଠ କର୍ମୀ ଗିରିଶ ଚନ୍ଦ୍ର ସାମଲ ସଭା ପରିଚାଳନା କରିଥିବାବେଳେ ରାମେଶ୍ୱରୀ ଦିଗାଲ, ସୁନେମିୟା ଦିଗାଲ, ସ୍ନେହଲତା ପ୍ରଧାନ, ନିରୁପମା ନାୟକ, ସସ୍ମିତା ବେହେରା, ଶିବାନୀ କହଁର ଓ ସ୍ୱାତୀ ଶ୍ରୀ ଅନ୍ନ ପ୍ରକଳ୍ପ କର୍ମୀ କୁସ ସାନସେଠ୍ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଆଶା ଓ ଅଙ୍ଗନୱାଡ଼ୀ କର୍ମୀ, ମହିଳା/ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପ୍ରସୂତି ଓ ଗର୍ଭବତୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଶିବିର ଉଦ୍‌ଯାପିତ

ମାଲକାନଗିରି, ୨୯/୦୫ (ନି.ପ୍ର): ମାଲକାନଗିରି ଜନତା ପାର୍ଟି (ବିଜେପି) ପକ୍ଷରୁ ମାଲକାନଗିରି ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲ୍ଲାସ୍ତରୀୟ ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ ଆଜି ସମାପନ ହୋଇଛି । ଭାଜପା ସଙ୍ଗଠନ କୁ ତୃମୂଳସ୍ତରରେ ଅଧିକ ମଜବୁତ୍ କରିବା ଓ ବୁଥସ୍ତର ରୁ ସକ୍ରିୟ କରବା ପାଇଁ ଏହି ପ୍ରଶିକ୍ଷଣ ବା ତାଲିମ ଶିବିର ଆୟୋଜିତ ହୋଇଥିଲା । ପ୍ରଶିକ୍ଷଣ ଶିବିର କୁ ମୁଖ୍ୟ ଅତିଥି ତଥା ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଦୁଇ ଦିନିଆ ଶିବିରରେ ଜିଲ୍ଲା ସଭାପତି, ସାଂସଦ, ବିଧାୟକ, ଦଳୀୟ ନେତା ଓ ସମସ୍ତ ମଣ୍ଡଳର କର୍ମୀ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ବିଷୟ ଗୁଡିକ ହେଲା ଭାରତୀୟ ଜନତା ପାର୍ଟିର ଇତିହାସ ଓ ବିଚାରଧାରା,ବୈଚାରିକ ଅଧିଷ୍ଠାନ ଓ ଦଳୀୟ ରୀତିନୀତି, ବୁଥ୍ ପ୍ରବନ୍ଧନ ଓ ସଂଗଠନ, ସୁଦୃଢ଼ୀକରଣ ସାମାଜିକ ଗଣମାଧ୍ୟମର ସଠିକ୍ ବ୍ୟବହାର, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକାର୍ଯ୍ୟ ବିସ୍ତାର ଏବଂ କାର୍ଯ୍ୟକର୍ତାଙ୍କ ଭୂମିକା ଭଳି ୧୨ଟି ସୂତ୍ର ରହିଥିବା ବେଳେ ଏହି ସମସ୍ତ ବିଷୟ ଉପରେ ରାଜ୍ୟରୁ ଆସିଥିବା ଅଭିଜ୍ଞ ପ୍ରଶିକ୍ଷକମାନେ କାର୍ଯ୍ୟକର୍ତାମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରମୁଖ ଅତିଥି ଓ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ରାଜନେତା ଓ ଦଳୀୟ ପଦାଧିକାରୀ ସାମିଲ ହୋଇଥିଲେ। ଜିଲ୍ଲା ସଭାପତି ଅଶୋକ ପରିଡା, ସାଂସଦ ବଳଭଦ୍ର ମାଝୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡି, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସାଂସଦ ପଶୁରାମ ମାଝୀ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ବିଧାୟକ ଡ଼ମ୍ବୁରୁ ଶୀଶା ପ୍ରମୁଖ ଯୋଗ ଦେଇଥିଲେ । ବିଧାୟକ ପ୍ରତିନିଧି ନିହାର ରାୟ କାର୍ଯ୍ୟକ୍ରମ ପରିଚାଳନା ସହ ଏହି ସମଗ୍ର ପ୍ରଶିକ୍ଷଣ ଶିବିରକୁ ସଫଳ କରିବାରେ ଜିଲ୍ଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ, ନବଘନ ଲୋକେଇ ସହଯୋଗ କରି କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା କରିଥିଲେ । ପରିଶେଷରେ ଦଳୀୟ ରଣନୀତି ଉପରେ ଆଲୋକପାତ କରି କର୍ମୀଙ୍କୁ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା ଯେ, ଲୋକଙ୍କ ସହ ଯୋଡ଼ିହେବା ସହ ପ୍ରତ୍ୟେକ କର୍ମୀ ଗ୍ରାମାଚଂଳକୁ ଯାଇ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିବା, ଲୋକଙ୍କ ସମସ୍ୟା ଚିହ୍ନଟ କରି ତୁରନ୍ତ ତା'ର ସମାଧାନ ପାଇଁ ଚେଷ୍ଟା କରାଯିବ। ଯୋଜନାର ପ୍ରଚାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଂଚାଇବାକୁ କୁହାଯାଇଛି ।

# ବେଦାନ୍ତ ଆଲୁମିନିୟମ ମେଗା ପ୍ଲାଂଟର ଶକ୍ତି ବୃଦ୍ଧି

ଝାରସୁଗୁଡା, ୨୯/୦୫ (ନି.ପ୍ର):ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଟ ଝାରସୁଗୁଡାର ବେଦାନ୍ତ ଆଲୁମିନିୟମରେ ଲଜିଷ୍ଟିକ୍ସକୁ ଏକ ମେଗା ସ୍କେଲରେ ଉତ୍ପାଦନ ବଜାୟ ରଖିବା ପାଇଁ ଏକ ନିରନ୍ତର, ଉଚ୍ଚ-ଭଲ୍ୟୁମ୍ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସିଷ୍ଟମ୍ ମାଧ୍ୟମରେ ସ୍ଥାନିତ କରାଯାଇଛି । ପ୍ରତିବର୍ଷ, ଆଲୁମିନା ଭଳି କଂଚା ଇନପୁଟ୍, ବିଲେଟ୍ ଏବଂ ଇନଗଟ୍ ଭଳି ସମାପ୍ତ ସାମଗ୍ରୀ ଏବଂ ଉପ-ଉତ୍ପାଦ ସମେତ ପ୍ରାୟ ୨୮ ନିୟୁତ ଟନ୍ ସାମଗ୍ରୀ ଏକ ଦୃଢ଼ ଭାବରେ ସମନ୍ୱିତ ଲଜିଷ୍ଟିକ୍ସ ନେଟୱାର୍କ ମାଧ୍ୟମରେ ଗତି କରିଥାଏ । ରେଳ ଏହି ସିଷ୍ଟମର ଏକ ମେରୁଦଣ୍ଡ ଅଟେ । ପ୍ଲାଂଟକୁ ଏବଂ ପ୍ଲାଂଟରୁ ପ୍ରାୟ ୫୫ ପ୍ରତିଶତ ସାମଗ୍ରୀ ରେଳ ଦ୍ୱାରା ପରିବହନ କରାଯାଏ, ଯାହାକୁ ବଡ଼ ଶିଳ୍ପ ଲଜିଷ୍ଟିକ ପାଇଁ ସବୁଠାରୁ ଦକ୍ଷ ଏବଂ ନିର୍ଭରଯୋଗ୍ୟ ମୋଡ୍ ଭାବରେ ବିବେଚନା କରାଯାଏ । ଏହା ସ୍ଥିର ପ୍ରବାହ, ଦ୍ରୁତ ପରିବର୍ତନ ଏବଂ ପ୍ରତି ଟନ୍ ପ୍ରତି କମ୍ ନିର୍ଗମନ ସୁନିଶ୍ଚିତ କରିବା ସହିତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍ଥାୟୀତ୍ୱ ଉଭୟକୁ ସୁଦୃଢ଼ କରିଥାଏ । ଆର୍ଥିକ ବର୍ଷ ୨୬ ରେ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଂଟ ଦ୍ୱାରା ୫,୦୦୦ ରୁ ଅଧିକ ରେଳ ରେକ୍ ପରିଚାଳନା କରାଯାଇଥିଲା କ୍ଷ ପ୍ରାୟତଃ ସର୍ବାଧିକ ପିକ୍ ପିରିୟଡ୍ ସମୟରେ ଗୋଟିଏ ମାସ ମଧ୍ୟରେ ପ୍ରାୟ ୫୦୦ ରେକ୍ ପରିଚାଳନା କରାଯାଇଥିଲା । ସମ୍ବଲପୁର, ଚକ୍ରଧରପୁର ଏବଂ ବିଳାସପୁର ଭଳି ପ୍ରମୁଖ ରେଳ ଡିଭିଜନ ସହିତ ସଂଯୁକ୍ତ ଯାହା ଏହାକୁ ପୂର୍ବ ତଟ ଜୋନରେ ଭାରତୀୟ ରେଳବାଇର ସର୍ବବୃହତ ମାଲ ଗ୍ରାହକ କରିଥାଏ । ପ୍ଲାଣ୍ଟର ନେଟୱାର୍କ ସମନ୍ୱିତ ସାଇଡିଂ, ଇନ-ହାଉସ୍ ଲୋକୋମୋଟିଭ୍ ଏବଂ ସ୍ୱତନ୍ତ୍ର ରେଇଡ଼ିକୁ ଏକ ସମନ୍ୱିତ ସିଷ୍ଟମରେ ସଂଯୁକ୍ତ କରିଥାଏ । ରେଳ ବ୍ୟତୀତ, ବେଦାନ୍ତ ଆଲୁମିନିୟମର ଲଜିଷ୍ଟିକ୍ ଶକ୍ତି ସାମୁଦ୍ରିକ ବାଣିଜ୍ୟରେ ବିସ୍ତାରିତ । ଓଡ଼ିଶାର ପାରାଦୀପ ବନ୍ଦରରେ, କମ୍ପାନୀ ଏକ ଅତ୍ୟନ୍ତ ଦକ୍ଷ ରପ୍ତାନି ଚ୍ୟାନେଲ ପରିଚାଳନା କରେ ଯାହା ଏହାକୁ ୬୦ରୁ ଅଧିକ ଦେଶରେ ଗ୍ରାହକମାନଙ୍କୁ ସେବା ଯୋଗାଇବାକୁ ସକ୍ଷମ କରିଥାଏ । ବନ୍ଦରରୁ ସର୍ବବୃହତ କଂଟେନର କାର୍ଗୋ ରପ୍ତାନିକାରୀ ଭାବରେ ଉଭା ହୋଇଥାଏ। ଏହି ଅବସରରେ ସି. ଚନ୍ଦ୍ର, ସିଇଓ – ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ପରିମାଣରେ ସାମଗ୍ରୀର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ପରିବହନକୁ ସମର୍ଥନ କରିବା ପାଇଁ ଆମର ଲଜିଷ୍ଟିକ୍ସ ଏବଂ ଭିତିଭୂମି କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛୁ। ଆମର ସମନ୍ୱିତ, ରେଳ-ନେତୃତ୍ୱାଧୀନ ଲଜିଷ୍ଟିକ୍ସ ନେଟୱାର୍କ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ପରିବର୍ତନ ସମୟକୁ ଉନ୍ନତ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୬୦ରୁ ଅଧିକ ଦେଶକୁ ଯୋଗାଣ କରୁଥିବା ବିଶ୍ୱର ପ୍ରମୁଖ ଆଲୁମିନିୟମ ଉତ୍ପାଦକମାନଙ୍କ ମଧ୍ୟରୁ ଜଣେ ଭାବରେ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସ୍ଥାୟୀ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ନିର୍ମାଣ ଆମର ଦୀର୍ଘକାଳୀନ ସ୍ଥାୟୀତ୍ୱ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ସହିତ ବିଶ୍ୱ ଗ୍ରାହକମାନଙ୍କୁ ନିରନ୍ତର ସେବା କରିବାର ଆମର କ୍ଷମତାର କେନ୍ଦ୍ରବିନ୍ଦୁ।"

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଘୋଷିତ

କନ୍ଧମାଳ, ୨୯/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀର ୨୦୨୫-୨୬ ଶିକ୍ଷା ବର୍ଷର ସ୍ନାତକ ଓ ସ୍ନାତକୋତର ଶେଷ ସେମିନଷ୍ଟାର ପରୀକ୍ଷା ଫଳ ଆଜି ମହାବିଦ୍ୟାଳୟ ପରୀକ୍ଷା ବିଭାଗ ଠାରେ ପ୍ରକାଶିତ ହୋଇଯାଇଛି । ସ୍ନାତକ କଳା ବିଭାଗରେ ୮୬. ୮୮ପ୍ରତିଶତ, ବିଜ୍ଞାନ ବିଭାଗରେ ୮୬. ୦୯ ପ୍ରତିଶତ, ବାଣିଜ୍ୟ ବିଭାଗ ରେ ୬୭. ୬୪ ପ୍ରତିଶତ ଏବଂ ସେଲ୍ଫ ଫାଇନାସିଙ୍ଗ ବିସିଏ ବିଭାଗରେ ୯୬. ୩୦ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି କ୍ଷ ମୋଟ ୮୫ ସତକଡାଛାତ୍ର ଛାତ୍ରୀ ସ୍ନାତକ ପାଠ୍ୟକ୍ରମରେ ଉତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗରେ ରାଜନୀତି ବିଜ୍ଞାନରେ ଛାତ୍ରୀ ମନୀଷା ସାହୁ ୮. ୭୬ ସିଜି ପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି ।

ସେହିପରି ବିଜ୍ଞାନ ବିଭାଗର ଜିବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ବାଣିଜ୍ୟ ବିଭାଗରେ ଶୁଭ୍ରାଂଶୁ ଶେଖର ସାହୁ ୮. ୭୧ସିଜି ପିଏ ରଖି ଏବଂ ବିସିଏ ବିଭାଗରେ ରଞ୍ଜନା ପ୍ରଧାନ ୮.୯୬ ସିଜି ପି ଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ଜୀବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି । ସେହିପରି ସ୍ନାତକୋତର କଳା ବିଭାଗରେ ୯୩.୨୪ ପ୍ରତିଶତ, ବିଜ୍ଞାନ ବିଭାଗ ରେ ୯୧. ୯୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ଉତୀର୍ଣ୍ଣ ହୋଇଛନ୍ତି କ୍ଷ ସର୍ବ ମୋଟ ୯୩ପ୍ରତିଶତ ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗରେ ନୃତତ୍ୱ ବିଭାଗରେ ମଧୁସ୍ମିତା ବେହେରା ୯.୧୧ ସିଜି ପି ଏ, ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖିଥିବା ବେଳେ ବାଣିଜ୍ୟ ବିଭାଗ ରେ ଚନ୍ଦନ କୁମାର ପୃଷ୍ଟି ୯.୦୫ ସିଜିପି ଏ ରଖି ଶ୍ରେଷ୍ଠ ସ୍ନାତକୋତର ହୋଇଛନ୍ତି । ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯.୩୨ ସିଜିପିଏ ରଖି ଚଳିତ ବର୍ଷ ପାଇଁ ମହାବିଦ୍ୟାଳୟ ର ଶ୍ରେଷ୍ଠ ସ୍ନାତକୋତର ଛାତ୍ରୀ ବିବେଚିତ ହୋଇଛନ୍ତି । ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ. ଏନ ତନ୍ମୟ କୁମାରଙ୍କ ଅଧ୍ୟକ୍ଷତା ରେ ପରୀକ୍ଷା ନିୟନ୍ତ୍ରକ ଡ଼ଃ. ପ୍ରିୟବ୍ରତ ପଟ୍ଟନାୟକ ଏବଂ ପରୀକ୍ଷା କମିଟି ସଭ୍ୟ ଶ୍ରୀ ମୁରଲୀ ଧର ସେଠୀ ଏବଂ ଶ୍ରୀ ସୁକାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଉକ୍ତ ଫଳାଫଳ ଘୋଷଣା କରାଗଲା । ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ. ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ସମସ୍ତ କର୍ମଚାରୀ ଉତୀର୍ଣ୍ଣେ ଶୁଭେଚ୍ଛା ଜଣାଇବା ସହ ଛାତ୍ର ଛାତ୍ରୀଙ୍କ ଉର୍ଣ୍ଣତି ଓ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ହେଲେଇ କୁଆଁରୀ ସ୍ଥିତ ପଥର କ୍ରସରକୁ ସିଲ୍ କଲା ପ୍ରଶାସନ

ସମ୍ବଲପୁର, ୨୯/୦୫ (ନି.ପ୍ର): ଚାରମାଳ ଥାନା ଅନ୍ତର୍ଗତ ହେଲେଇ କ୍ରସର କୁଆରୀ ପରିସରରେ ବିଦ୍ୟୁତ୍ ସଂଯୋଗରେ ଗତ ବୁଧବାର ଜନୈକ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏସମ୍ପର୍କରେ ହେଲେଇ ଓ ଆଖପାଖ ଅଂଚଳର ଲୋକେ ତୁରନ୍ତ ଏହି କ୍ରସରକୁ ବନ୍ଦ୍ କରିବା ପାଇଁ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଥିଲେ। ରେଢ଼ାଖୋଲ ବିଡ଼ିଓ, ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ସମ୍ପୃକ୍ତ କ୍ରସରର ମାଲିକକୁ ଘଟଣାସ୍ଥଳରେ ପହଂଚିବା ପାଇଁ ଖବର କରିଥିଲେ ମଧ୍ୟ ସେ ଆସିନଥିଲେ। ଆଂଚଳିକ ସୁରକ୍ଷା ଓ ଗ୍ରାମବାସୀଙ୍କ ଦାବିକୁ ସର୍ବାଧିକ ଗୁରୁତ୍ୱ ଦେଇ ଗୁରୁବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳ ଏହି ପଥର କ୍ରସରକୁ ସିଲ୍ କରିଥିବା ଜଣାପଡିଛି। ସୂଚନାନୁସାରେ ଗତ କାଲିର ଦୁଃଖଦ ଅଘଟଣ ପୂର୍ବରୁ ମଧ୍ୟ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିଲା। ଏପରିକି ପଥର ବ୍ଲାଷ୍ଟିଙ୍ଗ ବେଳେ ଶକ୍ତିଶାଳୀ ଡିନାମାଇଟ୍ ବ୍ୟବହାର ଯୋଗୁଁ ହେଲେଇ ଓ ଆଖପାଖ ଗ୍ରାମାଂଚଳର ବହୁ ଘରବାଡ଼ି ପ୍ରଭାବିତ ହେଉଛି। ଏପରିକି ଗତ କିଛି ମାସ ତଳେ ଦୁଇ ଜଣଙ୍କ ଘର ଭାଙ୍ଗିଥିବା ଯୋଗୁଁ ସେମାନେ କ୍ରସର ମାଲିକଙ୍କୁ କ୍ଷତି ପୂରଣ ସମ୍ପର୍କରେ ଗୁହାରି କରିଥିଲେ, ମାତ୍ର କ୍ରସର ମାଲିକ କ୍ଷତିପୂରଣ ପରିବର୍ତ୍ତେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ମଧ୍ୟ ଶୁଣିବାକୁ ମିଳୁଛି। ଆଜି ରେଢ଼ାଖୋଲ ପ୍ରଶାସନ ପକ୍ଷରୁ ଏହି କ୍ରସରକୁ ସିଲ୍ କରାଯିବା ପରେ ସ୍ଥାନୀୟ ଲୋକେ ବେଶ୍ ଆଶ୍ୱସ୍ତ ପ୍ରକାଶ କରିଛନ୍ତି ।

# ବୌଦ୍ଧ ଜିଲ୍ଲାରେ କେମିତି ଚାଲିଛି ସଡକ ସୁରକ୍ଷା: ଚଳିତ ବର୍ଷ ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ ଜଣଙ୍କ ମୃତ୍ୟୁ

ବୌଦ୍ଧ, ୨୯/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲାରେ ସଡ଼କ ସୁରକ୍ଷା କମିଟି କରୁଛି କଣ ? ବୌଦ୍ଧ ଜିଲାରେ କେମିତି ଚାଲିଛି ସଡକ ସୁରକ୍ଷା ? ଜିଲ୍ଲାରେ ଚଳିତ ବର୍ଷ ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି । ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହେଉଛି ସତ ମାତ୍ର ଗୃହୀତ ହେଉଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଉନାହିଁ । ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଜୀବନ ସୁରକ୍ଷିତ ରଖିବା ଆମର ପ୍ରାଥମିକତା ହେବ ବୋଲି ଜିଲ୍ଲାପାଳ କହୁଛନ୍ତି ମାତ୍ର ପ୍ରକୃତ ପକ୍ଷେ ତାହା ଦେଖାଯାଉନାହିଁ କ୍ଷ ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ମୋଟର ଭେହିକିଲ୍ ଆଇନ୍ ଅନୁଯାୟୀ ଜୋରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ପୂର୍ବତନ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ଏନେଇ ମିଳିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଂଚଳିକ ପରିବହନ ଅଧିକାରୀ ସୁଶମା ସାହୁ ସମସ୍ତଙ୍କୁ ସ୍ୱାଗତ କରି ପାୱାର ପଏଣ୍ଟ ମାଧ୍ୟମରେ ବିଭାଗର କାର୍ଯ୍ୟାବଳୀ ପ୍ରଦର୍ଶନ କରିଥିଲେ । ଜିଲ୍ଲାପାଳ କହିଲେ ଯେ, ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଜୀବନ କିଭଳି ସୁରକ୍ଷିତ ରହିବ ଏହା ଆମର ପ୍ରାଥମିକତା ହେବା ଉଚିତ । ସମସ୍ତ ୨ଚକିଆ ଯାନ ଚାଳକ ନିଶ୍ଚିତ ଭାବରେ ହେଲମେଟ ପରିଧାନ କରିବେ, ମଦ୍ୟପ ଡ୍ରାଇଭର ମାନଙ୍କୁ ନିୟମିତ ଯାଞ୍ଚ କରି ଜରିମାନା ଆଦାୟ କରାଯିବ, ରାସ୍ତାରେ କେହି ବାଲି, ମେଟାଲ ଜମା କରିବେନାହିଁ, ରାସ୍ତା ଉପରେ ଭରିଯାନ ପାର୍କିଂ ହେବନାହିଁ । ଏଥିପାଇଁ ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ମିଳିତ ପଦକ୍ଷେପ ଗ୍ରହଣ କରିବେ ।

ସମୀକ୍ଷାରୁ ଜଣାଗଲା ଯେ, ଚଳିତ ୨୦୨୬ ମସିହାର ପ୍ରଥମ ଚାରି ମାସ ମଧ୍ୟରେ ଜିଲ୍ଲାରେ ମୋଟ ୩,୪୮୦ଟି ଚାଲାଣ କଟାଯାଇଥିବା ବେଳେ ୧ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।ଆରଟିଓ ଙ୍କ ପକ୍ଷରୁ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୩୯ଟି, ହେଲମେଟ୍ ନ ପିନ୍ଧିବା ପାଇଁ ୧,୪୭୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୧,୦୭୭ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୧୧ଟି ମାମଲା ରୁଜୁ ହେବା ସହ ୮୨୫ଟି ଡ୍ରାଇଭିଂ ଲାଇସେନ୍ସ ସସ୍ପେଣ୍ଡ କରାଯାଇଥିଲା । ସେହିପରି ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୫୮୭ଟି ଓ ସିଟ୍ ବେଲ୍ଟ ନ ପିନ୍ଧିବା ପାଇଁ ୧୫୨ଟି ଚାଲାଣ କରାଯାଇଥିବା ସୂଚନା ଦିଆଯାଇଥିଲା । ଏ ବର୍ଷର ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ଜଣ ଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି । ବୈଠକରେ ପିଏମ୍ ରାହତ ଯୋଜନା ସମ୍ବନ୍ଧରେ ବିଶଦ୍ ଆଲୋଚନା ହୋଇଥିଲା । ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୨୪ ଘଂଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ନିଶ୍ଚିତ ଭାବରେ ଭର୍ତି କରାଇବା ଆବଶ୍ୟକ । ଏଥିପାଇଁ ଚିକିତ୍ସାରେ ଅର୍ଥ କେବେବି ବାଧକ ନ ହେବା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାକୁ ସରକାରଙ୍କ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସ୍ପି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରି ସନ୍ଦୀପ କୁମାର ଛୁଆଲସିଂ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଏସ୍ପିଆଇ ସଞ୍ଜୟ କୁମାର ବେହେରା, ଟ୍ରାଫିକ ଇନସ୍ପେକ୍ଟର ଦେବାଶିଷ ନାୟକ, ଏସ୍ଡିଓ ଏନ୍ଏଚ୍ ପ୍ରଶାନ୍ତ କୁମାର ସାହୁ, ଇଡିଏଆରଏମ ନିତ୍ୟବ୍ରତ ଗର୍ତିଆ, ପ୍ରାଇଭେଟ୍ ବସ୍ ଆସୋସିଏସନ୍ର ସଭାପତି ଓ ସମ୍ପାଦକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବଲାଙ୍ଗୀର ବ୍ଲକଠାରେ ବ୍ଲକସ୍ତରୀୟ କେମ୍ପ କୋର୍ଟ ଅନୁଷ୍ଠିତ

ବଲାଙ୍ଗୀର, ୨୯/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ବଲାଙ୍ଗୀର ସଦର ବ୍ଲକର ସମ୍ମିଳନୀ କକ୍ଷ ଠାରେ ବ୍ଲକସ୍ତରୀୟ କେମ୍ପ କୋର୍ଟ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ୨୦୨୫ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ଦ୍ୱାରା ଓରଫାନ୍ ସର୍ଭେ ଅନୁସାରେ ପିତୃ- ମାତୃ ହୀନ ଶିଶୁମାନଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରି ଉପସ୍ଥାପନା କରାଗଲା। ଏହି ଅବସରରେ ବଲାଙ୍ଗୀର ସଦର ବ୍ଲକ୍ର ସିଡିପିଓ ଶୁଭଶ୍ରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିହ୍ନଟ ହୋଇଥିବା ଶିଶୁମାନଙ୍କର ଅଭିଭାବକ, ଅଭିଭାବିକାମାନଙ୍କୁ ଏହି ପିତୃ ମାତୃ ହୀନ ଶିଶୁଙ୍କ କର୍ମଶାଳାକୁ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ରାକେଶ ପଟେଲ, ବାଳମୁକୁନ୍ଦ ଭିତିରିଆ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍ ଅଧିନସ୍ତ ୧୭,୨୦ ଫର୍ମଗୁଡ଼ିକ ପୂରଣ କରିଥିଲେ ଓ ଅନ୍‌ଲାଇନ୍ ଜରିଆରେ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇସିଡିଏସ୍ର ସୁପଭାଇଜର, ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ ଜଣ ଅନାଥ ଶିଶୁ ଉପସ୍ଥିତ ରହି ନିଜର ସମସ୍ତ ପ୍ରମାଣ ପତ୍ର ଯାଂଚ କରାଇଥିଲେ। ଏହି କେମ୍ପକୋର୍ଟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ସାମାଜିକ କର୍ମୀ ଅରୁଣ ଖୁଆସ୍, ହରିବନ୍ଧୁ ରାଉତ୍, ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଶିଶୁ ମଙ୍ଗଳ ସମିତି ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନାଗୁଡ଼ିକ ସଂଯୋଗ କରିବାକୁ ପରାମର୍ଶ ପ୍ରଦାନ କରିବେ।

# ମାଲକାନଗିରିରେ ମିଶିବେ ତେନ୍ତୁଲିଗୁମ୍ମା ପଂଚାୟତ ବାସୀ: ମନ୍ଥର ଗତିରେ ବ୍ରିଜ ନିର୍ମାଣକୁ ନେଇ ବଢୁଛି ଅସନ୍ତୋଷ

ଜୟପୁର, ୨୯/୦୫ (ନି.ପ୍ର): ପାଂଚ ବର୍ଷ ବିତିଲା ତଥାପି ସରିନି ୧୪ କୋଟି ଟଙ୍କାର ତେନ୍ତୁଲିଗୁମ୍ମା ପୋଲ ନିର୍ମାଣ, ଏନେଇ ବଢିଛି ଅସନ୍ତୋଷ । ମାଲକାନଗିରି ଜିଲ୍ଲାରେ ମିଶିବା ପାଇଁ ଚେତାବନୀ ଦେଇଛନ୍ତି ତେନ୍ତୁଲିଗୁମ୍ମା ପଂଚାୟତ ବାସୀ । ସେପଟେ ଆଠ ମାସ ମଧ୍ୟରେ ପୋଲ କାର୍ଯ୍ୟ ସରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋରାପୁଟ ଜିଲ୍ଲାପାଳ । ସମସ୍ୟାରେ ବୁଡିରହି ନିଜ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି ବୈପାରୀଗୁଡା ବ୍ଲକର ସଂଗ୍ରାମ ମାଟି ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ପୀଠ ତେନ୍ତୁଲିଗୁମ୍ମାର ଲୋକେ । ଏହି ପଂଚାୟତର ସବୁଠୁ ବଡ଼ ଦୁର୍ଭାଗ୍ୟ ହେଉଛି, ବୈପାରିଗୁଡା ସଦର ମହକୁମା ଯାଏ ପହଂଚିବା ପାଇଁ ସିଧାସଳଖ ରାସ୍ତାଟିଏ ନାହିଁ। ବ୍ଲକ ସଦର ମହକୁମା ଯାଏ ଆସିବା ପାଇଁ ପଂଚାୟତବାସୀଙ୍କୁ ମାଲକାନଗିରି ଜିଲ୍ଲା ଗବିନ୍ଦପାଲୀ ଦେଇ ପ୍ରାୟ ୭୦ କିଲୋମିଟର ବାଟ ଆସିବାକୁ ପଡ଼ିଥାଏ। ଯାହାଫଳରେ ଦିନକର କାମ ପାଇଁ ସେମାନଙ୍କୁ ତିନିଦିନ ନଷ୍ଟ କରିବାକୁ ପଡ଼ିଥାଏ। ତେନ୍ତୁଲିଗୁମ୍ମା ଠାରୁ ଦଣ୍ଡାବାଡି ଦେଇ ବୈପାରିଗୁଡା ଯାଏ ରାସ୍ତାଟିଏ ନିର୍ମାଣ କରିବା ପାଇଁ ବହୁବାର ଦାବି ପରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ଯୋଜନାରେ ବ୍ରିଜ କାର୍ଯ୍ୟ ଆରମ୍ଭ ହେଲା କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ । ପ୍ରଶାସନର ଉଦାସୀନତା ହେତୁ ଏହି ପୋଲ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ। ତେନ୍ତୁଲିଗୁମ୍ମା ସମେତ ଆଖପାଖ ଗ୍ରାମ ଗୁଡ଼ିକର ବହୁବିଦ୍ଧ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କାହାର ନଜର ନାହିଁ। ସାବରୀ ନଦୀ ଆରପଟେ ଥିବା ସାତ ଖଣ୍ଡ ଗାଁ ଲୋକେ ନୀତି ସଂଘର୍ଷ କରୁଛନ୍ତି । ଏଠାରେ ଭରା ନଈ ପାର ହେବା ପାଇଁ ଦେଶୀ ଡ଼ଙ୍ଗା ଏକ ମାତ୍ର ଭରସା ।ଜୀବନକୁ ବାଜି ଲଗାଇ ବିପଦସଂକୁଳ ଅବସ୍ଥାରେ ଭଙ୍ଗା ଡ଼ଙ୍ଗାରେ ନଦୀ ପାର ହେଉଛନ୍ତି । ଭଙ୍ଗା ଡ଼ଙ୍ଗାରେ ପାଣି ଭରିଯାଉଛି । ତଥାପି ବାଧ ହୋଇ ନଦୀ ପାର ହେବାକୁ ପଡୁଛି ବୋଲି କହିଛନ୍ତି ସାତ ଖଣ୍ଡଗାଁ ଲୋକେ ।

# ବିନା ବା-ବତାସରେ ଉଜୁଡିଲା ସମ୍ବଲପୁରୀ ହସ୍ତତନ୍ତ ମଣ୍ଡପ

ସମ୍ବଲପୁର, ୨୯/୦୫ (ନି.ପ୍ର): ଖରାର ତାତି ପ୍ରଖର, ବର୍ଷା ନାହିଁ କି ପବନ ନାହିଁ। ଏଭଳି ପରିସ୍ଥିତିରେ ପଦାକୁ ଗୋଡ଼ କାଢ଼ିବାକୁ ଲୋକେ ଦୁଇ ଥର ଭାବୁଛନ୍ତି। ରାସ୍ତାଘାଟ ମଧ୍ୟ ଏକ ରକମର ଶୂନଶାନ୍ କହିଲେ ଚଳେ। ମାତ୍ର ଆଖିକୁ ବିଶ୍ୱାସ ନହେଲେ ବି, ସମ୍ବଲପୁର ମହାନଗର ନିଗମ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବା ସମ୍ବଲପୁରୀ ହସ୍ତତନ୍ତ ପ୍ରଦର୍ଶନୀ ମଣ୍ଡପ ହଠାତ୍ ଉଜୁଡି ଯାଇଛି। ଆକାଶବାଣୀ କେନ୍ଦ୍ର ନିକଟରେ ୨୦ରୁ ୨୫ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ କରାଯାଇଥିବା ଏହି ମଣ୍ଡପ ଉପରେ ପରିସରରେ ଥିବା ଏକ ବିଶାଳକାୟ ଗଛର ଡାଳ ଭାଙ୍ଗି ପଡ଼ିବା ଫଳରେ ସବୁକିଛି ଉଜୁଡି ପଡିଛି। ଏଭଳି ଦୃଶ୍ୟ ଦେଖି ଲୋକଙ୍କ ହୋହଲ୍ଲାରେ ତୁରନ୍ତ ପ୍ରଶାସନ ପକ୍ଷରୁ ଏହି ପରିସରରୁ ଭାଙ୍ଗି ଯାଇଥିବା ଡାଳ ପତ୍ର ସଫେଇ କରାଯାଇଥିଲା। ସହରର ସୌନ୍ଦର୍ଯ୍ୟକରଣ ସହିତ ସମ୍ବଲପୁରୀ ହସ୍ତତନ୍ତକୁ ସୁଦୁରପ୍ରସାରୀ କରିବା ଯୋଜନା ହୋଇଥିବା ଏହି ମଣ୍ଡପ ଏତିକିରେ କ୍ଷତିଗ୍ରସ୍ତ ହେବା ସମ୍ଭବତଃ ନିର୍ମାଣ କାର୍ଯ୍ୟରେ କିଛି ଦୋଷ ତ୍ରୁଟି ରହି ଯାଇଥିଲା କି, ଭଳି ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମାଠିଆ ପାଣି ଥଣ୍ଡା ହେଉନାହିଁ କି ? ଆପଣାନ୍ତୁ ଏହି ବାଟ, ଫ୍ରିଜ ବି ହୋଇଯିବ ଫେଲ

ଗ୍ରୀଷ୍ମ ଋତୁ ଆରମ୍ଭ ହେବା ମାତ୍ରେ ଅଧିକାଂଶ ଲୋକ ଫ୍ରିଜରୁ ବରଫ ଭଳି ଥଣ୍ଡା ପାଣି ପିଇବାକୁ ପସନ୍ଦ କରନ୍ତି। ତଥାପି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅତ୍ୟଧିକ ଥଣ୍ଡା ପାଣି ଗଳା ଏବଂ ପାଚନ ପାଇଁ କ୍ଷତିକାରକ ହୋଇପାରେ। ଏହି କାରଣରୁ, ଆଜି ମଧ୍ୟ, ଅନେକ ଘରେ ମାଟି ପାତ୍ରର ପାଣିକୁ ସର୍ବୋତ୍ତମ ଏବଂ ପ୍ରାକୃତିକ ବିକଳ୍ପ ଭାବରେ ବିବେଚନା କରାଯାଏ। ମାଟି ପାତ୍ରର ପାଣି ଶରୀରକୁ ଧୀରେ ଧୀରେ ଥଣ୍ଡା କରେ ଏବଂ ଏକ ସତେଜ ସ୍ୱାଦ ଥାଏ। ତଥାପି, ଅନେକ ଲୋକ ଅଭିଯୋଗ କରନ୍ତି ଯେ ସେମାନଙ୍କର ମାଠିଆ ପାଣିକୁ ଠିକ୍ ଭାବରେ ଥଣ୍ଡା କରିପାରୁନାହିଁ। ଏପରି ପରିସ୍ଥିତିରେ, କିଛି ସରଳ ଘରୋଇ ଉପଚାର ଆପଣଙ୍କ ମାଟି ପାତ୍ରକୁ ଫ୍ରିଜ୍ ଅପେକ୍ଷା ଅଧିକ ପ୍ରଭାବଶାଳୀ କରିପାରିବ।



ସବୁଠାରୁ ପୁରୁଣା ଏବଂ ପ୍ରଭାବଶାଳୀ ପଦ୍ଧତି ହେଉଛି ମାଠିଆକୁ ଏକ ଓଦା କପଡାରେ ଘୋଡାଇ ଦେବା। ଯଦି ଏକ ଓଦା କପଡା କିମ୍ବା ଓଦା ଅଖାରେ ଗୁଡ଼ାଯାଏ, ତେବେ କପଡାରେ ଥିବା ପାଣି ଧୀରେ ଧୀରେ ଶୁଖିବା ସମୟରେ ପାତ୍ରର ଉତ୍ତାପ ଶୋଷଣ କରେ, ଯାହା ଭିତରେ ପାଣିକୁ ଥଣ୍ଡା ରଖେ। ଅତ୍ୟଧିକ ଗରମରେ, ଦିନକୁ ଦୁଇରୁ ତିନିଥର କପଡାକୁ ପୁନଃ ଓଦା କରିବା ଉଚିତ। ଏହି ପଦ୍ଧତି ଗ୍ରାମାଞ୍ଚଳରେ ଦୀର୍ଘ ସମୟ ଧରି ବ୍ୟବହୃତ ହୋଇଆସୁଛି ଏବଂ ଏବେ ବି ବହୁତ ପ୍ରଭାବଶାଳୀ ବିବେଚନା କରାଯାଏ। ପାତ୍ରର ସ୍ଥାନ ପାଣିର ଶୀତଳତାକୁ ମଧ୍ୟ ପ୍ରଭାବିତ କରେ। ଅନେକ ଲୋକ ପାତ୍ରଟିକୁ ସିଧାସଳଖ ରୋଷେଇ ଘରର ଏକ ଉଷ୍ମ କୋଣରେ କିମ୍ବା ଖରା ହେଉଥିବା ସ୍ଥାନରେ ରଖନ୍ତି, ଯାହା ଫଳରେ ପାଣି ଶୀଘ୍ର ଗରମ ହୋଇଯାଏ। ବିଶେଷଜ୍ଞଙ୍କ ମତରେ, ପାତ୍ରଟିକୁ ସର୍ବଦା ଭଲ ବାୟୁଚଳନ ଥିବା ସ୍ଥାନରେ ରଖିବା ଉଚିତ। ଝରକା, ବାଲକୋନି କିମ୍ବା ଥଣ୍ଡା, ବାୟୁ ଆସୁଥିବା ଅଞ୍ଚଳକୁ ପାତ୍ର ପାଇଁ ସର୍ବୋତ୍ତମ ସ୍ଥାନ ଭାବରେ ବିବେଚନା କରାଯାଏ। ବାୟୁ ପ୍ରବାହ ମାଠିଆକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ ଏବଂ ପାଣି ଶୀଘ୍ର ଥଣ୍ଡା ହୁଏ।

ଯଦି ଆପଣ ଏକ ନୂତନ ମାଠିଆ କିଣିଛନ୍ତି, ତେବେ ଏହାକୁ ତୁରନ୍ତ ବ୍ୟବହାର କରନ୍ତୁ ନାହିଁ। ନୂତନ ମାଠିଆକୁ ୧୦ରୁ ୧୨ ଘଣ୍ଟା ପାଇଁ ସଫା ପାଣିରେ ବୁଡ଼ାଇ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହା ମାଟିରେ ଥିବା ଛୋଟ ଛୋଟ ଛିଦ୍ରଗୁଡ଼ିକୁ ଖୋଲିଦିଏ । ଯାହାଦ୍ୱାରା ପାତ୍ର ପାଣିକୁ ଭଲ ଭାବରେ ଥଣ୍ଡା କରିପାରିବ। ଅନେକ ଲୋକ ଏହି ପଦକ୍ଷେପକୁ ଅବହେଳା କରନ୍ତି, ଯାହା ଫଳରେ ନୂତନ ପାତ୍ର ଉପଯୁକ୍ତ ଥଣ୍ଡା ପ୍ରଦାନ କରେ ନାହିଁ।

## ପାଣି ପିଇବା ପାଇଁ କାଚ ନା ତମ୍ବା ବୋତଲ କେଉଁଟି ସବୁଠାରୁ ଭଲ ? ଜାଣନ୍ତୁ ଏହାର ଉପକାରିତା



ସୁସ୍ଥ ରହିବା ପାଇଁ ପର୍ଯ୍ୟପ୍ତ ପରିମାଣରେ ପାଣି ପିଇବା ଆବଶ୍ୟକ । କିନ୍ତୁ କେବଳ ପାଣି ପିଇବା ଯଥେଷ୍ଟ ନୁହଁ ଆପଣ କେଉଁ ପାତ୍ରରେ ପାଣି ପିଉଛନ୍ତି ତାହାର ମଧ୍ୟ ପ୍ରଭାବ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପାକାଇଥାଏ । ବର୍ତ୍ତମାନ ସମୟରେ ଯେତେବେଳେ ପାଣି ବୋତଲର ପସନ୍ଦ ଆସେ ସାଧାରଣତଃ ଲୋକେ କାଚ କିମ୍ବା, ତମ୍ବା ବୋତଲ ର ବେଶି ମାତ୍ରରେ ବାଛିଥାନ୍ତି । ଏହି ଦୁଇଟି ମଧ୍ୟରୁ କେଉଁଟା ଭଲ ଆସନ୍ତୁ ଜାଣିବା।

ତମ୍ବା ପାଣି ବୋତଲର ଉପକାରିତା : ପୁରାତନ କାଳରୁ ପାଣି ତମ୍ବା ବୋତଲରେ ରଖି ପିଇବାକୁ କୁହାଯାଉଥିଲା । ଏମିତି କଲେ ଶରୀର ସୁସ୍ଥ ରହିବା ସହ ଆୟୁଷ ବୃଦ୍ଧି ହୁଏ ବୋଲି କୁହାଯାଉଥିଲା । ତମ୍ବାରେ ଆଣ୍ଟି – ବ୍ୟାକ୍ଟେରିଆଲ ଗୁଣ ରହିଛି ତମ୍ବା ପାତ୍ରରେ ୮ରୁ ୧୦ଘଣ୍ଟା ପର୍ଯ୍ୟନ୍ତ ପାଣି ରଖିଲେ , ସେଥିରେ ଥିବା କ୍ଷତିକାରକ ବ୍ୟାକ୍ଟେରିଆ ନଷ୍ଟ ହୋଇଯାନ୍ତି । ଏହି ପାତ୍ରରେ ପାଣି ରଖିବା ଦ୍ୱାରା ହଜମ ଶକ୍ତି, ହଜମ ପ୍ରକ୍ରିୟାରେ ସହାୟକ ହୋଇଥାଏ ।ଏହା ପେଟର ଗ୍ୟାସ୍, ଏସିଡିଟି ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ତମ୍ବା ମିଶ୍ରିତ ଜଳ ଶରୀରର ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ ।

କାଚ ବୋତଲର ଉପକାରିତା : ଯଦି ଆପଣ ପାଣିର ଶୁଦ୍ଧତା ଏବଂ ପ୍ରାକୃତିକ ସ୍ୱାଦ ରହିଥାଏ , ତେବେ କାଚ ବୋତଲ ଏକ ଭଲ ପସନ୍ଦ । ରାସାୟନିକ ମୁକ୍ତ ପ୍ଲାଷ୍ଟିକ ବୋତଲ ପରି କାଚରୁ କୌଣସି ବିଷାକ୍ତ କେମିକାଲ୍ ପାଣିରେ ମିଶିବାର ଭୟ ନଥାଏ। କାଚ ବୋତଲରେ ରଖାଯାଇଥିବା ପାଣିର ସ୍ୱାଦ କେବେହେଲେ ବଦଳେ ନାହିଁ । କାଚ ବୋତଲକୁ ସହଜରେ ସଫା କରାଯାଇପାରେ ଏବଂ ଏଥିରେ ଦୁର୍ଗନ୍ଧ ହେବାର ସମ୍ଭାବନା କମ୍ ଥାଏ । ଉଭୟ ପାତ୍ରର ନିଜସ୍ୱ ଗୁଣ ରହିଛି। ଯଦି ଆପଣ ଔଷଧୀୟ ଗୁଣ ଚାହୁଁଛନ୍ତି, ତେବେ ସକାଳ ସମୟରେ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଇବା ସବୁଠାରୁ ଭଲ। ଅନ୍ୟପଟେ, ଦିନସାରା ସାଧାରଣ ବ୍ୟବହାର ପାଇଁ ଏବଂ ଅଫିସ କିମ୍ବା ଘରେ ପାଣି ରଖିବା ପାଇଁ କାଚ ବୋତଲ ଏକ ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ବିକଳ୍ପ । ତଥାପି ମନେ ରଖନ୍ତୁ, ତମ୍ବା ବୋତଲକୁ ସବୁବେଳେ ସଫା ରଖିବା ଜରୁରୀ ଏବଂ ଏଥିରେ କେବେ ବି ଲେମ୍ବୁ ରସ କିମ୍ବା କୌଣସି ଖଟା ଜାତୀୟ ପାନୀୟ ରଖନ୍ତୁ ନାହିଁ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

## ହାଣ୍ଡିଶାଳ ବୈଦ୍ୟ: ମହୁର ଔଷଧୀୟ ଉପଯୋଗ

ମହୁର ଔଷଧୀୟ ଗୁଣ କାହାରିକୁ ଅଛପା ନାହିଁ। ପୁରାଣ ଶାସ୍ତ୍ରଠାରୁ ଆରମ୍ଭ କରି 'ଚରକ ସଂହିତା' ଭଳି ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ଏହାର ଉପଯୋଗ ବର୍ଣ୍ଣିତ। ଆଜିକାଲି ଲୋକେ କମ୍ ପ୍ରକ୍ରିୟାକୃତ ଖାଦ୍ୟ ଖୋଜୁଥିବା ବେଳେ ମହୁ ହେଉଛି ସେହି ପ୍ରାକୃତିକ ନ୍ୟୁଟ୍ରାଫାର୍ମାସ୍ୟୁଟିକାଲ୍, ଯାହା ସିଧା ମହୁଫେଣାରୁ ଆମ ପାଖକୁ ଆସିଥାଏ। ତେଣୁ ବିଶ୍ୱ ବଜାରରେ ଏବେ ଜୈବିକ ଓ ଯ ନି ଫେ ା ର ା ଲ



ପ୍ରାକୃତିକ ଶର୍କରା ଥାଏ, ଯାହା ମୁଖ୍ୟତଃ ଫ୍ରୁକ୍ଟୋଜ୍ ଓ ଗ୍ଲୁକୋଜ୍‌ରୁ ଆସେ। ସେହିପରି ଏଥିରେ ୧୭% ଜଳ ଥାଏ। ଏଥିରେ ମଧ୍ୟ ଏଞ୍ଜାଇମ୍, ଜୈବିକ ଅମ୍ଳ, ଆମିନୋ ଏସିଡ୍, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଲୌହ ଭଳି ଖଣିଜ ଓ ଉଦ୍ଭିଦ ପଲିଫେନଲ୍ ଭରି ରହିଥାଏ। ମହୁ ଆମକୁ ତୁରନ୍ତ ଶକ୍ତି ଯୋଗାଏ। ପ୍ରାକୃତିକ ଶର୍କରା ହେତୁ ଏହା ସହଜରେ ହଜମ ହେବା ସହ ଶରୀରକୁ ହାଲୁକା କରେ। ସେହିପରି ମହୁ ଜଳକୁ ଆକର୍ଷିତ କରେ, ତେଣୁ ଚର୍ମର ଯତ୍ନ ଓ ପାରମ୍ପରିକ କ୍ଷତପଟିରେ ଏହାର ବ୍ୟବହାର ହୁଏ। ଏଥିରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ୍ ଭରି ରହିଥାଏ। ଆମ ରାଜ୍ୟର ଘନ ଜଙ୍ଗଲ ଓ ବଣୁଆ ଫୁଲରୁ ପ୍ରସ୍ତୁତ ମହୁରେ ଅଧିକ ପଲିଫେନଲ୍ ଥାଏ। ମହୁ ସହ ପରାଗରୁ ପ୍ରୋଟିନ୍, ଭିଟାମିନ୍ ବି ମିଳେ। ଏଥିସହିତ ଏହା ମଲ୍‌ଟି ଭିଟାମିନ୍ ଭଳି। ତ୍ୱଚାର ଯତ୍ନ, ବ୍ରଣ ନିବାରଣ, ଛୋଟିଆ କ୍ଷତ, ପୋଡ଼ାଜଳା, କାଶ, ଥଣ୍ଡା, ତଣ୍ଟି ଦରଜ ଆଦି ପାଇଁ ମହୁ ଅବ୍ୟର୍ଥ ଔଷଧ। ସେହିପରି କାଶ କମାଇବା ସହିତ ମହୁ ଭାଇରସ୍ ମାରେ, ଲାଳ ବଢ଼ାଏ। ଖାଇବା ପରେ ଗୋଟେ ଚାମଚ ମହୁ ଖାଇଲେ ଏସିଡିଟିରୁ ଆରାମ ମିଳେ ବୋଲି ଡାକ୍ତର କହନ୍ତି। ଏହା ଅଲସର୍ ଭଳି ରୋଗ ନିରାକରଣ କରିପାରେ। ଓଡ଼ିଶାର ଲିଚୁ, ସୋରିଷ, ଜାମୁ, କରଞ୍ଜ ଓ ବଣଫୁଲ ଆଦି ମହୁ ନିଜସ୍ୱ ସ୍ୱାଦ ପାଇଁ ପରିଚିତ। ପ୍ରତିବର୍ଷ ମେ' ୨୦ରେ ବିଶ୍ୱ ମହୁମାଛି ଦିବସ ପାଳନ ଅବସରରେ ଯୁବପିଢ଼ିଙ୍କୁ ମହୁଚାଷ ପାଇଁ ଉତ୍ସାହିତ କରାଯିବା ବର୍ତ୍ତମାନର ଆବଶ୍ୟକତା।






ଅଧିକାଂଶ ସ୍ମାର୍ଟଫୋନରେ ଲିଥିୟମ୍-ଆୟନ୍ ବ୍ୟାଟେରି ବ୍ୟବହାର କରାଯାଏ। ସେମାନେ ଅନ୍ୟ ସ୍ମାର୍ଟଫୋନ୍ ତୁଳନାରେ ଅଧିକ ସମୟ ଚାର୍ଜ ରଖିପାରନ୍ତି ଏବଂ ସେମାନଙ୍କର ଜୀବନକାଳ ଅଧିକ ରହିଥାଏ। ଏହାର ଅର୍ଥ ନୁହେଁ ଯେ ଫୋନର ବ୍ୟାଟେରି ସବୁଦିନ ପାଇଁ ରହିବ। ପୁରୁଣା ହେବା ସହିତ ଏହାର ଚାର୍ଜ-ଧାରଣ କ୍ଷମତା ହ୍ରାସ ପାଏ ଏବଂ କିଛି ବର୍ଷ ପରେ ବ୍ୟାଟେରିକୁ ବଦଳାଇବାକୁ ପଡ଼ିବ। ତଥାପି, କିଛି ଭୁଲକୁ ଏଡାଇ ବ୍ୟାଟେରି ଜୀବନ ବୃଦ୍ଧି କରାଯାଇପାରିବ। ଆଜି, ଆମେ ଏମିତି କିଛି ଛୋଟ ଭୁଲ ବାବଦରେ କହିବୁ ଯାହାଦ୍ୱାରା ବ୍ୟାଟେରି ଶୀଘ୍ର ଖରାପ ହୋଇଯାଏ ।

ନିମ୍ନମାନର ଚାର୍ଜରରେ ଚାର୍ଜ କରିବା - ଆପଲ୍ ସମେତ ଅନେକ କମ୍ପାନୀ ସେମାନଙ୍କ ଫୋନ ସହିତ ଚାର୍ଜର୍ ଯୋଗାଇବା ବନ୍ଦ କରିଦେଇଛନ୍ତି। ତେଣୁ, ଆର୍ଥିକ ପ୍ରତିବନ୍ଧକ କିମ୍ବା ଅନ୍ୟାନ୍ୟ କାରଣ ଯୋଗୁଁ ଲୋକମାନେ ନିମ୍ନମାନର ଚାର୍ଜର୍ କିଣନ୍ତି। ଏପରି ଚାର୍ଜରରେ କେବଳ ଚାର୍ଜ କରନ୍ତି ନାହିଁ ବରଂ ବ୍ୟାଟେରିକୁ କ୍ଷତି ମଧ୍ୟ ପହଞ୍ଚାନ୍ତି। ଶସ୍ତା ଚାର୍ଜର ଭୋଲଟେଜକୁ ସଠିକ୍ ଭାବରେ ନିୟନ୍ତ୍ରଣ କରିପାରିବେ ନାହିଁ, ବ୍ୟାଟେରି ଉପରେ ଚାପ ବୃଦ୍ଧି କରନ୍ତି ଏବଂ ଏହାକୁ ଶୀଘ୍ର ଖରାପ କରନ୍ତି।ଅତ୍ୟଧିକ ଗରମରୁ ବ୍ୟାଟେରିକୁ ସୁରକ୍ଷା ନ ଦେବା: ଲିଥିୟମ୍-ଆୟନ୍ ବ୍ୟାଟେରି ତାପମାତ୍ରା ସମ୍ବେଦନଶୀଳ। ଏହାର ଅର୍ଥ ହେଉଛି ଅତ୍ୟଧିକ ଥଣ୍ଡା ଏବଂ ଅତ୍ୟଧିକ ଗରମ ଉଭୟ ସେମାନଙ୍କ ପାଇଁ ବିପଦପୂର୍ଣ୍ଣ। ତେଣୁ, ବ୍ୟାଟେରିକୁ ଅତ୍ୟଧିକ ଗରମରୁ ରକ୍ଷା କରିବା ଉଚିତ। ଚାର୍ଜ କରିବା ସମୟରେ କିମ୍ବା ସୂର୍ଯ୍ୟାଲୋକରେ ଫୋନ୍ ବ୍ୟବହାର କରିବା ଦ୍ୱାରା ଅତ୍ୟଧିକ ଗରମ ହେବାର ଆଶଙ୍କା ବଢ଼ିଯାଏ। ଅତ୍ୟଧିକ ଗରମ ହେବା ଦ୍ୱାରା ବ୍ୟାଟେରିରେ ରାସାୟନିକ ପ୍ରତିକ୍ରିୟା ତ୍ୱରାନ୍ୱିତ ହୁଏ ଏବଂ କ୍ଷତି ହେବାର ଆଶଙ୍କା ବୃଦ୍ଧି ପାଇପାରେ।

ବ୍ୟାଟେରୀକୁ ସମ୍ପୂର୍ଣ୍ଣ ଡିସଚାର୍ଜ ହେବାକୁ ଦେବା: ଅନେକ ଲୋକଙ୍କର ଅଭ୍ୟାସ ଅଛି ଯେ ସେମାନେ ସେମାନଙ୍କର ଫୋନ୍ ସମ୍ପୂର୍ଣ୍ଣ ଭାବରେ ଚାର୍ଜ ନ ସାରିବା ପର୍ଯ୍ୟନ୍ତ ଚାର୍ଜ କରନ୍ତି ନାହିଁ। ଏହା ବ୍ୟାଟେରି ପାଇଁ ସମସ୍ୟା ସୃଷ୍ଟି କରେ। ସମ୍ପୂର୍ଣ୍ଣ ଡିସଚାର୍ଜ ହେବା ପରେ, ବ୍ୟାଟେରିକୁ ରିଚାର୍ଜ କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ନିରନ୍ତର ଏହା କରିବା ଦ୍ୱାରା ବ୍ୟାଟେରିର କ୍ଷତି ହୋଇପାରେ। ଅତ୍ୟଧିକ ଥଣ୍ଡାରେ ଫୋନ୍ ଚାର୍ଜ କରିବା: ଶୀତଦିନେ, ଦେଶର ଅନେକ ସ୍ଥାନରେ ତାପମାତ୍ରା ୦ ଡିଗ୍ରୀ ତଳକୁ ଖସିଯାଏ। ଫୋନ୍ ବ୍ୟାଟେରୀ ଏତେ ଥଣ୍ଡା ସହ୍ୟ କରିପାରେ ନାହିଁ। ଏହି କାରଣରୁ ଥଣ୍ଡା ଅଞ୍ଚଳରେ ରହୁଥିବା ଲୋକଙ୍କ ଦ୍ୱାରା ବ୍ୟବହୃତ ଡିଭାଇସଗୁଡ଼ିକର ବ୍ୟାଟେରିର ବ୍ୟାଟେରି ଲାଇଫ୍ କମ୍ ହୋଇଥାଏ। ଏପରି ଥଣ୍ଡା ପରିସ୍ଥିତିରେ ବାରମ୍ବାର ଚାର୍ଜ କରିବା ଦ୍ୱାରା ବ୍ୟାଟେରିର ଆନୋଡ୍ ଉପରେ ଧାତୁ ଲିଥିୟମ ଆବରଣ ଜମା ହୋଇପାରେ, ଯାହା ଚାର୍ଜିଂକୁ କଷ୍ଟକର କରିଥାଏ।

## ଆପଣଙ୍କ ଦେହରୁ ଅତ୍ୟଧିକ ଝାଳ ବାହାରୁଛି କି ? ତେବେ ଜାଣନ୍ତୁ ଏହାର କାରଣ

ଝାଳ ବାହାରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଆମକୁ ସୁସ୍ଥ ରଖିଥାଏ। ତେବେ ଏହା ଆମେ ଜାଣିବା ଦରକାର ଯେ, ଆମ ଶରୀରରୁ କେତେ ଝାଳ ବାହାରିବା ଉଚିତ। ଝାଳ ହେଉଛି ଗ୍ରନ୍ଥିରୁ ନିର୍ଗତ ଏକ ଲୁଣଯୁକ୍ତ ତରଳ ପଦାର୍ଥ, ଯାହା ଚର୍ମରୁ ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ। ଉତ୍ପାଦିତ ଝାଳର ପରିମାଣ ଶାରୀରିକ କାର୍ଯ୍ୟକଳାପ, ପାଣିପାଗ, ଉଚ୍ଚଚାପ ଓ ମେଦ ବହୁଳତା ଉପରେ ନିର୍ଭର କରିଥାଏ ।



ଯେତେବେଳେ ଶରୀର ଭିତରେ କିମ୍ବା ବାହାରେ ତାପମାତ୍ରା ବୃଦ୍ଧି ପାଏ, ସ୍ୱୟଂଚାଳିତ ସ୍ନାୟୁ ପ୍ରଣାଳୀ ଝାଳଗ୍ରନ୍ଥିକୁ ସକ୍ରିୟ କରିଥାଏ। ଏହି ଗ୍ରନ୍ଥିଗୁଡ଼ିକ ଚର୍ମ ମାଧ୍ୟମରେ ତରଳ ପଦାର୍ଥ ମୁକ୍ତ କରନ୍ତି। ଯେତେବେଳେ ଏହି ତରଳ ପଦାର୍ଥ ବାଷ୍ପୀଭୂତ ହୁଏ, ସେତେବେଳେ ଶରୀର ଥଣ୍ଡାହେବା ଆରମ୍ଭ କରେ। ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଗବେଷଣାଭିତ୍ତିକ ତଥ୍ୟ ଅନୁଯାୟୀ, ଉତ୍ପାଦିତ ଝାଳର ପରିମାଣ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ। ସମସ୍ତଙ୍କର ସମାନ ପରିମାଣର ଝାଳ ନିର୍ଗତ ହୋଇ ନ ଥାଏ। ଶାରୀରିକ ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଝାଳର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ।

ବିଶେଷକରି ଖେଳାଳିମାନଙ୍କ କ୍ଷେତ୍ରରେ ବ୍ୟାୟାମର ତୀବ୍ରତା, ପାଣିପାଗ ଓ ପରିଶ୍ରମ ସମୟରେ ଝାଳର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ। ଏହି କାରଣରୁ ଜଳୀୟ ଅଂଶ ଓ ଉପଯୁକ୍ତ ତରଳ ପଦାର୍ଥ ଗ୍ରହଣ ଜରୁରି ବୋଲି ବିବେଚନା କରାଯାଏ। ଝାଳ ଏକ ପ୍ରତିଶତ ଲୁଣ ଓ ଚର୍ବିରେ ଗଠିତ। ଗରମ ପାଗ କିମ୍ବା ଶାରୀରିକ ଶ୍ରମ ସମୟରେ ଶରୀରକୁ ଥଣ୍ଡା କରିବା ପାଇଁ ଏହି ପ୍ରକ୍ରିୟା ଅବଶ୍ୟକ ହୋଇଥାଏ। ଚିନ୍ତାଜନିତ ମାନସିକ ଚାପ କିମ୍ବା ବିଚଳିତବୋଧ ଭଳି ଭାବନା ମଧ୍ୟ ଝାଳ ବୃଦ୍ଧି କରିପାରେ । ସାଧାରଣ ପରିସ୍ଥିତିରେ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କ ଶରୀରରୁ ଦିନକୁ ପ୍ରାୟ ୦.୫ରୁ ୨ ଲିଟର ଝାଳ ବାହାରିଥାଏ। ଗରମ ଓ ଆର୍ଦ୍ର ପାଗରେ ଶାରୀରିକ ପରିଶ୍ରମ ବା ବ୍ୟାୟାମ ସମୟରେ ମାନସିକ ଚାପ, ମସଲାଯୁକ୍ତ ଖାଦ୍ୟ, କ୍ୟାଫିନ୍ ଓ ମଦ୍ୟପାନ ସମୟରେ ବା ମହିଳାଙ୍କ ଋତୁସ୍ରାବ ସମୟରେ ହରମୋନ୍ ପରିବର୍ତ୍ତନ ଯୋଗୁଁ ଝାଳର ପରିମାଣ ବଢ଼ିଥାଏ। ମେଟାବୋଲିଜିମ୍, ଫିଟନେସ୍ ସ୍ତର ଓ ଜେନେଟିକ୍ କାରଣଗୁଡ଼ିକ ମଧ୍ୟ ଝାଳକୁ ପ୍ରଭାବିତ କରନ୍ତି। ଅତ୍ୟଧିକ ଝାଳ ବୋହିବାକୁ ହାଇପରହାଇଡ୍ରୋସିସ୍ କୁହାଯାଏ । ଏହି ଅବସ୍ଥାରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକତାରୁ ଅଧିକ ଝାଳ ବାହାରିଥାଏ। ଫଳରେ ପାପୁଲି ଓ ପାଦ ଝାଳୁଆ ହେବା, କାଖରେ ଅଧିକ ଝାଳ ବାହାରିବା ପରି ସମସ୍ୟା ଦେଖାଯାଇଥାଏ । ହାଇପରହାଇଡ୍ରୋସିସ୍ ମୁଖ୍ୟତଃ ଦୁଇ ପ୍ରକାରର। ପ୍ରାଥମିକ ହାଇପରହାଇଡ୍ରୋସିସ୍ ଅତ୍ୟଧିକ ସକ୍ରିୟ ଝାଳଗ୍ରନ୍ଥି ଯୋଗୁଁ ହୁଏ। ସେହିପରି ଦ୍ୱିତୀୟ ହାଇପରହାଇଡ୍ରୋସିସ୍ ମଧୁମେହ, ଥାଇରଏଡ୍ ସମସ୍ୟା, ସଂକ୍ରମଣ, ଋତୁସ୍ରାବ କିମ୍ବା କୌଣସି ଔଷଧ ଯୋଗୁଁ ହୋଇଥାଏ। ତେଣୁ ଅତ୍ୟଧିକ ଝାଳ ଶରୀର ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରି ।

## ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ : ଖରାଦିନେ ଆପଣାନ୍ତୁ ଏହି ଘରୋଇ ଉପାୟ

ତାପମାତ୍ରା ବଢ଼ିବା ସାଙ୍ଗକୁ ଲଗାତାର ଗ୍ରୀଷ୍ମପ୍ରବାହ ବେଳେ ଥଣ୍ଡା ରହିବା କେବଳ ଆରାମ ନୁହେଁ, ବରଂ ଏହା ନିଜର ସୁରକ୍ଷା । କାରଣ ଅତ୍ୟଧିକ ଖରା ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ଆଣିପାରେ । ଏଥିପାଇଁ କେଉଁସବୁ ଦିଗ ଉପରେ ନଜର ଦେଲେ ନିଜକୁ ଥଣ୍ତା ରଖିହେବ।

ନିଜକୁ ସୂର୍ଯ୍ୟ ଉପଯୋଗୀ କରନ୍ତୁ: ଅତ୍ୟଧିକ ଖରାବେଳେ ଘରୁ ବାହାରକୁ ନ ବାହାରିବା ପାଇଁ ଚେଷ୍ଟା କରନ୍ତୁ। ବାହାରକୁ ଗଲେ ସନସ୍କ୍ରିନ୍ ଲୋସନ୍ ? ବ୍ୟବହାର କରନ୍ତୁ। ମୁଣ୍ଡରେ ଟୋପି ପିନ୍ଧନ୍ତୁ। ଛାଇ ଜାଗାରେ କିଛି କିଛି ସମୟ କାଟନ୍ତୁ। ହାଲୁକା ରଙ୍ଗର ଢିଲା ପୋଷାକ ପିନ୍ଧିବାକୁ ଭୁଲନ୍ତୁ ନାହିଁ।

ତ୍ୱଚାକୁ ଓଦା ରଖନ୍ତୁ: ଗାମୁଛା ବା ତଉଲିଆକୁ ଓଦାକରି ସେଥିରେ ଆପଣ ପୋଛାପୋଛି ହୋଇପାରିବେ। ଗାଧୋଇବା ସମୟରେ ଶୀତଳ ପାଣି ବ୍ୟବହାର କରନ୍ତୁ, ତେବେ ଅତି ଥଣ୍ଡାପାଣି ନୁହେଁ। ଥଣ୍ଡା ପାଣିରେ ଆପଣଙ୍କ ଦୁଇ ହାତ ଓ ଗୋଡ଼କୁ ବୁଡ଼ାଇ କିଛି ସମୟ ରଖନ୍ତୁ।

ପ୍ରଚୁର ପାଣି ପିଅନ୍ତୁ: ତାପମାତ୍ରା ଅଧିକ ଥିଲେ ଆପଣ ପ୍ରଚୁର ପାଣି ପିଅନ୍ତୁ। ସମ୍ଭବ ହେଲେ ବିଭିନ୍ନ ସ୍ପୋର୍ଟସ୍ ଡ୍ରିଙ୍କସ୍ ପିଇପାରିବେ। ଏହି ସମୟରେ ଚା' ବା କଫିରୁ ବିରତ ରହନ୍ତୁ। ଡିହାଇଡ୍ରେସନ୍‌ରୁ ମୁକୁଳିବାକୁ ବାରମ୍ବାର ଓ ଅଧିକ ପାଣି ପିଅନ୍ତୁ।

ମଦ୍ୟପାନରୁ ବିରତ ରୁହନ୍ତୁ: ଅତ୍ୟଧିକ ମଦ୍ୟପାନ ବିପଜ୍ଜନକ ହୋଇପାରେ। ଆପଣଙ୍କୁ ଡିହାଇଡ୍ରେସନ୍‌ର ଶିକାର କରିପାରେ। ସେହିପରି ନିଦକୁ ପ୍ରଭାବିତ କରେ। ନିଦ ପତଳା ହୋଇପାରେ ଓ ବାରମ୍ବାର ନିଦ ଭାଙ୍ଗିପାରେ।

# ବଢୁଛି ‘ଆଉଟ୍-ଅଫ୍-ପକେଟ୍’ ଖର୍ଚ୍ଚ

କୌଣସି ଏକ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ ହେଉଛି ନିଜ ନାଗରିକମାନଙ୍କୁ ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଭାରତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉଦ୍ ?ବେଗଜନକ ଚିତ୍ର ସାମ୍ନାକୁ ଆସିଛି, ଯାହା ଦେଶର ସ୍ୱାସ୍ଥ୍ୟ ଅର୍ଥନୀତି ଏବଂ ସାଧାରଣ ଜନତାଙ୍କ ଆର୍ଥିକ ନିରାପତ୍ତା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପ୍ରକାଶିତ ’ଜାତୀୟ ସ୍ୱାସ୍ଥ୍ୟ ହିସାବ (ଏନ୍‌ଏଚ୍‌ଏ) ୨୦୨୨-୨୩’ ରିପୋର୍ଟ ଅନୁଯାୟୀ, ଦେଶରେ ସ୍ୱାସ୍ଥ୍ୟସେବା ପାଇଁ ଲୋକଙ୍କ ନିଜ ପକେଟ୍ ଖର୍ଚ୍ଚ ବା ‘ଆଉଟ୍-ଅଫ୍-ପକେଟ୍ ଏକ୍ସପେଣ୍ଡିଚର’ (ଓଓପିଇ) ଅଚାନକ ଭାବେ ବୃଦ୍ଧି ପାଇଛି । ଦୀର୍ଘ ଏକ ଦଶନ୍ଧି ଧରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ବ୍ୟକ୍ତିଗତ ଖର୍ଚ୍ଚ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଧାରାରେ ଏକ ଓଲଟା ପ୍ରତିକ୍ରିୟା ଦେଖିବାକୁ ମିଳିଛି, ଯାହାକି ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ରହିଥିବା ତ୍ରୁଟି ଏବଂ ଅପର୍ଯ୍ୟାପ୍ତ ପୁଞ୍ଜିନିବେଶକୁ ପଦାରେ ପକାଇଛି । ଏହି ସମ୍ପୂର୍ଣ୍ଣ ଘଟଣାକ୍ରମକୁ କେବଳ କିଛି ପରିସଂଖ୍ୟାନର ପରିବର୍ତ୍ତନ ଭାବରେ ଦେଖିବା ଭୁଲ୍ ହେବ, ବରଂ ଏହା ଦେଶର କୋଟି କୋଟି ମଧ୍ୟବିତ୍ତ ଏବଂ ଗରିବ ପରିବାରର ଆର୍ଥିକ ମେରୁଦଣ୍ଡ ଉପରେ ପଡୁଥିବା ପ୍ରତ୍ୟକ୍ଷ ଚାପର ଏକ ସ୍ପଷ୍ଟ ପ୍ରମାଣ ।

ରିପୋର୍ଟର ତଥ୍ୟକୁ ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ଜଣାପଡ଼େ ଯେ, ଦେଶର ମୋଟ ସ୍ୱାସ୍ଥ୍ୟ ବ୍ୟୟ (ଟିଏଚ୍‌ଇ) ରେ ଲୋକଙ୍କ ନିଜ ପକେଟ୍ ଖର୍ଚ୍ଚର ଅଂଶ ୨୦୨୧-୨୨ ଆର୍ଥିକ ବର୍ଷରେ ୩୯.୪ ପ୍ରତିଶତ ଥିବା ବେଳେ ୨୦୨୨-୨୩ ରେ ଏହା ତୀବ୍ର ବେଗରେ ବୃଦ୍ଧି ପାଇ ୪୩.୪ ପ୍ରତିଶତରେ ପହଞ୍ଚିଛି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ, ଏହି ଖର୍ଚ୍ଚ ୭.୪ ପ୍ରତିଶତ ବୃଦ୍ଧି ପାଇ ୩,୫୬,୨୫୪ କୋଟି ଟଙ୍କାରୁ ୩,୮୨,୬୨୯ କୋଟି ଟଙ୍କାରେ ପହଞ୍ଚିଛି ଏବଂ ମୁଣ୍ଡପିଛା ପକେଟ୍ ଖର୍ଚ୍ଚ ୨,୬୦୦ ଟଙ୍କାରୁ ବଢ଼ି ୨,୭୬୭ ଟଙ୍କା ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୩-୧୪ ମସିହାରେ ଏହି ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚ ମୋଟ ସ୍ୱାସ୍ଥ୍ୟ ବ୍ୟୟର ୬୪.୨ ପ୍ରତିଶତ ଥିଲା, ଯାହାକି କ୍ରମାଗତ ଭାବେ ହ୍ରାସ ପାଇ ୨୦୨୧-୨୨ ସୁଦ୍ଧା ଏକ ଆଶାଜନକ ସ୍ଥିତିରେ ପହଞ୍ଚିଥିଲା । କିନ୍ତୁ ବର୍ତ୍ତମାନର ଏହି ଅଚାନକ ବୃଦ୍ଧି ପ୍ରମାଣିତ କରୁଛି ଯେ ସରକାରୀ ଡାକ୍ତରଖାନାଗୁଡ଼ିକରେ ମାଗଣା ଔଷଧ, ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ସୁବିଧାରେ କେଉଁଠି ନା କେଉଁଠି ବାଧା ଉପୁଜିଛି, ଯାହା ଫଳରେ ରୋଗୀମାନେ ବାଧ୍ୟ ହୋଇ ଘରୋଇ ସ୍ୱାସ୍ଥ୍ୟସେବା କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି ଏବଂ ନିଜ ଗଚ୍ଛିତ ଅର୍ଥ ଖର୍ଚ୍ଚ କରୁଛନ୍ତି । ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚ ହେଉଛି ସେହି ଅର୍ଥ ଯାହା ଏକ ପରିବାର ସିଧାସଳଖ ସ୍ୱାସ୍ଥ୍ୟସେବା ଗ୍ରହଣ କରିବା ସମୟରେ ପ୍ରଦାନ କରିଥାଏ, ଯାହାକି କୌଣସି ବୀମା କିମ୍ବା ସରକାରୀ ସହାୟତା ଦ୍ୱାରା ଭରଣା କରାଯାଇନଥାଏ ।

ସବୁଠାରୁ ଆଶ୍ଚର୍ଯ୍ୟଜନକ ଏବଂ ନିରାଶାଜନକ କଥା ହେଉଛି, ଯେତେବେଳେ ସାଧାରଣ ଜନତାଙ୍କ ଉପରେ ସ୍ୱାସ୍ଥ୍ୟ ଖର୍ଚ୍ଚର ବୋଝ ବଢୁଛି, ଠିକ୍ ସେହି ସମୟରେ ସରକାରୀ ସ୍ୱାସ୍ଥ୍ୟ ବ୍ୟୟ (ଜିଏଚ୍‌ଇ) ରେ ବ୍ୟାପକ ହ୍ରାସ ଘଟିଛି । ରିପୋର୍ଟ ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟ ବ୍ୟୟ ୧୧ ପ୍ରତିଶତ ହ୍ରାସ ପାଇ ୨୦୨୧-୨୨ ର ୪,୩୪,୧୬୩ କୋଟି ଟଙ୍କାରୁ ୨୦୨୨-୨୩ ରେ ୩,୮୫,୩୩୨ କୋଟି ଟଙ୍କାକୁ ଖସିଆସିଛି । ଏଥିସହ ସରକାରୀ ସ୍ୱାସ୍ଥ୍ୟ ବ୍ୟୟରେ କେନ୍ଦ୍ର ସରକାରଙ୍କ ଅଂଶଦାନ ମଧ୍ୟ ୪୧.୮ ପ୍ରତିଶତରୁ ୩୬.୩ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ରାଜ୍ୟ ସରକାରମାନଙ୍କ ଉପରେ ବୋଝ ବଢ଼ିଛି ଏବଂ ସେମାନଙ୍କ ଅଂଶଦାନ ୫୮.୨ ପ୍ରତିଶତରୁ ୬୩.୭ ପ୍ରତିଶତକୁ ବୃଦ୍ଧି ପାଇଛି । ଭାରତ ଭଳି ଏକ ବିଶାଳ ତଥା ବିବିଧତାପୂର୍ଣ୍ଣ ଦେଶରେ, ଯେଉଁଠି ଅଧିକାଂଶ ରାଜ୍ୟ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ନୁହଁନ୍ତି, ସେଠାରେ କେନ୍ଦ୍ର ସରକାର ନିଜର ଆର୍ଥିକ ଅଂଶଦାନ କମାଇଦେବା ଜାତୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ଏକ ଶକ୍ତ ଧକ୍କା । ଦେଶର ମୋଟ ସ୍ୱାସ୍ଥ୍ୟ ବ୍ୟୟ ମଧ୍ୟ ୨.୫ ପ୍ରତିଶତ ହ୍ରାସ ପାଇ ୮,୮୧,୩୫୯ କୋଟି ଟଙ୍କା ହୋଇଯାଇଛି ଏବଂ ମୁଣ୍ଡପିଛା ମୋଟ ସ୍ୱାସ୍ଥ୍ୟ ବ୍ୟୟ ୬,୬୦୨ ଟଙ୍କାରୁ ୬,୩୭୩ ଟଙ୍କାକୁ ଖସିଆସିଛି । ଏହା ସୂଚାଉଛି ଯେ ସାମଗ୍ରିକ ଭାବରେ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା ପୁଞ୍ଜି ପ୍ରବାହ ସଙ୍କୁଚିତ ହେବାରେ ଲାଗିଛି, ଯାହାକି ଏକ ବିକାଶଶୀଳ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ ।

ଏହି ପରିସଂଖ୍ୟାନଗୁଡ଼ିକୁ ଯଦି ଆମେ ବୃହତ୍ତର ମାକ୍ରୋ-ଇକୋନୋମିକ୍ (ସମଷ୍ଟିଗତ ଅର୍ଥନୀତି) ଦୃଷ୍ଟିକୋଣରୁ ବିଚାର କରିବା, ତେବେ ପରିସ୍ଥିତି ଆହୁରି ସଙ୍ଗୀନ ମନେହୁଏ । ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅନୁପାତରେ ମୋଟ ସ୍ୱାସ୍ଥ୍ୟ ବ୍ୟୟ ୨୦୨୧-୨୨ ର ୩.୮ ପ୍ରତିଶତରୁ ୨୦୨୨-୨୩ ରେ ୩.୩ ପ୍ରତିଶତକୁ ଖସିଆସିଛି । ଏହି ତଥ୍ୟ ଭାରତ ସରକାରଙ୍କ ନିଜସ୍ୱ ପ୍ରତିଶ୍ରୁତି ଏବଂ ନୀତିଗତ ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ବିରୋଧାଭାସ ସୃଷ୍ଟି କରୁଛି । ସ୍ମରଣଯୋଗ୍ୟ ଯେ, ସରକାରଙ୍କ ଦ୍ୱାରା ପ୍ରଣୀତ ’ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭’ ରେ ଏକ ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଯେ ୨୦୨୫ ସୁଦ୍ଧା ସରକାରୀ ସ୍ୱାସ୍ଥ୍ୟ ବ୍ୟୟକୁ କ୍ରମାଗତ ଭାବେ ବୃଦ୍ଧି କରାଯାଇ ଜିଡିପିର ୨.୫ ପ୍ରତିଶତରେ ପହଞ୍ଚାଯିବ । କିନ୍ତୁ ବର୍ତ୍ତମାନର ସ୍ଥିତି ଦେଖିଲେ ଜଣାପଡୁଛି ଯେ ସରକାରୀ ଖର୍ଚ୍ଚ ବଢ଼ିବା ପରିବର୍ତ୍ତେ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟୟ ହିଁ ଜିଡିପିର ମାତ୍ର ୩.୩ ପ୍ରତିଶତକୁ ସୀମିତ ହୋଇଯାଇଛି । ଏଭଳି ପରିସ୍ଥିତିରେ ୨୦୨୫ ସୁଦ୍ଧା ଜାତୀୟ ସ୍ୱାସ୍ଥ୍ୟ ନୀତିର ଲକ୍ଷ୍ୟ ହାସଲ କରିବା ପ୍ରାୟତଃ ଅସମ୍ଭବ ମନେହେଉଛି । କେବଳ ସେତିକି ନୁହେଁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ର ସ୍ପଷ୍ଟ ସୁପାରିଶ ରହିଛି ଯେ କୌଣସି ଦେଶରେ ନାଗରିକମାନଙ୍କୁ ଆର୍ଥିକ ସଙ୍କଟରୁ ରକ୍ଷା କରିବା ପାଇଁ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା (ୟୁନିଭର୍ସାଲ ହେଲ୍ଥ କଭରେଜ୍) ନିଶ୍ଚିତ କରିବା ପାଇଁ ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚ ମୋଟ ସ୍ୱାସ୍ଥ୍ୟ ବ୍ୟୟର ୧୫ ରୁ ୨୦ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ । କିନ୍ତୁ ଭାରତରେ ଏହା ୪୩.୪ ପ୍ରତିଶତରେ ପହଞ୍ଚିବା ପ୍ରମାଣିତ କରୁଛି ଯେ ଆମର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଅଛି ଏବଂ ଆମେ ବିଶ୍ୱସ୍ତରୀୟ ମାନଦଣ୍ଡଠାରୁ ବହୁ ପଛରେ ପଡ଼ିଛୁ । ବିଶ୍ୱର ଅଧିକାଂଶ ବିକଶିତ ଏବଂ ଉଚ୍ଚ ଆୟକାରୀ ଦେଶଗୁଡ଼ିକରେ ନାଗରିକମାନଙ୍କର ସ୍ୱାସ୍ଥ୍ୟ ଖର୍ଚ୍ଚର ବହୁଳାଂଶ ସରକାର ବା ସାମାଜିକ ସୁରକ୍ଷା ବ୍ୟବସ୍ଥା ବହନ କରୁଥିବା ବେଳେ ଭାରତ ଭଳି ବିକାଶଶୀଳ ଦେଶରେ ରୋଗୀମାନଙ୍କୁ ନିଜ ଖର୍ଚ୍ଚ ନିଜେ ଉଠାଇବାକୁ ପଡୁଛି।

ଅନ୍ୟପକ୍ଷରେ, ରିପୋର୍ଟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି, ତାହା ହେଉଛି ଘରୋଇ ସ୍ୱାସ୍ଥ୍ୟ ବୀମା ବ୍ୟୟରେ ବୃଦ୍ଧି । ୨୦୨୧-୨୨ ରେ ଘରୋଇ ସ୍ୱାସ୍ଥ୍ୟ ବୀମା ବ୍ୟୟ ମୋଟ ସ୍ୱାସ୍ଥ୍ୟ ବ୍ୟୟର ୭.୪୦ ପ୍ରତିଶତ ଥିବା ବେଳେ ୨୦୨୨-୨୩ ରେ ଏହା ୯.୧୯ ପ୍ରତିଶତକୁ (୮୧,୦୧୨ କୋଟି ଟଙ୍କା) ବୃଦ୍ଧି ପାଇଛି । ବାହ୍ୟ ଦୃଷ୍ଟିରୁ ଏହା ଏକ ସକାରାତ୍ମକ ପରିବର୍ତ୍ତନ ଭଳି ମନେ ହେଉଥିଲେ ମଧ୍ୟ ଏହାର ଅନ୍ତର୍ନିହିତ ଅର୍ଥ ବେଶ୍ ଜଟିଳ । ଏହା ସୂଚାଉଛି ଯେ ସରକାରୀ ସ୍ୱାସ୍ଥ୍ୟସେବା ଉପରୁ ଲୋକଙ୍କ ଆସ୍ଥା ତୁଟୁଛି ଏବଂ ସେମାନେ ଭବିଷ୍ୟତର ଆର୍ଥିକ ବିପଦରୁ ବର୍ତ୍ତିବା ପାଇଁ ମହଙ୍ଗା ଘରୋଇ ସ୍ୱାସ୍ଥ୍ୟ ବୀମା କିଣିବାକୁ ବାଧ୍ୟ ହେଉଛନ୍ତି । ତେବେ ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି ଦେଶର ସେହି ବିଶାଳ ଜନସଂଖ୍ୟା ପାଇଁ, ଯେଉଁମାନଙ୍କୁ ଅର୍ଥନୈତିକ ଭାଷାରେ ’ମିସିଂ ମିଡିଲ୍’ ବା ମଧ୍ୟବିତ୍ତ ଶ୍ରେଣୀ କୁହାଯାଏ। ଆୟୁଷ୍ମାନ ଭାରତ ଭଳି ସରକାରୀ ଯୋଜନାଗୁଡ଼ିକ ଦେଶର ଅତି ଗରିବ ଏବଂ ନିମ୍ନ ଆୟକାରୀ ବର୍ଗଙ୍କୁ କିଛି ମାତ୍ରାରେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଉଚ୍ଚ ଆୟକାରୀ ବର୍ଗ ନିଜ ପାଇଁ ବ୍ୟୟବହୁଳ ଘରୋଇ ବୀମା କିଣିପାରୁଛନ୍ତି । କିନ୍ତୁ ଦେଶର ଏକ ବୃହତ୍ ମଧ୍ୟବିତ୍ତ ଶ୍ରେଣୀ ଅଛନ୍ତି, ଯେଉଁମାନେ ସରକାରୀ ଯୋଜନାର ହିତାଧିକାରୀ ହେବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ ଏବଂ ଅନ୍ୟପଟେ ଘରୋଇ ବୀମାର ମୋଟା ଅଙ୍କର ପ୍ରିମିୟମ୍ ଦେବାକୁ ମଧ୍ୟ ସକ୍ଷମ ନୁହଁନ୍ତି । ଏହି ଶ୍ରେଣୀର ଲୋକମାନେ ହିଁ ସବୁଠାରୁ ଅଧିକ ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚର ଶିକାର ହେଉଛନ୍ତି।

ଯେତେବେଳେ ସ୍ୱାସ୍ଥ୍ୟସେବା ପାଇଁ ବ୍ୟକ୍ତିଗତ ଖର୍ଚ୍ଚ ଅତ୍ୟଧିକ ବଢ଼ିଯାଏ, ଏହାର ସିଧାସଳଖ ଏବଂ ଭୟଙ୍କର ପ୍ରଭାବ ସମାଜର ସାମାଜିକ ତଥା ଅର୍ଥନୈତିକ ସ୍ଥିତି ଉପରେ ପଡ଼ିଥାଏ । ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ଭାରତରେ ଉଚ୍ଚ ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚ ଯୋଗୁଁ ପ୍ରତିବର୍ଷ ଲକ୍ଷ ଲକ୍ଷ ପରିବାର ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯାଆନ୍ତି । ପରିବାରର କୌଣସି ସଦସ୍ୟ କର୍କଟ, ହୃଦ୍‌ରୋଗ, ମଧୁମେହ କିମ୍ବା ବୃକକ୍ ରୋଗ ଭଳି ଗମ୍ଭୀର ଅଣ-ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଲେ, ଚିକିତ୍ସା ଖର୍ଚ୍ଚ ତୁଲାଇବା ପାଇଁ ଲୋକମାନେ ନିଜର ଜୀବନଯାକର ସଞ୍ଚୟ ଖର୍ଚ୍ଚ କରିଦିଅନ୍ତି, ଜମିବାଡ଼ି ବିକ୍ରି କରନ୍ତି କିମ୍ବା ଚଢ଼ା ସୁଧରେ ଋଣ ଆଣିବାକୁ ବାଧ୍ୟ ହୁଅନ୍ତି । ଏହାକୁ ଅର୍ଥନୈତିକ ପରିଭାଷାରେ ’କାଟାଷ୍ଟ୍ରୋଫିକ୍ ହେଲ୍ଥ ଏକ୍ସପେଣ୍ଡିଚର’ ବା ବିପର୍ଯ୍ୟୟକାରୀ ସ୍ୱାସ୍ଥ୍ୟ ଖର୍ଚ୍ଚ କୁହାଯାଏ । ଯେଉଁ ଅର୍ଥ ପିଲାମାନଙ୍କର ଶିକ୍ଷା, ପୁଷ୍ଟିକର ଖାଦ୍ୟ କିମ୍ବା ଭବିଷ୍ୟତର ଉନ୍ନତି ପାଇଁ ବିନିଯୋଗ ହେବା କଥା, ତାହା କେବଳ ରୋଗରୁ ମୁକୁଳିବା ପାଇଁ ଖର୍ଚ୍ଚ ହୋଇଯାଏ । ଏହାଛଡ଼ା, ଅର୍ଥ ଅଭାବରୁ ଅନେକ ସମୟରେ ଲୋକେ ଠିକ୍ ସମୟରେ ଚିକିତ୍ସା କରାଇବାରୁ ବଞ୍ଚିତ ହୁଅନ୍ତି କିମ୍ବା ଚିକିତ୍ସା ଅଧାରୁ ଛାଡ଼ିଦିଅନ୍ତି, ଯାହା ଦେଶର ମାନବ ସମ୍ବଳ ଏବଂ ଉତ୍ପାଦିକା ଶକ୍ତି ଉପରେ ଏକ ବଡ଼ ନକାରାତ୍ମକ ପ୍ରଭାବ ପକାଇଥାଏ। ରିପୋର୍ଟରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ମୋଟ ସ୍ୱାସ୍ଥ୍ୟ ବ୍ୟୟର ୮୭ ପ୍ରତିଶତ କେବଳ ବର୍ତ୍ତମାନର ସ୍ୱାସ୍ଥ୍ୟ ଖର୍ଚ୍ଚ (କରେଣ୍ଟ ହେଲ୍ଥ ଏକ୍ସପେଣ୍ଡିଚର) ବାବଦରେ ଯାଉଥିବା ବେଳେ ମାତ୍ର ୧୩ ପ୍ରତିଶତ ପୁଞ୍ଜିଗତ ଖର୍ଚ୍ଚ (କ୍ୟାପିଟାଲ ଏକ୍ସପେଣ୍ଡିଚର) ଅଟେ । ଅର୍ଥାତ୍ ଅଧିକାଂଶ ଅର୍ଥ କେବଳ ଦୈନନ୍ଦିନ ପରିଚାଳନା ଏବଂ ଔଷଧପତ୍ରରେ ଖର୍ଚ୍ଚ ହେଉଛି, କିନ୍ତୁ ନୂତନ ଡାକ୍ତରଖାନା ନିର୍ମାଣ, ଅତ୍ୟାଧୁନିକ ଯନ୍ତ୍ରପାତି କ୍ରୟ ଏବଂ ଦୀର୍ଘମିଆଦୀ ଭିତ୍ତିଭୂମି ବିକାଶ ପାଇଁ ଯଥେଷ୍ଟ ଅର୍ଥ ବିନିଯୋଗ ହେଉନାହିଁ ।

ସୁତରାଂ, ସରକାର ଏହି ଏନ୍‌ଏଚ୍‌ଏ ୨୦୨୨-୨୩ ରିପୋର୍ଟର ତଥ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ସତର୍କ ଘଣ୍ଟି ଭାବରେ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ । ଏକ ସୁସ୍ଥ ଏବଂ ସଶକ୍ତ ଭାରତ ଗଠନ ପାଇଁ କେବଳ ସ୍ଲୋଗାନ କିମ୍ବା ଆଂଶିକ ବୀମା ଯୋଜନା ଯଥେଷ୍ଟ ନୁହେଁ । ସରକାରଙ୍କୁ ନିଜର ସ୍ୱାସ୍ଥ୍ୟ ବଜେଟ୍ ଏବଂ ଆର୍ଥିକ ଆବଣ୍ଟନକୁ ଯୁଦ୍ଧକାଳୀନ ଭିତ୍ତିରେ ସମୀକ୍ଷା କରିବାକୁ ପଡ଼ିବ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ସ୍ତରରେ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବିନା ମୂଲ୍ୟରେ ଗୁଣାତ୍ମକ ଔଷଧ ଏବଂ ରୋଗ ନିର୍ଣ୍ଣୟ ବ୍ୟବସ୍ଥା (ଡାଇଗ୍ନୋଷ୍ଟିକ୍ସ) ସୁନିଶ୍ଚିତ କରିବା ଦିଗରେ ବ୍ୟାପକ ପଦକ୍ଷେପ ନେବାକୁ ହେବ । ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ର ଲକ୍ଷ୍ୟ ଅନୁଯାୟୀ ଜିଡିପିର ଅତିକମରେ ୨.୫ ପ୍ରତିଶତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଏବଂ ଆର୍ଥିକ ଇଚ୍ଛାଶକ୍ତିର ପ୍ରଦର୍ଶନ ଆବଶ୍ୟକ । ସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା ଖର୍ଚ୍ଚକୁ ଏକ ବୋଝ ନଭାବି, ଏହାକୁ ଦେଶର ଭବିଷ୍ୟତ ମାନବ ସମ୍ବଳ ଉପରେ ଏକ ଶ୍ରେଷ୍ଠ ପୁଞ୍ଜିନିବେଶ ଭାବରେ ଗ୍ରହଣ କରିବା ଉଚିତ୍ । ଯଦି ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ତୁରନ୍ତ ସୁଦୃଢ଼ କରାନଯାଏ ଏବଂ ଲୋକଙ୍କ ଉପରୁ ଆଉଟ୍-ଅଫ୍-ପକେଟ୍ ଖର୍ଚ୍ଚର ପାହାଡ଼କୁ କମାନଯାଏ, ତେବେ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ସୁଫଳ କଦାପି ସାଧାରଣ ନାଗରିକଙ୍କ ନିକଟରେ ପହଞ୍ଚିପାରିବ ନାହିଁ ଏବଂ ଦେଶର ଏକ ବଡ଼ ଜନସଂଖ୍ୟା କେବଳ ଚିକିତ୍ସା ଖର୍ଚ୍ଚ ଯୋଗୁଁ ଆର୍ଥିକ ଦାସତ୍ୱର ଶିକାର ହେଉଥିବେ ।

# ହାଇକମାଣ୍ଡବାଦ ଗଣତନ୍ତ୍ରର ପରିପନ୍ଥୀ



ଅଧ୍ୟାପକ ଗୋପବନ୍ଧୁ

ଗଣତନ୍ତ୍ର ସାଧାରଣ ଜନତାଙ୍କ ବ୍ୟବସ୍ଥା। ସରକାର କ୍ଷେତ୍ରରେ ଏହା ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ଶାସନ ବ୍ୟବସ୍ଥାରେ ସମସ୍ତେ ସମାନ ଭାଗୀଦାର ହୋଇଥାନ୍ତି। ସରକାର ସାଧାରଣ ଜନତାଙ୍କ ସହମତିରେ ଗଠିତ ହୁଏ। ତେଣୁ ଗଣତନ୍ତ୍ର ସାମୂହିକ ସିଦ୍ଧାନ୍ତ ଓ ସାମୂହିକ ନେତୃତ୍ୱକୁ ବୁଝାଏ। ଏହା ରାଜତନ୍ତ୍ରଠାରୁ ଭିନ୍ନ, ଯେଉଁଠାରେ ରାଜା ସର୍ବୋମୟ କର୍ତ୍ତା ହୋଇଥାନ୍ତି। ହାଇକମାଣ୍ଡ ଶବ୍ଦ ଗଣତନ୍ତ୍ରର ପରିପନ୍ଥୀ। ଏହା ସାମରିକବାହିନୀର ଶବ୍ଦ। ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀଙ୍କୁ ହାଇକମାଣ୍ଡ କୁହାଯାଏ। ଏହା ଅନୁଶାସନର ଶବ୍ଦ। ସାମରିକବାହିନୀ କ୍ଷେତ୍ରରେ ଏହା ଜରୁରୀ। ଏହା ଏକଛତ୍ରବାଦର ଶବ୍ଦ ମଧ୍ୟ। ଏକଛତ୍ରବାଦୀ ଶାସକ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିଥାଏ। ତେଣୁ ହାଇକମାଣ୍ଡ ହେଉଛି ସର୍ବୋଚ୍ଚ ଅଧିକାରୀ, ସେ ଯାହା କହିବେ ତାହା ଅଧସ୍ତନମାନେ ମାନିବାକୁ ବାଧ୍ୟ। ହାଇକମାଣ୍ଡ ନିର୍ଦ୍ଦେଶ ଜାରି କରନ୍ତି। ତଳେ ଥିବା ଲୋକମାନଙ୍କର ମତାମତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେହିପରି ସୁପ୍ରିମୋ ଶବ୍ଦ ମଧ୍ୟ ଅଗଣତାନ୍ତ୍ରିକ। ଗଣତନ୍ତ୍ରରେ ସୁପ୍ରିମୋ କେହିନାହାନ୍ତି। ଏଥିରେ ସମସ୍ତେ ସମାନ। ନେତା ହେଉଛନ୍ତି ଗଣମାନଙ୍କ ବା ସାଧାରଣ ଜନତାଙ୍କ ଭିତରୁ ଜଣେ।

ଗଣତନ୍ତ୍ରରେ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ସମୀଚୀନ ନୁହେଁ। ଅନେକ ରାଜନୈତିକ ଦଳ ଏହି ଶବ୍ଦର ପ୍ରୟୋଗ କରନ୍ତି। ବିଶେଷକରି ପରିବାରବାଦୀ ରାଜନୈତିକ ଦଳମାନେ ଏହି ଶବ୍ଦର ବ୍ୟବହାର ବହୁଳମାତ୍ରାରେ କରୁଥିବାର ଶୁଣାଯାଏ। ହାଇକମାଣ୍ଡ ବା ସୁପ୍ରିମୋ ଯାହା କହିବେ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ନିର୍ଦ୍ଦେଶ, ହାଇକମାଣ୍ଡ ବା ସୁପ୍ରିମୋଙ୍କ ଇଚ୍ଛା ଇତ୍ୟାଦି ଅଗଣତାନ୍ତ୍ରିକ ଶବ୍ଦ ପ୍ରୟୋଗ ଶୁଣିବାକୁ ମିଳେ। ଏପରି ଶବ୍ଦରୁ ଜଣାପଡେ ଯେ ସମ୍ପୃକ୍ତ ପାର୍ଟି ଜଣକ ନିର୍ଦ୍ଦେଶରେ ଚାଲେ। ଅନ୍ୟମାନେ କେବଳ ଅବୋଲକରା। ପାର୍ଟିର ସବୁକିଛି ଜଣକ ମର୍ଜି ଓ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ। ଗଣତନ୍ତ୍ରରେ ହାଇକମାଣ୍ଡବାଦ ଅତ୍ୟନ୍ତ ମାରାତ୍ମକ। ଏହା ଏକଛତ୍ରବାଦୀ ଶାସନକୁ ଉତ୍ସାହିତ କରେ। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା କଣ ବୁଝନ୍ତି ନାହିଁ, ସେମାନେ ଏପ୍ରକାର ଶବ୍ଦର ପ୍ରୟୋଗ କରିବାକୁ ଓ ଶୁଣିବାକୁ ଭଲ ପାଆନ୍ତି। ଏହିପ୍ରକାର ଲୋକମାନେ ଏଯାଏଁ ରାଜତନ୍ତ୍ର ମାନସିକତାକୁ ଛାଡି ପାରିନଥିବା ପରି ମନେହୁଏ। ଦଳରେ ନେତାକୁ ଏମାନେ ରାଜା ବୋଲି ଭାବି ନିଅନ୍ତି।

ନିର୍ବାଚନ ଉପନୀତ ହେଲେ ଆଶାୟୀମାନେ ଦଉଡନ୍ତି ହାଇକମାଣ୍ଡଙ୍କ ପାଖକୁ କଳେବଳେ କୌଶଳେ ଟିକେଟ ଆଣିବାକୁ। ଯେ କୌଣସି ଉପାୟରେ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରିପାରିଲେ ଟିକେଟ ମିଳିଯାଏ। ହାଇକମାଣ୍ଡ ସାଧାରଣତଃ ଆନୁଗତ୍ୟକୁ ପ୍ରାଧାନ୍ୟ ଦିଅନ୍ତି। କେତେକ କ୍ଷେତ୍ରରେ ଅର୍ଥ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆନୁଗତ୍ୟ କହିଲେ ଏକ୍ଷେତ୍ରରେ ହାଇକମାଣ୍ଡ ପ୍ରତି ଆନୁଗତ୍ୟ ଅଥବା ତାଙ୍କ ପରିବାର ପ୍ରତି ଆନୁଗତ୍ୟକୁ ବୁଝାଏ। ଯେଉଁମାନେ ତାଙ୍କ ହଁରେ ହଁ ଭରନ୍ତି ଓ ନାରେ ନା କରନ୍ତି। ଏମାନଙ୍କ ନା ରାଷ୍ଟ୍ରପ୍ରତି ଆନୁଗତ୍ୟ ଥାଏ ନା ସମାଜ ପ୍ରତି। ହାଇକମାଣ୍ଡଙ୍କ ଗୁଣଗାନରେ ଏମାନଙ୍କ ଦିନରାତି କଟେ। ଯେଉଁଦିନ ଏମାନଙ୍କ ଆନୁଗତ୍ୟ ସମାପ୍ତ ହୁଏ ସେଦିନ ସେହି ଦଳରୁ ତାଙ୍କ ସଦସ୍ୟତା ମଧ୍ୟ ସମାପ୍ତ ହୁଏ। ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା। ପ୍ରଜା କଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ। ସେହିପରି ହାଇକମାଣ୍ଡ ବି ଜଣେ ରାଜା। ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର। ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବୋତ୍ତର ରହିଛି।

ପୂର୍ବେ ଜୱାହରଲାଲ ନେହରୁ ଥିଲେ କଂଗ୍ରେସର ହାଇକମାଣ୍ଡ, ତାଙ୍କ ପରେ ତାଙ୍କ ଝିଅ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ତାଙ୍କ ପରେ ତାଙ୍କ ପୁଅ ରାଜୀବ ଗାନ୍ଧୀ ଓ ଏବେ ତାଙ୍କ ପୁଅ ରାହୁଲ ଗାନ୍ଧୀ ହେଉଛନ୍ତି ପାର୍ଟିର ହାଇକମାଣ୍ଡ। ଏନସିପିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଶରଦ ପାୱାର, ବିଏସପି ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟବତୀ, ଏବେ ସମାଜବାଦୀ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଅଖିଳେଶ ଯାଦବ, ଓଡ଼ିଶାରେ ବିଜେଡିର ହାଇକମାଣ୍ଡ ହେଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ହାଇକମାଣ୍ଡ ହେଉଛନ୍ତି ମମତା ବାନାର୍ଜୀ, ବିହାରରେ ଜେଡିଇଉର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ନୀତିଶ କୁମାର, ଏବେ ଆରଜେଡିର ସୁପ୍ରିମୋ ହେଉଛନ୍ତି ଶ୍ରୀଯୁକ୍ତ ତେଜସ୍ୱୀ ଯାଦବ, ଜାମୁ-କାଶ୍ମୀରରେ ଏନସିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଉମର୍ ଅବଦୁଲ୍ଲା, ତାମିଲନାଡୁରେ ଡିଏମକେର ହାଇକମାଣ୍ଡ ହେଉଛନ୍ତି ଷ୍ଟାଲିନ୍, ସେଠାରେ ଏବେ କ୍ଷମତାକୁ ଆସିଥିବା ଟିଭିକେର ହାଇକମାଣ୍ଡ ହେଉଛନ୍ତି ବିଜୟ ଥାଲାପତି, ଆନ୍ଧ୍ରପ୍ରଦେଶରେ ତେଲଗୁ ଦେଶମ୍ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଚନ୍ଦ୍ରବାବୁ ନାଇଡୁ, ୱାଇଏସଆର କଂଗ୍ରେସର ଶ୍ରୀ ଜଗନ ମୋହନ, ତେଲେଙ୍ଗାନାରେ ବିଆରଏସର ସୁପ୍ରିମୋ ହେଉଛନ୍ତି ଶ୍ରୀ ଚନ୍ଦ୍ରଶେଖର ରାଓ, ଝାଡଖଣ୍ଡରେ ଜେଏମଏମର ସୁପ୍ରିମୋ ହେଉଛନ୍ତି ଶ୍ରୀ ହେମନ୍ତ ସୋରେନ। ଏହିପରି ପ୍ରତ୍ୟେକ ଦଳରେ ଜଣେ ଜଣେ ସୁପ୍ରିମୋ ବା ହାଇକମାଣ୍ଡ ଅଛନ୍ତି।

ଯେଉଁମାନେ ଦାବି କରନ୍ତି ଯେ ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଦଳରେ ମଧ୍ୟ ହାଇକମାଣ୍ଡ ସଂସ୍କୃତି ରହିଛି। ପାର୍ଟିକୁ ଜଣେ ଦୁଇଜଣ ବ୍ୟକ୍ତି ନିଜ ହାତମୁଠାରେ ରଖିବା ଓ ନିଜ ସିଦ୍ଧାନ୍ତ ସମସ୍ତଙ୍କ ଉପରେ ଲଦିଦେବା ଏକ ପ୍ରକାରର ରାଜନୈତିକ ସ୍ୱେଚ୍ଛାଚାରୀତା। ଏବେ ଏହା ବହୁଳଭାବେ ଦେଖିବାକୁ ମିଳୁଛି। ଏମାନେ ମଧ୍ୟ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିବାକୁ ଚାହାଁନ୍ତି। ଏମାନେ କୌଣସି ପ୍ରକାର ଭିନ୍ନମତ, ଆଲୋଚନା, ବିତର୍କ, ପରାମର୍ଶ ଇତ୍ୟାଦିକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ରାତିରେ ସ୍ୱପ୍ନ ଦେଖି ସକାଳେ ତାହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରନ୍ତି ଓ ଲୋକମାନଙ୍କୁ ଲମ୍ବା ଧାଡିରେ ଛିଡା କରାଇ ଦିଅନ୍ତି। ଏମାନେ ପାରିବାରିକ ପାର୍ଟିର ହାଇକମାଣ୍ଡ ମାନଙ୍କଠାରୁ ଆହୁରି ମାରାତ୍ମକ ଓ ଆହୁରି ଗଣତନ୍ତ୍ର ବିରୋଧି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରି ଏମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଚାହାଁନ୍ତି। ନିଜ ଦଳର ଭିନ୍ନମତକୁ ଏମାନେ ଚାପିଦିଅନ୍ତି। କେହିବି ଏମାନଙ୍କ ନୀତି ବିରୁଦ୍ଧରେ ସ୍ୱରଉତ୍ତୋଳନ କାରିବାକୁ ସାହସ କରନ୍ତି ନାହିଁ। ନିଜ ଅନୁଗତମାନଙ୍କୁ ପଦପଦବୀରେ ରଖି ହାଁଜିର ଫୌଜ ଠିଆ କରନ୍ତି।

କେବଳ ଭୋଟଦେଇ ସରକାର ଗଢିବା ଗଣତନ୍ତ୍ର ନୁହେଁ। ଏହା ସାମଗ୍ରିକ ଚେତନାକୁ ବୁଝାଏ। ଏହା ସମାନତାର ଭାବନା ଓ ଅନ୍ୟର ମତକୁ ସମ୍ମାନ ଦେବାକୁ ବୁଝାଏ। ବିତର୍କ ମାଧ୍ୟମରେ ସହମତିର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ବୁଝାଏ। ନିଜକୁ ସୁପ୍ରିମ୍ ବା ଉଚ୍ଚତର ଭାବୁଥିବା କୌଣସି ବ୍ୟକ୍ତି ଗଣତନ୍ତ୍ରବାଦୀ ହୋଇପାରିବ ନାହିଁ। ଗଣତନ୍ତ୍ର ଏକ ବିକଶିତ ଚେତନା। ଏହା ମାନବବାଦ ସହିତ ଜଡିତ। ଏହି ଚେତନାର ବିକାଶ ପାଇଁ ସାଧନା ଲୋଡ଼ା। ସାଧନା ବଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୁଏ। ଏହା ଏକ ଗଭୀର ଅନୁଭୂତି। ଜଣେ ଗଣତନ୍ତ୍ର ପ୍ରେମୀର ଚିନ୍ତନ, କଥନ ଓ କର୍ମ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ହେବା ଜରୁରୀ। ଗୋଟିଏ ଦଳ ମଧ୍ୟରେ ଥିବା ସମସ୍ତ କର୍ମୀ ସମାନ ମର୍ଯ୍ୟାଦା ପାଇବା ଉଚିତ୍। ଦଳ ସାମୁହିକ ବିଚାରବିମର୍ଷ ଉପରେ ଆଗକୁ ବଢିବା ଉଚିତ୍। ସର୍ବୋଚ୍ଚ ନେତା ସେହି ବ୍ୟକ୍ତିତ୍ୱର ଅଧିକାରୀ ହେବା ଉଚିତ୍ ଯାହାଙ୍କ ନିକଟରେ ସମସ୍ତଙ୍କୁ ଶୁଣିବା ଓ ସେହି ଅନୁସାରେ ସିଦ୍ଧାନ୍ତ ନେବାର ଗୁଣ ଥିବ। ଯାହାଙ୍କ ନିକଟରେ ଗଣପ୍ରତି ସମ୍ମାନବୋଧ ଥିବ।

ଯେଉଁଠାରେ ନେତାଙ୍କ ପାଇଁ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ହୁଏ ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନିଶ୍ଚିତଭାବେ ବ୍ୟାହତ ହୁଏ। ବିକଶିତ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏପରି ଶବ୍ଦର ପ୍ରୟୋଗ ହୁଏ ନାହିଁ। ସେଠାକାର ସର୍ବୋଚ୍ଚ ନେତା ଜଣେ ସାଧାରଣ ନାଗରୀକ। କାର୍ଯ୍ୟକାଳର ସମାପ୍ତ ପରେ ଦେଖାଯାଏ ସେମାନେ କେଉଁଠାରେ ସେଲସମ୍ୟାନ୍ ବା କେଉଁ ଅଫିସରେ ସାଧାରଣ କର୍ମଚାରୀଭାବେ କାର୍ଯ୍ୟରତ। ଭାରତବର୍ଷର ରାଜନୀତିରୁ ପରିବାରବାଦ ସମାପ୍ତ ହେବା ସହିତ ହାଇକମାଣ୍ଡ ସଂସ୍କୃତିର ମଧ୍ୟ ସମାପ୍ତ ହେବା ଆବଶ୍ୟକ। ଆମେ ନିଜକୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରୀକଭାବେ ଗର୍ବକରିବା ସହିତ ଆମେ ଉନ୍ନତ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ ରାଷ୍ଟ୍ରର ନଗରୀକଭାବେ ଗର୍ବ କରିବାର ଅବକାଶ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ।

+ବାରିପଦା, ମୟୁରଭଞ୍ଜ
ମୋ:୭୦୦୮୯୭୬୧୮୦୨୨

# ଜୀବନ ବିଯୋଗର ବ୍ୟବଧାନ ଗଣିତ



ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବିକାଶ ଜୟା ପାଖରେ ବସିଥିବା ପୁଅକୁ ତାଙ୍କ ସିଟ୍ ଦେଇ ତାଙ୍କ ପାଖରେ ବସିଲେ । ବିକାଶର ଖୁସିରେ ଜୟାର ମୁହଁରେ ଫୁଲ ଫୁଟି ଉଠିଥିଲା, ଯେତେବେଳେ ବିକାଶ ମଧ୍ୟ ସାକ୍ଷାତକାରରେ ସଫଳ ହୋଇଥିଲେ ।

ଦୀର୍ଘ ଯାତ୍ରା ଆଖି ପିଛୁଳାକେ ଚାଲିଗଲା। ସେମାନେ ମୋବାଇଲ୍ ନମ୍ବର ବିନିମୟ କଲେ । ଯାତ୍ରା ସମୟରେ ଗଢ଼ି ଉଠିଥିବା ଏହି ବନ୍ଧୁତା ପ୍ରେମରେ ପରିଣତ ହେଲା । ସେତେବେଳେ, ଏପରି ଲାଗୁଥିଲା ଯେ ଏଠାରେ ଥିବା ଏକମାତ୍ର ଫୁଲ ଜୀବନକୁ ସୁଗନ୍ଧିତ ରଖିବ । ଫୁଲରେ ସବୁବେଳେ କଣ୍ଟା ଥାଏ, କିନ୍ତୁ ସେହି ବୟସରେ, ମୁଁ ସେଗୁଡ଼ିକୁ ଲକ୍ଷ୍ୟ କରିନଥିଲି ।

ଜୟାଙ୍କ ବାପାମାଆଙ୍କ ବିବାହ ପାଇଁ ଭିନ୍ନ ଭିନ୍ନ ଆକାଂକ୍ଷା ଥିଲା। କିନ୍ତୁ ଜଣେ ବ୍ୟକ୍ତି ସବୁବେଳେ ତାଙ୍କ ପିଲାମାନଙ୍କ ଆଗରେ ହାର ମାନିଯାଏ । ସେମାନଙ୍କର ଜିଦ୍ ଅଟଳ ଥିଲା । ତଥାପି, ବିକାଶର ଏକ ଭଲ ପାରିବାରିକ ପୃଷ୍ଠଭୂମି ଥିଲା। ବିବାହ ବହୁତ ଧୁମଧାମରେ ପାଳିତ ହୋଇଥିଲା । ତାଙ୍କ ବାପାମାଆଙ୍କ ଘରୁ ବାହାରିବା ପରେ, ଜୟା କିଛି ଦିନ ପାଇଁ ତାଙ୍କ ଶ୍ୱଶୁର ଘରେ ରହିଲେ । ଯେଉଁଠାରେ ସେ ଶୀଘ୍ର ସମସ୍ତଙ୍କ ସହିତ ମିଶିଗଲେ ।

ବିକାଶଙ୍କ ଛୁଟି ଶେଷ ହୋଇଗଲା। ସେମାନେ ସ୍ୱପ୍ନର ସହର ଭୁବନେଶ୍ୱର ଠାରେ ବସବାସ କଲେ । ଧୀରେ ଧୀରେ, ବିକାଶର ଏକ ଭିନ୍ନ ଦିଗ ଦେଖାଗଲା । ସେ ସବୁବେଳେ ସବୁକିଛିରେ ଜୟାଙ୍କୁ ବାଧା ଦେଉଥିଲେ। କାହା ସହିତ ସାମାନ୍ୟ କଥାବାର୍ତ୍ତା ମଧ୍ୟ ତାଙ୍କ ମନରେ ଏକ କଠିନ ସନ୍ଦେହ ସୃଷ୍ଟି କରୁଥିଲା । ଜୟା କାହାକୁ କିଛି କହିପାରୁ ନଥିଲେ । କାରଣ ଏହା ତାଙ୍କର ପସନ୍ଦ ଥିଲା । ଜଣେ ବ୍ୟକ୍ତିଙ୍କୁ ବିଚାର କରିବା ଓ ବୁଝିବା କେତେ କଷ୍ଟକର । ସେମାନେ ଗୋଟିଏ ଧାରାରେ ଦେଖାଯାଆନ୍ତି ଓ ଅନ୍ୟ ଧାରାରେ କାମ କରନ୍ତି । ଜୟା ତାଙ୍କ ହାତରେ କେବଳ ଏକ କାପ ପୁତୁଳା ହୋଇଗଲେ । କଣ୍ଢେଇ ପରି ନାଚୁଥିବାର।

ଯେଉଁଦିନ ଜୟା ଜାଣିଲା ଯେ ବିକାଶଙ୍କ ଶାରୀରିକ ଅସୁସ୍ଥତା ତାଙ୍କୁ ମା’ ହେବାରୁ ବାଧା ଦେଉଛି, ସେହି ଦିନ ଜୟାଙ୍କ ପାଦ ତଳୁ ମାଟି ଖସିଗଲା । ସେଦିନ ସେ ଯେଉଁ ଆଘାତ ଅନୁଭବ କରିଥିଲେ, ତାହାରୁ ପୁନରୁଦ୍ଧାର କରିବା ଅସମ୍ଭବ ହୋଇଗଲା । ସେମାନଙ୍କ ମଧ୍ୟରେ ନୀରବତାର ଏକ ପ୍ରାଚୀର ସ୍ଥାୟୀ ହୋଇଗଲା । ସେ ସାରା ଜୀବନ ଏମିତି ଏକ ଭୁଲର ଦଣ୍ଡ ଭୋଗିବେ । ଅନୁତାପର ନିଆଁରେ ଜଳିବା ବ୍ୟତୀତ ସେ ଅନ୍ୟ କୌଣସି ଉପାୟ ଦେଖି ନଥିଲେ। ଜୟା ତାଙ୍କ ହୃଦୟ ପରିବର୍ତ୍ତନ କରିପାରନ୍ତି ବୋଲି ଭୟ କରି, ବିକାଶ ବୋଧହୁଏ ତାଙ୍କୁ ଏକ ସୁନା ପିଞ୍ଜରାରେ ବନ୍ଦ କରି ରଖିଥିଲେ । ଏବେ ସେ ଏହି ପିଞ୍ଜରାରେ ଏତେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ଖୋଲା ଆକାଶ ପାଇଗଲେ ମଧ୍ୟ ସେ ଉଡ଼ିପାରିବେ ନାହିଁ। ସମୟ ଚକ୍ରରେ, ତାଙ୍କର ଭିତରର ପ୍ରତିଭା, ତାଙ୍କର ବ୍ୟକ୍ତିତ୍ୱ, ସବୁକିଛି ହଜି ଯାଇଥିଲା। ଜୟା ତାଙ୍କ ଦୈନନ୍ଦିନ କାମରେ ବ୍ୟସ୍ତ ଥିଲେ ।

ଠିକ୍ ସେହି ସମୟରେ, ବିକାଶଙ୍କ ଅଫିସରୁ ତାଙ୍କୁ ଫୋନ୍ ଆସିଲା । ହଠାତ୍, ବିକାଶଙ୍କ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ଏହା ଶୁଣି ସେ ସ୍ଥିର ହୋଇ ବସିଥିଲେ, ତାଙ୍କ ଆଖି ବନ୍ଦ ହୋଇଗଲା। ସେ କିଛି ବୁଝିପାରିଲେ ନାହିଁ । ସେ ସେଠାରେ କାହାକୁ ଚିହ୍ନି ନଥିଲେ । ପଡ଼ୋଶୀ ସମ୍ପର୍କୀୟମାନେ ଉଭୟ ପରିବାରର ନିକଟ ସମ୍ପର୍କୀୟଙ୍କ ଫୋନ୍ ନମ୍ବର ନେଇ ଅନ୍ତିମ ସଂସ୍କାର ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ ଯେପର୍ଯ୍ୟନ୍ତ ସେମାନେ ଆସି ନ ଥିଲେ । ସମ୍ପର୍କୀୟମାନେ ଆସିଲେ, ଆନୁଷ୍ଠାନିକ କାର୍ଯ୍ୟ କଲେ, ତାଙ୍କୁ ସାନ୍ତ୍ୱନା ଦେଲେ ଓ ଚାଲିଗଲେ ।

କିନ୍ତୁ ଆଜିକାଲି କାହାର ଦାୟିତ୍ୱ କିଏ ନେବ ? ତ୍ରୟୋଦଶ ଦିନର ପୂଜାର୍ଚ୍ଚନା ପରେ, ସମସ୍ତେ ନିଜ ନିଜ ବାଟକୁ ଚାଲିଗଲେ, ତାଙ୍କୁ ସମ୍ପୂର୍ଣ୍ଣ ଏକା ଛାଡିଦେଲେ... ତାଙ୍କ ଜୀବନର କୋଡ଼ିଏ ବସନ୍ତ ନଷ୍ଟ କରିବା ପରେ, ଜୀବନର କଳଙ୍କିତ ଗାଡ଼ିକୁ ପୁଣି ଟ୍ରାକରେ ଆଣିବା ଏତେ ସହଜ ନଥିଲା ।

ସାରା ରାତି ଏହି କଥା ଭାବି ଭାବି, ସୂର୍ଯ୍ୟ କେତେବେଳେ ଆସି ଦ୍ୱାର ବାଜିଲା ଜାଣିପାରିଲେ ନାହିଁ । ଛୁଟିଦିନ ଥିଲା ଓ ସକାଳ ଏଗାରଟାରେ ଦ୍ୱାର କଲିଂବେଲ୍ ବାଜିଲା । ମୁଁ ଯେତେବେଳେ ଦ୍ୱାର ଖୋଲିବାକୁ ଗଲି, ମୋ ସାମ୍ନାରେ ଅଭୟଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଅଭୟ କଲେଜରେ ମୋର ସବୁଠାରୁ ଭଲ ବନ୍ଧୁ ଥିଲା । ଆଜି ସେ ତାଙ୍କ ସ୍ତ୍ରୀଙ୍କ ସହିତ ଜୟାଙ୍କୁ ଭେଟିବାକୁ ଆସିଥିଲେ । ଦୁହେଁ ଏକାଠି ବହୁତ ଭଲ ଦେଖାଯାଉଥିଲେ । ସେମାନଙ୍କର ସମନ୍ୱୟ ଦେଖି ଜୟା ହୃଦୟରେ ଏକ କଷ୍ଟ ଅନୁଭବ କଲା । ସେ ସାରା ଜୀବନ ଏହି ସମନ୍ୱୟ ପାଇବାର ଇଚ୍ଛାରେ ଅତୃପ୍ତ ରହିଥିଲେ । ଅଭୟ ଓ ତାଙ୍କ ସ୍ତ୍ରୀ ନୀଳିମା ଉଭୟେ ତାଙ୍କୁ ଜୋରଜବରଦସ୍ତି ଦୁଇ-ଚାରି ଦିନ ପାଇଁ ତାଙ୍କ ସହିତ ଆଣିଥିଲେ।

ସେହି ଦୁଇ ଚାରି ଦିନ ମଧ୍ୟରେ, ନୀଳିମା ତାଙ୍କୁ ବାହାର ଦୁନିଆ ସହିତ ପରିଚିତ କରାଇଦେଲେ । ସେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ତାଙ୍କୁ ବୁଲିବାକୁ ନେଇଯାଉଥିଲେ । ସେ ସମସ୍ତ ବ୍ୟାଙ୍କ ଡକ୍ୟୁମେଣ୍ଟ ମଧ୍ୟ ସମୀକ୍ଷା କରୁଥିଲେ ଓ ସମସ୍ତ କାମ ବୁଝାଉଥିଲେ । ସେମାନେ ଦୁହେଁ ସମୟ ସମୟରେ ଜୟାଙ୍କୁ ନେଉଥିଲେ, ଯଦିଓ ବିକାଶ ଯୋଗୁଁ କେହି ଘରକୁ ଆସି ନଥିଲେ । ବାରଣ୍ଡା ଦ୍ୱାର ଖୋଲି ସେ ସୂର୍ଯ୍ୟକିରଣ ଆଗରେ ନିଜର ପୂର୍ବାଗ୍ରହକୁ ଝାଡ଼ି ଦେଇ ଭାବିଲେ, ‘ମୋ ଜୀବନର ଏହି ସମୟ ନଷ୍ଟ ହୋଇଯାଇଥିଲା । କିନ୍ତୁ ସେ ପ୍ରତ୍ୟେକ ମୁହୂର୍ତ୍ତର କ୍ଷତିପୂରଣ ଦେବେ ।‘ ଅଳ୍ପ ପ୍ରୟାସରେ ତାଙ୍କୁ ଏକ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ତାଙ୍କ ଛୁଟିଦିନରେ, ସେ ଏକ ଅନାଥାଶ୍ରମରେ ସେବା କରୁଥିଲେ ଓ ତାଙ୍କ ବୟସର ବନ୍ଧୁମାନଙ୍କ ସହିତ ବାହାରକୁ ଯାଉଥିଲେ।

ଏହି ସମୟରେ, ସେ ସ୍କୁଲର ଜଣେ ଶିକ୍ଷକ ମନୋଜଙ୍କ ସହିତ ଘନିଷ୍ଠ ବନ୍ଧୁ ହୋଇଗଲେ, ଯାହାଙ୍କ ପତ୍ନୀ କର୍କଟ ରୋଗରେ ମୃତ୍ୟୁବରଣ କରିଥିଲେ । ସେମାନେ ପ୍ରାୟତଃ ତାଙ୍କ ସହିତ ସମୟ ବିତାଉଥିଲେ । କେତେବେଳେ ଜୟା ତାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଆଣି ଦେଉଥିଲେ, ଆଉ କେତେବେଳେ ସେମାନେ ଚା ପାଇଁ କ୍ୟାଣ୍ଟିନରେ ଏକାଠି ବସି ନୂଆ ପାଠ୍ୟକ୍ରମ ବିଷୟ ଆଲୋଚନା କରୁଥିଲେ । ଏବେ ସେ ପୂର୍ବ ପରି ପୋଷାକ ପିନ୍ଧିବାକୁ ଲାଗିଲେ। ହଜିଯାଇଥିବା ଆତ୍ମବିଶ୍ୱାସକୁ ଫେରି ପାଇବା ସମୁଦ୍ରରେ ଏକ ମୁକ୍ତା ଖୋଜିବା ପରି ଥିଲା । ମନୋଜ ହିଁ ସ୍କୁଲ କାର୍ଯ୍ୟକ୍ରମରେ ଭାଷଣ ଦେବା ପାଇଁ ଜୟାଙ୍କ ନାମ ପରାମର୍ଶ ଦେଇଥିଲେ ।

ସେ ଆତ୍ମବିଶ୍ୱାସର ସହିତ ଘୋଷଣା କରିଥିଲେ, ‘ଆସନ୍ତୁ ଆମେ ଜନ୍ମ ଓ ମୃତ୍ୟୁ ମଧ୍ୟରେ ସମୟକୁ ଅର୍ଥପୂର୍ଣ୍ଣ କରିବା, ଯାହା ଈଶ୍ୱର ଆମକୁ ଦେଇଛନ୍ତି। ନିଶ୍ଚିତ କରିବା ଯେ ଆମେ କେବେ ଆମର ଲକ୍ଷ୍ୟକୁ ଭୁଲୁନାହୁଁ । ମୃତ୍ୟୁ ପରେ ମଧ୍ୟ ଆମର ନାମ ସମସ୍ତଙ୍କ ଓଠରେ ରହୁ।

ଆମକୁ ଆମର ସମ୍ମାନ ଓ ମର୍ଯ୍ୟାଦା ବଜାୟ ରଖିବାକୁ ପଡିବ, କିନ୍ତୁ ନିଶ୍ଚିତ କରିବାକୁ ପଡିବ ଯେ ଆମର ଆତ୍ମସମ୍ମାନର ଆଲୋକ ଲିଭି ନ ଯାଏ । ଯୁବକ ଓ ଯୁବତୀମାନେ ସେମାନଙ୍କର ଦାୟିତ୍ୱ ନିଷ୍ଠାର ସହିତ ପାଳନ କରିବା ଉଚିତ୍ । କିନ୍ତୁ କେବେବି ଅନ୍ୟ କାହାକୁ ଜୀବନର ଲଗାମ ନ୍ୟସ୍ତ କରିବା ନାହିଁ । ଅନ୍ୟାୟକୁ ସହ୍ୟ କରିବା ତାହା କରିବା ପରି ଭୁଲ ।‘ ଆପଣଙ୍କର ଲୁକ୍କାୟିତ କଳା ପ୍ରତିଭା ଉପରେ ଆଲୋକପାତ କରନ୍ତୁ ।

‘ଅନ୍ଧକାର ସେମାନଙ୍କୁ ଛାଇ ଦେବାକୁ ଦିଅ ନାହିଁ ।’ ଜୟାଙ୍କ ଶକ୍ତିଶାଳୀ ଭାଷଣ ପରେ ଅଡିଟୋରିୟମ୍ କରତାଳିରେ ପ୍ରତିଧ୍ୱନିତ ହୋଇଯାଉଲା। ଦୁହେଁ ଜୟା ଓ ମନୋଜ ଜୀବନର ବୀଜ ଗଣିତରୁ ବିଯୋଗକୁ ଯେମିତି ଗ୍ରହଣ କରୁଥିଲେ ...!!!!

(ସମାପ୍ତ)

+ତାରା ନିଳୟ , ପ୍ଲଟ: ୮୫୪/ ଏ, ଲକ୍ଷ୍ମୀନାରାୟଣ ବିହାର ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫
ମୋ:୯୦୪୦ ୧୫୧୪୭୫




## ଏ ଆମ ଶ୍ରଦ୍ଧା ସୁମନ

ପବିତ୍ର କୁମାର ସାହୁ



କୁ-କୁସୁମିତ ଥିଲା ସାହିତ୍ୟ ଝଙ୍କାର
ତୁମ ତ୍ୟାଗ ଅବଦାନେ
ହେ ସାହିତ୍ୟ ସ୍ରଷ୍ଟା ଚିର ବନ୍ଦନୀୟ
ମନେ ପଡ ସବୁ ଦିନେ ।।

ମୁ-ମୁର୍ଚ୍ଛନାରେ ତୋଳି ବାଣୀର ଭଣ୍ଡାର
ବାଣ୍ଟୁଥିଲ କେତେ ପ୍ରେମ
ଶବ୍ଦରେ ସ୍ନେହରେ ଅମାୟିକ ତୁମେ
ଥିଲ ଜ୍ଞାନ ସମ ଦ୍ରୁମ ।।

ଦ-ଦୟା ପ୍ରାଣବନ୍ତ ଉଜ୍ଜଳ ଜ୍ୟୋତିଷ୍କ
ଧ୍ରୁବ ତାରା ପରି ଜ୍ୟୋତି
ପୁଷ୍ୟ ନକ୍ଷେତ୍ରର ହେ ପବିତ୍ର ଆତ୍ମା
ପ୍ରତିଭାର ତୁମେ ଉକ୍ତି ।।

ଚନ୍ଦ୍ର-ଚନ୍ଦ୍ର ସମ ତୁମ ଶୀତଳ ଶୋଭାବ
ଅନୁଭବି ଜାଣି ପାରେ
ବିଶ୍ୱାସ ହେଉନି ଚାଲିଗଲ ବୋଲି
କେମିତି ଭାବିବୁ ବାରେ ।।

ଦାଇତ୍ୱରୁ କିଛି ବାକି ରହିଗଲା
ଛାଡିଗଲ ବନ୍ଧୁଜନ
ସମୟ ଲେଖିଲା ଅନ୍ତିମ କାହାଣୀ
ମିଳିଲା ସ୍ୱର୍ଗ ଭୁବନ ।।

ଶଶି ଜାଣେ ସିନା ଜୋଛନାର ଆଭା
ଅନ୍ଧକାର ପାରେ ଜିଣି
ହେ ସ୍ରଷ୍ଟା ତୁମେ ଚିର ବନ୍ଦନୀୟ ।
ସାହିତ୍ୟ ଶ୍ରେଷ୍ଠ ବିଜ୍ଞାଣି ।।

ତୁମ ଶେଷ ଯାତ୍ରା ହେଉ ଶୁଭଙ୍କର
ପରଂବ୍ରହ୍ମେ ହୁଅ ଲୀନ
ଘେନ ଶ୍ରଦ୍ଧାଞ୍ଜଳି ହେ ଯୁଗ ପୁରୁଷ
ଏ ଆମ ଶ୍ରଦ୍ଧା ସୁମନ ।।

+ଅବସର ପ୍ରାପ୍ତ, ଭାରତୀୟ ସାମରିକ ସେବା ।
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା

## ନୀରକ୍ଷା

ବିନୟାନନ୍ଦବସ୍ତ୍ୟସ୍ୟ

କୀଟଦ୍ରଂଷ୍ଟ ଅତିପକ୍ୱ ପାକଫଳ
ସନ୍ଧ୍ୟାରେ ବିପଣୀ ଶୋହେ,
ସତର୍କେ ସରବେ ଦିବସେ ବିଚାରି
ଲୋକ ବାଛି ନେଇଯାଏ,
ଉତ୍ତମ ସଭିଙ୍କୁ ମୋହେ,
ନଷ୍ଟ ଭ୍ରଷ୍ଟ ଭୟେ ଚୟନ ସର୍ବଦା
ମନକୁ ଶାନ୍ତ୍ୱନା ଦିଏ।
ଭଲଠୁ ଉତ୍ତମ ସର୍ବୋତ୍ତମ ପାଇଁ
ଶାନ୍ତି ଖୋଜୁଥାଏ ନର,
ମନ୍ଦ ମଧ୍ୟେ ଭଲ ଚୟନ କରିବା
ସହଜାତ ଗୁଣ ତାର,
ମସ୍ତକ ହୀନ କବନ୍ଧ,
ଶିର ପୀଡା କାହୁଁ ବୁଝିବ କହ ହେ
ବିଚାରିବ ଭଲ ମନ୍ଦ।
ସତୀତ୍ୱ ଧର୍ମର ନ୍ୟାୟ ସତ୍ୟ ପୁଣି
ଉତ୍ତମ ପରୀକ୍ଷା ଦିଏ,
ବେଶ୍ୟା ଅଧର୍ମଟି ଅସତ୍ୟ ଅଧର୍ମ
ଅନ୍ୟାୟ ଯେ ପ୍ରିୟ ହୁଏ,
ପ୍ରମାଣ ନ ହୁଏ ଖୋଜା,
ଦିଲ୍ଲୀ ଲଡୁ ପରି ଭାରି ସୁଆଦିଆ
ଖାଇବା ଲୋକକୁ ମଜା।
ମିଥ୍ୟାକୁ ପ୍ରମାଣ କରିବା ପାଇଁକି
ମିଛ ସଦାବେଳେ ଲୋଡ଼ା,
ସତ୍ୟକୁ ପ୍ରମାଣ ଦୁରୂହ ସର୍ବଦା
ଯେହେତୁ ଖାରିଆ ଖଡା,
ଝୁଣ୍ଟି ପଡି ପ୍ରାଣ ଗଲା,
ମଲା ଦେହ ପରେ ଶଗଡ଼ ଚଳାଇ
ଦଇବ ଦେଖଇ ପାଲା।
ବେଶ୍ୟାକୁ ଖରାପ କହିବା ପାଇଁକି
ଶତ ପ୍ରମାଣ ନିଉନ,
ଉତ୍ତମ ପୁରୁଷ ପାଇଁ ଏକ ବେଶ୍ୟା
ମିଥ୍ୟା ବାକ୍ୟଟି ପ୍ରମାଣ,
ସଦା ଭଲକୁ ପରୀକ୍ଷା,
ସୁବର୍ଣ୍ଣକୁ ଅଗ୍ନି ଦାହନେ ହୁଅଇ
ଶୁଦ୍ଧ ଅଶୁଦ୍ଧ ନିରୀକ୍ଷା।

+ ମଲ୍ଲିପୁର, ଗଡ଼ନିଆଳ

# ଗୋପାଳର ମନ ବଦଳିଲା

## ପ୍ରତିଭା ଦାଶ

ଗୋପାଳ ଛୋଟ ସମୟରେ ଭଲ ପାଠ ପଢୁଥିଲା। ବାପାମା, ଗୁରୁମା ଗୁରୁଜୀଙ୍କ କଥା ମାନୁଥିଲା। ସମସ୍ତଙ୍କ ସହ ଶିଷ୍ଟାଚାର ସହ କଥା ହେଉଥିଲା। ଗାଳି ଝଗଡ଼ା ତ ଭାବନା ବାହାରେ ଥିଲା । କିନ୍ତୁ ଯେତେ ବଡ଼ ହେଲା ପାଠ ପଢ଼ିବାରେ ବାହାନା କଲା । ଖେଳକୁଦରେ ବେଶୀ ମନ ଦେଲା ଏବଂ ପାଠ ପଢ଼ାରେ ଆଗ୍ରହ ପ୍ରକାଶ କଲା ନାହିଁ । ଯେତେ କହିଲେ ମଧ ପୁସ୍ତକ ଖୋଲିଲା ନାହିଁ । କେତେବେଳେ ଟିଭି ତ କେତେବେଳେ ମୋବାଇଲ ଧରି ବସେ । ତା' ବାପାମା' ତାଙ୍କ ପୁଅର ବ୍ୟବହାରକୁ ଦେଖି ଚିନ୍ତିତ ହୋଇ ପଡ଼ିଲେ । ପଢ଼ିବାକୁ କହିଲେ ହଁ ପଢୁଛି କହେ ଏବଂ ନାମକୁ ମାତ୍ର ବହି ଖୋଲିକି ବସେ । ମନେ ରହୁନି, ବୁଝି ହେଉନି କହି



ପୁଣି ବହି ବନ୍ଦ କରିଦିଏ । ଏପରି ଭାବରେ ଦିନ ଗଡ଼ି ଗଡ଼ି ଯାଉଥାଏ ।

ଦିନକର କଥା ଗୋପାଳର ସାର୍ଟର ବୋତାମ ଛିଣ୍ଡି ଗଲା । ତା' ମା'କୁ ଲଗେଇ ଦେବାକୁ କହିଲା । ମା' କହିଲେ , 'ଛୁଞ୍ଚି ସୂତା ଦେଉଛି ତୁ ଲଗା । ତୋ କାମ ତୁ କର ।' ଗୋପାଳ ଛୁଞ୍ଚି ଧରି ବୋତାମ ଟିପିବାକୁ ଚେଷ୍ଟା କଲା । ମାତ୍ର ଗୋଟିଏ ଥର ଗଲେଇ ଛାଡ଼ି ଦେଉଥିଲା। ବୋତାମ ମଧ୍ୟ ପଡ଼ି ଯାଉଥିଲା । ତା' ମା'କୁ କହିଲା , 'ମା' ତୁମେ କେମିତି ଲଗାଅ ଯେ ? ମୁଁ ତ ପାରୁନି । 'ତା' ମା' ତାକୁ ବୋତାମ ଲଗାଇବାର ଶୈଳୀ ବତାଇ ଦେଲେ । ସେ ତା'ପରେ ଗୋପାଳ ସହଜରେ ଟିପି ଦେଲା । ତା' ମା' ତାକୁ କହିଲେ, 'ପ୍ରଥମେ ପ୍ରଥମେ ଯେପରି ତୁ ବୋତାମ ଲଗାଇଲା ବେଳେ କଷ୍ଟ ହେଲା କିନ୍ତୁ ପରେ ସହଜ ହେଇଗଲା । ଠିକ୍ ସେହିପରି ପ୍ରଥମେ ପାଠ ପଢ଼ିବା ସମୟରେ କଷ୍ଟ ହୁଏ,ବୁଝି ହୁଏ ନା, ମନେ ରହେନା । ମାତ୍ର ତାକୁ ମନ ଦେଇ ବାରମ୍ବାର ପଢ଼ିଲେ ବୁଝି ମଧ ହେବ ଏବଂ ମନେ ମଧ ରହିବ । ପାଠ ପଢ଼ିବା ସମୟରେ ବିରକ୍ତ ଲାଗୁ ଥାଇ ପାରେ ହେଲେ ପାଠର ମୂଲ୍ୟ ପରେ ଜଣାପଡ଼େ, ଯେତେବେଳେ ଜୀବନରେ ସଫଳତା ପାଇବୁ । 'ମା'ଙ୍କର କଥାର ଧର୍ମକୁ ବୁଝି ପାରିଲା ଏବଂ ସେହିଦିନଠାରୁ ଗୋପାଳ ମନ ଦେଇ ପଢ଼ିଲା ।


+ନୂଆପଡ଼ା
ମୋ: ୭୮୯୪୫୨୮୪୯୩


# ମାଆର ଶରଧା କଳି କେ ପାରିବ

## ଅନନ୍ତ କୁମାର ସେନାପତି

ମାଆର ଶରଧା କଳି କେ ପାରିବ
ସିଏ ତ ମମତା ଝରଣା,
ଜୀବନ ପଥରେ ଯେତେ ବି ଅଭାବ
ସଦା କରୁଥାଏ ଭରଣା ।

ତା' ହାତ ପରଶେ ଆଶିଷ ବରଷେ
ହସ ଫୁଟେ ସଦା ଓଠରେ,
ତା' ନାମରେ ଭରା ଅମୃତର ଧାରା
ଭରାଏ ଆଲୋକ ଜଠରେ ।

କେବେ ସେ ମମତା, ପୂଜ୍ୟା ଆଦିମାତା
କରୁଣାମୟୀ ମା ଜନନୀ,
ରଖିଥାଏ ଢାଙ୍କି ଆପଦେ ବିପଦେ
ବଢ଼ାଇ ତା' ପଣତକାନି ।

ଯେତେବେଳେ ଯାହା ଥାଏ
ମୋର ଲୋଡ଼ା
କିଛି ବି ଅଭାବ ରଖିନି,
ନିଜେ ପଛେ ଭୋକ ଉପାସେ ରହଇ
ଆଡ଼ ଆଖିରେ ସେ ଦେଖିନି ।

ସାଗରଠାରୁ ସେ ଆହୁରି ଗଭୀର
ମାପି ହୁଏ ନାହିଁ ଯାହାକୁ,
ଶୟନେ ସ୍ୱପନେ ଅବା ଜାଗରଣେ
ସଦା ଖୋଜୁଥାଏ ତାହାକୁ ।

ମାଆର ମମତା ଭରା ହୃଦୟରୁ
ଶୁଣିଦେଲେ ଥରେ ଧନରେ,
ଯେତେ ଦୁଃଖ ଅବା ଯାତନାରେ ଥଲେ
କୋଟି ସୁଖ ମିଳେ ମନରେ ।


+ବାଣ୍ଡୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫




ବିଜ୍ଞାନ ଗବାକ୍ଷ-୪

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଶତାୟୁ ପରିବେଶ ମଣିଷ- ଡେଭିଡ୍ ଆଟେନ ବୋର

ସେ ମଣିଷଙ୍କୁ ଆମେ କୌଣସି ପଦ ପଦବୀ ବା ବର୍ଗରେ ସୀମିତ ରଖିପାରିବା କି ? ତାଙ୍କୁ ବ୍ରିଟିଶ ବ୍ରଡକାଷ୍ଟିଙ୍ଗ କର୍ପୋରେସନର ଜଣେ ପ୍ରସାରକ ବା ବ୍ରଡକାଷ୍ଟର ଭୂମିକାରେ ବାନ୍ଧିକରି ରଖିପାରିବା କି ? ନା, କେବେ ବି ନୁହେଁ। ଆଜି ଆମ କଥା ହେଉଛେ ଶତାୟୁ ମଣିଷ ସାର୍ ଡେଭିଡ୍ ଆଟେନ୍ ବୋରଙ୍କ ସଂପର୍କରେ।

ଏଇ କିଛଦିନ ତଳେ (୧୫ ମେ, ୨୦୨୬) ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୪ତମ ଜନ୍ମଦିନ ଅବସରରେ ଆୟୋଜିତ ହୋଇଥିବା ଆଲୋଚନା ଚକ୍ରରେ ପ୍ରାୟ ସମସ୍ତ ବକ୍ତା ଗୋଟିଏ କଥାରେ ଏକମତ ହୋଇଥିଲେ ଯେ ବୟସ କେବଳ ଏକ ସଂଖ୍ୟା। କିଛି ମାସ ତଳେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ୯୬ତମ ଜନ୍ମଦିନ ପାଳନ ଅବସରରେ ଓଡ଼ିଶାର ଅନେକ ବିଜ୍ଞ ବୁଦ୍ଧିଜୀବୀ ଓ ବକ୍ତା ସମାନ ମତ ପୋଷଣ କରିଥିଲେ। ସାର୍ ଆଟେନ୍‌ବୋର ଏମାନଙ୍କୁ ଟପିଯାଇ ଶତାୟୁ ହୋଇଛନ୍ତି, ସୁସ୍ଥ ଅଛନ୍ତି, କ୍ରିୟାଶୀଳ ଅଛନ୍ତି।

'ଗାନ୍ଧୀ' ସିନେମା କରିଥିବା ରିଚାର୍ଡ୍ ଆଟେନ୍‌ବୋରଙ୍କ ଭାଇ ଡେଭିଡ୍ ଆଟେନବୋର ତାଙ୍କ ନିଜ ଯଶରେ ଯଶସ୍ୱୀ। ରେଡିଓ ଟେଲିଭିଜନରେ ପ୍ରସାରକ ବା ବ୍ରଡକାଷ୍ଟର କାମତ ଅନେକ ଲୋକ କରୁଛନ୍ତି, ମାତ୍ର ଡେଭିଡଙ୍କ ଲକ୍ଷ୍ୟରେ ମୂଳରୁ ରହିଥିଲା ପୃଥିବୀର ପ୍ରକୃତି।

ଡେଭିଡ୍ ଫ୍ରେଡେରିକ ଆଟେବୋରଙ୍କ ୧୦୦ତମ ଜନ୍ମ ଦିବସ ମେ ମାସ ୮ ତାରିଖ, ୨୦୨୬ରେ ବିଶ୍ୱବ୍ୟାପୀ ପାଳିତ ହୋଇଛି। ସେ ତ ଚାହୁଁଥିଲେ ତାଙ୍କ ୧୦୦ତମ ଜନ୍ମଦିନକୁ ଚୁପ୍‌ଚାପ୍ ପାଳିବାକୁ। ମାତ୍ର ସାରା ପୃଥିବୀରେ ତାଙ୍କୁ ଭଲ ପାଉଥିବା, ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନୁହେଁ। ପୃଥିବୀକୁ, ପୃଥିବୀର ପ୍ରକୃତିକୁ ବୁଝି ତାର ସମ୍ମାନ କରିବା, ସଂରକ୍ଷଣ କରିବା ଏବଂ ସଚେତନତା ସୃଷ୍ଟି କରିବାକୁ କାମ କରିଥିବା ଏହି ମହାନ ଆତ୍ମାଙ୍କୁ ପୃଥିବୀ ବି ଧନ୍ୟବାଦ ଦେଇଥିବ ତା ଭାଷାରେ। ଆଜି ଆମେ ଯେଉଁ ପୃଥିବୀରେ ବଂଚୁଛେ, ସେ ପୃଥିବୀ ଡେଭିଡ୍ ଆଟେନବୋରଙ୍କ ସ୍ୱପ୍ନର ପୃଥିବୀ ନଥିଲା। ସେ ଚାହୁଁଥିଲେ ପୃଥିବୀର ସବୁଜିମା ଅକ୍ଷୟ ରହିବାକୁ, ପରିବେଶ ସନ୍ତୁଳିତ ରହିବାକୁ, ନୀଳ ପୃଥିବୀର ଜଳ, ସ୍ଥଳ ଏବଂ ଆକାଶ



(ବାୟୁମଣ୍ଡଳ) ପ୍ରଦୂଷଣ ମୁକ୍ତ ରହିବାକୁ। ମାତ୍ର ଜଣେ ପ୍ରସାରକ ହିସାବରେ ସାରା ପୃଥିବୀ ବୁଲି ସେ ଦେଖିଥିଲେ ସମୁଦ୍ରରେ ଟନ୍ ଟନ୍ ପ୍ଲାଷ୍ଟିକ, ମାଛମାନଙ୍କ ପେଟରେ ପ୍ଲାଷ୍ଟିକ, ଗାଈମାନଙ୍କ ପେଟରେ ପ୍ଲାଷ୍ଟିକ ଏବଂ ସ୍ଥଳଭାଗରେ ଯଥେଷ୍ଟ ଅନାବଶ୍ୟକ ରାସାୟନିକ ପଦାର୍ଥ। ସେ ତାଙ୍କ ହିସାବରେ ଆରମ୍ଭ କଲେ ଏକ ଅଭିଯାନ।

୧୯୫୭ ମସିହାରେ ସେ ଆରମ୍ଭ କରିଥିଲେ ଧାରାବାହିକ ବୃତ୍ତଚିତ୍ର "ଜୁ କ୍ୱେଷ୍ଟ" ଯାହା ଚିଡ଼ିଆଖାନାର ପ୍ରାଣୀମାନଙ୍କ ଉପରେ ଥିଲା। ସାତ ଦଶକ ଧରି ସେ ତାଙ୍କର ଅଭିଯାନ ଜାରି ରଖିଲେ ଯାହା ପୃଥିବୀବାସୀଙ୍କୁ ଚମକୃତ କରିବା ସାଥେ ସାଥେ ସଚେତନ କଲା। "ନ୍ୟାଚୁରାଲ ୱାର୍ଲ୍ଡ" (ପ୍ରାକୃତିକ ପୃଥିବୀ), ପ୍ଲାନେଟ ଆର୍ଥ (ପୃଥିବୀ ଗ୍ରହ), ଦି ବ୍ଲୁ ପ୍ଲାନେଟ (ନୀଳ ପୃଥିବୀ) ଆଦି ଧାରାବାହିକ ବୃତ୍ତଚିତ୍ର ପୃଥିବୀର ଲୋକଙ୍କୁ ସଚେତନ କରିବା ସାଥେ ସାଥେ ପୃଥିବୀ ଓ ଏହାର ପରିବେଶକୁ ସୁରକ୍ଷିତ ରଖିବାକୁ ଜନମତ ସୃଷ୍ଟିକଲା।

ଡେଭିଡ୍ ଆଟେନବୋରଙ୍କ ପ୍ରଚେଷ୍ଟା ବିଫଳ ହେଲାନି। ବିଶ୍ୱସ୍ତରରେ ଏକ ଅଭିଯାନ ଆରମ୍ଭ ହେଲା ପୃଥିବୀକୁ ସୁରକ୍ଷିତ ରଖିବାକୁ। ବଡ଼ ଧରଣର ସଂରକ୍ଷଣ ଅଭିଯାନର ସୂପୋତ ହେଲା ପୃଥିବୀରେ। ବିଶ୍ୱସ୍ତରରେ ଅନେକ ନୀତି ଓ ଆଇନ୍ ପ୍ରଣୟନ ପଛରେ ଥିଲା ତାଙ୍କ ଅବଦାନ। ପ୍ଲାଷ୍ଟିକ ବିରୋଧୀ ଆନ୍ଦୋଳନର ସୂତ୍ରଧାର ଥିଲେ ସେ। ତାଙ୍କ ମତରେ "ପ୍ରକୃତି ହେଉଛି ଆମର ଶ୍ରେଷ୍ଠ ବଂଧୁ ଏବଂ ପ୍ରେରଣା।" ତାକୁ ସୁରକ୍ଷିତ ରଖିବାକୁ ତାଙ୍କ ଅବଦାନ ଅନନ୍ୟ।

ମଣିଷ ଅମର ରୁହେ ତାର କର୍ମ ଲାଗି। ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ - "କର୍ମେ ଜୀଏଁ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ"।

ଡେଭିଡ୍ ଆଟେନ୍ ବୋର ତାଙ୍କ କର୍ମ ଲାଗି ଚିର ଅମର ରହିବେ, ଏହା ନିଶ୍ଚିତ ।


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


# ଏ ମୁଖ୍ୟ ନଅଟି ସଂଖ୍ୟା ମନେରଖିବା

## ସନ୍ତୋଷ କୁମାର ଅଦାବର

ଦୁଇ ଅଙ୍କ ସଂଖ୍ୟାର ଏକକ ଘରେ ନଅ
ଏ ନଅଟି ସଂଖ୍ୟାକୁ ଗାଇକି ଶିଖିଯାଅ ।

ଏକ ଦଶ ନଅ ଏକ ହୁଏ ଉଣେଇଶ
ସୁନାପୁର ଗାଆଁର ସୁନାପୁଅ ମହେଶ ।

ଦୁଇ ଦଶ ନଅ ଏକ ଯେ ଅଣତିରିଶି
ମହେଶର ମନ ସବୁବେଳେ ଥାଏ ଖୁସି ।

ତିନି ଦଶ ନଅ ଏକ ଯେ ଅଣଚାଳିଶି
ସଂଗୀତ ପ୍ରିୟ ତାହାର ବଜାଏ ସେ ବଂଶୀ ।

ଚାରି ଦଶ ନଅ ଏକ ଅଣଚାଶ ହୁଏ
ମିଛ କହେ ନାହିଁ ସଦା ସତ କଥା କହେ ।

ପାଞ୍ଚ ଦଶ ନଅ ଏକ ହୁଏ ଅଣଷଠି
କଳି କେବେ କରେନି ସେ ସରଳ ପିଲାଟି ।

ଛଅ ଦଶ ନଅ ଏକ ଅଣସ୍ତରୀ ଜାଣ
ପାଠ ପଢ଼ା ସହ ତା'ର ଭଲ କାମେ ମନ ।

ସାତ ଦଶ ନଅ ଏକ ଅଣାଅଶୀ ହୁଏ
ଦୁଃଖ ବେଳେ ଜମା ଅଥୟ ନ ହୁଏ ସିଏ ।

ଆଠ ଦଶ ନଅ ଏକ ହୁଏ ଅଣାନବେ
ଗୁରୁଙ୍କୁ ସିଏ ଅସମ୍ମାନ କରେନି କେବେ ।

ନଅ ଦଶ ନଅ ଏକ ହୁଏ ଅନେଶତ
ମହେଶ ଭଳି ପିଲାଟେ ହୋଇବା ସଙ୍ଗାତ ।


+ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


# ବେଲୁ ବେଲ ବଢ଼େ ତାତି

## ସୁଧାକର ରାଉତ



ସୂର୍ଯ୍ୟଦେବ ଅବା କରିଛନ୍ତି କୋପ
ଢାଳୁଛନ୍ତି ସିଏ ନିଆଁ
ଦିନକୁ ଦିନ ବଢ଼ି ଚାଲଇ ତାତି
ଜଳଇ ସହର ଗାଆଁ ।

ଡହ ଡହ ଖରାରେ ସର୍ବେ ସିଝନ୍ତି
କିବା ପଶୁପକ୍ଷୀ ନର
ଡହଳ ବିକଳେ କରନ୍ତି ଚିତ୍କାର
ରକ୍ଷା କର ରକ୍ଷା କର ।

କେ ରଖିବ ଅବା ନିଜ ଜିଭ ଆମେ
କାଟିଛେ ଆପଣା ହାତେ
ତାର ପରିଣାମ ନଭୋଗିଣ ଆମେ
ଆଉ କେ ଭୋଗିବ ସତେ ।

କଂକ୍ରିଟ ଜଙ୍ଗଲ ସୃଷ୍ଟିକଲେ ଆମେ
ସବୁଜିମା କରି ନାଶ
ଅଙ୍ଗାରକାମ୍ଳ ତା ଯୋଗୁ ବୃଦ୍ଧି ପାଇ
ସୃଷ୍ଟିକୁ କରିବ ଧ୍ୱଂସ ।

ବିଶ୍ୱତାପନ ହୋଇବାର ଇଏ
ହେଲାକି ଆରମ୍ଭ ବେଳ
ଏକା ଗ୍ରୀଷ୍ମଋତୁ ରାଜୁତି କରିଲେ
ଅକାଳ ବି ହେବ କାଳ ।

ବେଳ ଥାଉଁ ସାବଧାନ ସଚେତନ
ହୋଇବା ସରବେ ଆସ
ସବୁଜିମା ଭରି ଧରଣୀ ବକ୍ଷରେ
ମୁଖେ ଫୁଟାଇବା ହସ ।


+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨


# ହେବା ଆମେ ପର ଉପକାରୀ

## ସୁନୀଲ କୁମାର ପ୍ରଧାନ



ହେବା ଆମେ ପର ଉପକାରୀ
ଦୁଃଖୀ ରଙ୍କ ସେବା କରି
ନୟିବାରେ କେବେ ଡରି ।

ହେବା ଆମେ ପର ଉପକାରୀ
ରୋଗୀ ଜନ ସେବା କରି
ଆଶୀର୍ବାଦ ଦେବେ ହରି ।

ହେବା ଆମେ ପର ଉପକାରୀ
ବୃଦ୍ଧ ଜନ ସେବା କରି
ଏହା ଅଟେ ଆମ ଶିରୀ ।

ହେବା ଆମେ ପର ଉପକାରୀ
ଗରିବଙ୍କୁ ଦେଇ ଶିରି
ମଙ୍ଗଳ କାମନା କରି ।

ହେବା ଆମେ ପର ଉପକାରୀ
ପିତା ମାତା ସେବା କରି
ସୁଖ ଶାନ୍ତି ଯିବ ଭରି ।

ହେବା ଆମେ ପର ଉପକାରୀ
ସେବାକୁ ନେବା ଆଦରି
ଜନ୍ମ ଜନ୍ମ ଥିବେ ସ୍ମରି ।


+ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬


# ସମୟ

## ସୁଧାଂଶୁ ଶେଖର ଦ୍ୱିବେଦୀ





ସୁବୁଦ୍ଧି ଭାରି ବୁଦ୍ଧିମାନ୍। ପ୍ରତିଟି କାର୍ଯ୍ୟ ସମୟ ଅନୁସାରେ କରିବାକୁ ସେ ଖୁବ୍ ପସନ୍ଦ କରେ। ଠିକ୍ ସମୟରେ ସ୍କୁଲ ଯିବା, ଠିକ୍ ସମୟରେ ପାଠ ପଢିବା, ଠିକ୍ ସମୟରେ ଖାଇବା, ଖେଳିବା, ଶୋଇବା ଆଦି ସବୁ କାର୍ଯ୍ୟ ସୁଚାରୁ ରୂପେ କରେ। ସୁବୁଦ୍ଧିର ଘର ନିକଟରେ ରହୁଥିବା କେତେକ ପିଲା ସ୍କୁଲରୁ ଫେରିବା ପରେ ଖେଳ କୁଦରେ ଅଯଥା ସମୟ ନଷ୍ଟ କରନ୍ତି। ଖୁବ୍ ଜୋର ପାଟି-ଗୋଳ କରି ପରିବେଶକୁ କୋଳାହଳମୟ କରିଦିଅନ୍ତି।

ସୁବୁଦ୍ଧି ସେମାନଙ୍କର ଉଦଣ୍ଡତା ଦେଖି ପ୍ରତିଟି କାର୍ଯ୍ୟକୁ ଠିକ୍ ସମୟରେ କରିବାକୁ ପରାମର୍ଶ ଦିଏ। କିନ୍ତୁ କେହି ତା' ପରାମର୍ଶକୁ ମାନନ୍ତି ନାହିଁ କି ପସନ୍ଦ କରନ୍ତି ନାହିଁ ବରଂ ଓଲଟା ତାକୁ ରୋବର୍ଟ- ରୋବର୍ଟ କହି ଚିଡାନ୍ତି।

ଦିନେ ସୁବୁଦ୍ଧି ତା' ସାଙ୍ଗମାନଙ୍କ ସହିତ ପଡ଼ିଆରେ ଖେଳୁଥାଏ ଯେମିତି ଗୋଟେ ଘଣ୍ଟା ଅତିବାହିତ ହୋଇଛି ଘରକୁ ଯିବାପାଇଁ ବାହାରିଲା। ଆଉ କିଛି ସମୟ ଖେଳିବା ପାଇଁ ତା' ସାଙ୍ଗମାନେ ଅଟକାଇଲେ। ସାଙ୍ଗମାନଙ୍କ ଅନୁରୋଧ ଶୁଣି ସେ କହିଲା- ଆମକୁ ପ୍ରତିଟି କାର୍ଯ୍ୟ ସମୟ ଅନୁସାରେ କରିବା ଆବଶ୍ୟକ। ତାହା ନକଲେ ସମୟ ସହିତ ତାଳ ଦେଇ ଆଗକୁ ବଢି ପାରିବା ନାହିଁ। ଏହା କହିବା ସହିତ ସେ ଘରକୁ ଫେରିବାକୁ ଲାଗିଲା। ପଛରୁ ତା' ସାଙ୍ଗମାନେ ଚିଡ଼େଇ ଚିଡ଼େଇ କହୁଥାନ୍ତି-ରୋବର୍ଟ- ରୋବର୍ଟ କୋଉଠିକାର....! ଆଉ ଦିନେ ସୁବୁଦ୍ଧିର ଘର ଠିକଣା ପଚାରି ପଚାରି ଜଣେ ଭଦ୍ରବ୍ୟକ୍ତି ପହଞ୍ଚିଲେ। ସୁବୁଦ୍ଧିର ଘର ଆଗରେ ଖେଳୁଥିବା ପିଲାମାନେ ଠିକଣା ବତେଇଦେଲେ। ସେମାନଙ୍କ ମନରେ ସନ୍ଦେହ ହେବାରୁ ଗାଡି ପଛେ ପଛେ ଚାଲିଲେ। ସୁବୁଦ୍ଧି ଘର ସମ୍ମୁଖରେ ଗାଡି ଅଟକିଲା। ଗାଡିର ଦ୍ୱାର ଖୋଲି ଜଣେ କୋଟ୍ ପେଣ୍ଟ୍ ପିନ୍ଧିଥିବା ଭଦ୍ରବ୍ୟକ୍ତି ବାହାରିଲେ। ତାଙ୍କ ହାତରେ ଜରି ପେପର ମଡା ହୋଇଥିବା ଗୋଟେ ସୁନ୍ଦର ବ୍ୟାଗ୍ ଥାଏ। ଭଦ୍ରବ୍ୟକ୍ତି କଲିଂ ବେଲ୍ ଚିପିଲେ। ସୁବୁଦ୍ଧି ଦ୍ୱାର ଖୋଲି ଜଣେ ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଉଥାଏ। ଭଦ୍ର ବ୍ୟକ୍ତି ସୁବୁଦ୍ଧି ହାତରେ ବ୍ୟାଗ୍ ଧରାଇ କହିଲେ-ଏଇଟା ତୁମପାଇଁ ଉପହାର। ସୁବୁଦ୍ଧି ହାତଯୋଡି ନମ୍ର ସହକାରେ କହିଲା- ଥ୍ୟାଙ୍କ୍ ୟୁ ସାର! ମୋତେ ଆଜି ଏତେବଡ଼ ଉପହାର ଦେଇଥିବାରୁ ଅଶେଷ ଧନ୍ୟବାଦ।

ବାହାରେ ଠିଆ ହୋଇଥିବା ପିଲାଙ୍କ ମୁହଁରୁ ଫୁସ୍ ଫୁସ୍ ଶବ୍ଦ ଶୁଭୁଥାଏ। ସେମାନେ ବୁଝିପାରୁ ନଥାନ୍ତି ସୁବୁଦ୍ଧି କଣ ଏମିତି କଲା ଯେ ଅଫିସର ଆସି ଉପହାର ଦେଉଛନ୍ତି! ସେମାନଙ୍କ ମଧ୍ୟରୁ କେହି ଜଣେ କହିଲା- ଆରେ ରୋବର୍ଟ ହେଇଯାଇ ଥିବାରୁ ତାକୁ ଏଭଳି ଆୱାର୍ଡ ମିଳିଛି। ପିଲାମାନଙ୍କ ସନ୍ଦେହ ଦୂର କରିବାକୁ ଭଦ୍ରବ୍ୟକ୍ତି କହିଲେ- ମୁଁ ତୁମକୁ ଧନ୍ୟବାଦ ଦେବା କଥା କିନ୍ତୁ ତୁମେ ମୋତେ ଓଲଟା ଧନ୍ୟବାଦ ଦେଉଛ। ଏତେ ଛୋଟ ବୟସରୁ ସମୟ ସହିତ ତାଳ ଦେଇ ତୁମେ ଯେଉଁ ଡିସିପ୍ଲିନ୍ କାମ କରୁଛ ତାହା ଆମ ଦେଶପାଇଁ ଗର୍ବ ଓ ଗୌରବ। ସାଙ୍ଗମାନେ ଏସବୁ ଦେଖି ମୁହଁ ତଳକୁ କରି ଫେରିବା ବେଳେ ସୁବୁଦ୍ଧି ସେମାନଙ୍କୁ ଅଟକାଇ କହିଲା- ଦେଖ ସାଙ୍ଗମାନେ! କିଛି ପାଇବାକୁ ହେଲେ ଆମକୁ ସମୟ ପ୍ରତି ରେସ୍ପେକ୍ଟ ଦେବାକୁ ପଡିବ। ପ୍ରତିଟି କାର୍ଯ୍ୟ ସମୟ ଅନୁସାରେ କଲେ ନିଶ୍ଚୟ ମହତ ଲକ୍ଷ୍ୟ ହାସଲ ହୋଇଥାଏ।


+ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ: ୯୬୮୧୩୭୩୫୧୨

# ଶ୍ରୀମନ୍ଦିର ମଧ୍ୟକୁ ଭିଆଇପି ସେବା, ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ

ପୁରୀ, ୨୯/୦୫ (ନି.ପ୍ର): ୫୮ ଦିନରେ ପୁରୀ ସହର ବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଭକ୍ତି, ବେଦନା ଓ ଅଧିକାରର ଅବିରତ ପଦଯାତ୍ରା ଜାରି ରହିଛି । ପୁରୀ ସହର ଓ ସଦର ବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ଅଧିକାର ପାଇଁ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୫୮ ଦିନରେ ପଦାର୍ପଣ କରି, ଏକ ଅଦ୍ଭୁତ ଭାବନାର ସ୍ରୋତରେ ପରିଣତ ହୋଇଛି। ଏହା କେବଳ ପଦଯାତ୍ରା ନୁହେଁ, ବରଂ ଏହା ପୁରୀ ସହର ଓ ସଦର ବାସୀଙ୍କ ହୃଦୟର ଅନୁଭୂତି, ନିରବ ବେଦନା ଓ ଅତୁ୍ୟଟ ଆସ୍ଥାର ଏକ ସଂଗଠିତ ଉଚ୍ଚାରଣ। ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଗତ ଅପ୍ରେଲ ୧ ଉତ୍କଳ ଦିବସ ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତ୍ୟହ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଯାଇ ପହଂଚିବା ବେଳେ ମନେ ହେଉଛି —ପ୍ରତ୍ୟେକ ପଦକ୍ଷେପ ମାଟିକୁ ନୁହେଁ, ଭଗବାନଙ୍କ ପାଦପଦ୍ମକୁ ସ୍ପର୍ଶ କରୁଛି। "ଜୟ ଜଗନ୍ନାଥ" ଧ୍ୱନିରେ ଗୁଞ୍ଜରି ଉଠୁଥିବା ପଥରେ ଭକ୍ତିର ତୀବ୍ରତା ସହିତ ମିଶିଥିଲା ଅଧିକାର ହରାଇବାର ଅନୁଭୂତ ବେଦନା—ଏକ ଏମିତି ମିଶ୍ରଣ, ଯାହା ହୃଦୟକୁ ଛୁଇଁଯାଏ। ଏହି ପଦଯାତ୍ରା ଆଜି ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୂହିକ ସଂକଳ୍ପରେ ପରିଣତ କରିଛି। ଏଠାରେ ଭକ୍ତି କେବଳ ଭାବନା ନୁହେଁ—ଏହା ନ୍ୟାୟ ପାଇଁ ଏକ ଶାନ୍ତ କିନ୍ତୁ ଅଦମ୍ୟ ଆନ୍ଦୋଳନ। ନାରୀ-ପୁରୁଷ, ଯୁବକ-ବୃଦ୍ଧ ସମସ୍ତଙ୍କର ଏକତ୍ର ଅଂଶଗ୍ରହଣ ଏହି ଯାତ୍ରାକୁ ଦେଇଛି ଜୀବନ। ପ୍ରତ୍ୟେକ ମୁହଁରେ ଭକ୍ତିର ଆଲୋକ, ପ୍ରତ୍ୟେକ ହୃଦୟରେ ଏକ ଅଦୃଶ୍ୟ ପ୍ରାର୍ଥନା—"ପ୍ରଭୁ, ଆମକୁ ଆମ ଅଧିକାର ଫେରେଇ ଦିଅ।" ୫୮ ଦିନ ପରେ ମଧ୍ୟ ଏହି ପଦଯାତ୍ରାର ଉତ୍ସାହ ଶିଥିଳ ହୋଇନାହିଁ; ବରଂ ପ୍ରତ୍ୟେକ ଦିନ ସହିତ ଏହା ଆହୁରି ଗଭୀର ହେଉଛି। ଏହା ଏକ ଏମିତି ଯାତ୍ରା, ଯେଉଁଥିରେ ଆସ୍ଥା ଅଶ୍ରୁରେ ଭିଜେ, ବେଦନା ସଂକଳ୍ପରେ ପରିଣତ ହୁଏ ଏବଂ ଅଧିକାର ପାଇଁ ମନୁଷ୍ୟ ନିଜେ ଦୃଢ଼ ହୋଇଉଠେ। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ରଥ, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ନିହାରିକା ତ୍ରିପାଠୀ, ପବିତ୍ରା ନାୟକ, ପ୍ରଣତି ରାୟ, ସରସ୍ୱତୀ ସାହୁ, ପ୍ରତିଭା ନାୟକ, ଛବି ରାଣୀ ମହାରଣା, ବିଚିତ୍ରା ମିଶ୍ର, ସନ୍ତୋଷ ସେନାପତି, ବାପୀନା ସମାନ୍ତରାୟ, ରାଜେଶ ରଥ, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ରାଜା ମହାନ୍ତି, ଯାଦବା ନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ବାସୁଦେବ ଲେଙ୍କା, କାହ୍ନୁ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର, ନିରଞ୍ଜନ ଶାସ୍ମଲ, ଜଗନ୍ନାଥ ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଦୀନେଶ ମହାନ୍ତି, ଶୁଭଶ୍ରୀ ମହାରଣା, ରମେଶ ନାୟକ, ଅଭିମନ୍ୟୁ ରାୟ ଗୁରୁ, ସୀତା ନାୟକ, ଆଦ୍ୟାଶ ମାହାଲ, ଆଶା ବେହେରା, ବିଜୟ କୁମାର ମିଶ୍ର, ଅଭିମନ୍ୟୁ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ମହାନ୍ତି, ଭବାନୀ ମହାପାତ୍ର ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ ତଥା ସମସ୍ତଙ୍କ ଏକତାବଦ୍ଧ ଅଂଶଗ୍ରହଣ ଏହି ପଦଯାତ୍ରାକୁ ଅଧିକ ଶକ୍ତିଶାଳୀ କରିଥିଲା।

ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ କୁମାର ପଣ୍ଡା କରିଥିଲେ। ସେ କହିଥିଲେ ଯେ, ଏହି ଯାତ୍ରା ଥମିବ ନାହିଁ, ଯେଉଁ ପର୍ଯ୍ୟନ୍ତ ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିରରେ ଦର୍ଶନ ଅଧିକାର ପୁନଃସ୍ଥାପିତ ନହୋଇଛି। ଏହା କେବଳ ଏକ ଦାବି ନୁହେଁ—ଏହା ଆମ ଆସ୍ଥାର ନ୍ୟାୟସଙ୍ଗତ ଅଧିକାର ପାଇଁ ଏକ ଅବିରତ ପ୍ରାର୍ଥନା ଓ ସଂକଳ୍ପ।

# ଚୋରା କାଠ ବୋଝେଇ ମାର୍ଶଲ ଦୁର୍ଘଟଣାଗ୍ରସ୍ତ : ଗାଡ଼ି ସହ ବିପୁଳ କାଠ ଜବତ

ଝାରସୁଗୁଡ଼ା, ୨୯/୦୫ (ନି.ପ୍ର):ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୪୯ ର ମାଳିଡିହି ଗ୍ରାମ ନିକଟ ନୂଆଁଡିହି ଅଞ୍ଚଳରେ ଗୁରୁବାର ଭୋର ସମୟରେ ଚୋରା କାଠ ବୋଝେଇ ଏକ ମାର୍ଶଲ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା କଦମ୍ବ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ପହଞ୍ଚି ଦେଖିଥିଲେ ଯେ, ଓଆର-୧୫-ଏଫ-୭୭୭୭ ନମ୍ବର ବିଶିଷ୍ଟ ମାର୍ଶଲ ଗାଡ଼ି ଭିତରେ ବହୁ ପରିମାଣର ଚଉକାଠ ଓ କାଠ ପଟା ରହିଥିଲା। ଖବର ପାଇ କୋଲାବିରା ପୋଲିସ ସହ କୋଲାବିରା ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କୋଲାବିରା ଫରେଷ୍ଟ ରେଞ୍ଜର ଓ ଫରେଷ୍ଟର ରମାକାନ୍ତ ନାୟକଙ୍କ ନେତୃତ୍ୱରେ ବନ ବିଭାଗ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହ ୧୭ ଖଣ୍ଡ ଚଉକାଠ ଏବଂ ୩ ଖଣ୍ଡ କାଠ ପଟା ଜବତ କରିଛି। ପରେ ଜବତ ଗାଡ଼ି ଓ କାଠକୁ କୋଲାବିରା ବନ ବିଭାଗ କାର୍ଯ୍ୟାଳୟକୁ ଆଣାଯାଇଛି। ସୂଚନା ଅନୁଯାୟୀ, ଗାଡ଼ିଟି କୁଚିଣ୍ଡା ଅଞ୍ଚଳରୁ ଝାରସୁଗୁଡ଼ା ଆଡ଼କୁ ଯାଉଥିଲା। ଗାଡ଼ିର ମାଲିକ କିଏ ଏବଂ କାଠ କେଉଁଠାକୁ ଚାଲାଣ ହେଉଥିଲା, ସେନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, କୁଚିଣ୍ଡା, ବଣେଇ ଓ ଦେବଗଡ଼ ଅଞ୍ଚଳରୁ ପ୍ରତିଦିନ ରାତିରେ ବିଭିନ୍ନ ଗାଡ଼ି ଯୋଗେ ଝାରସୁଗୁଡ଼ା ଅଞ୍ଚଳକୁ ଚୋରା କାଠ ଚାଲାଣ ହେଉଥିବା ନେଇ ପୂର୍ବରୁ ଅନେକ ଅଭିଯୋଗ ହୋଇଆସୁଛି। ପୋଲିସ ଓ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କଡ଼ାକଡ଼ି କରାଗଲେ ଏପରି ଚୋରା କାଠ ଚାଲାଣକୁ ରୋକାଯାଇପାରିବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

# ଜନପ୍ରତିନିଧୀଙ୍କୁ ଅବହେଳା ନେଇ ବୌଦ୍ଧରେ ଜିଲ୍ଲା ପରିଷଦ ବୈଠକରେ କ୍ଷୋଭ ପ୍ରକାଶ କଲେ ସଦସ୍ୟମାନେ

ବୌଦ୍ଧ, ୨୯/୦୫ (ନି.ପ୍ର): ଜିଲାର ନିର୍ବାଚିତ ଜନପ୍ରତିନିଧୀଙ୍କୁ ଜିଲା ଉନ୍ନୟନ କାର୍ଯ୍ୟରେ ପ୍ରଶାସନ ଦ୍ୱାରା ଅବହେଳା କରାଯାଉଥିବା ନେଇ ଆଜି ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି । ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପଂଚାୟତ ଭବନ ସଭାଗୃହରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜିଲା ଉନ୍ନୟନ ନେଇ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବୈଠକରେ ପଂଚଦଶ କେନ୍ଦ୍ର ଓ ପଂଚମ ରାଜ୍ୟ ଅର୍ଥ କମିଶନ ଅନୁଦାନ, ଜିଲ୍ଲା ପରିଷଦ ଉନ୍ନୟନ ଯୋଜନା, ପଂଚାୟତିରାଜ ଏବଂ ଅନ୍ୟାନ୍ୟ ବିଭାଗ ଗୁଡିକର ପ୍ରଗତି ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଦାସ ଜିଲ୍ଲାର ସମସ୍ତ ବିଭାଗ ଯଥା କୃଷି ଓ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଜଳ ସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି, ଗ୍ରାମ୍ୟ ଉନ୍ନୟନ, ଟେକ୍ସଟାଇଲ୍, ଶ୍ରମ ଓ ନିଯୁକ୍ତି, ଜଙ୍ଗଲ ଓ ପରିବେଶ, ବିଦ୍ୟାଳୟ ଓ ଗଣଶିକ୍ଷା, ମିଶନ ଶକ୍ତି, ପଂଚାୟତିରାଜ ଓ ପାନୀୟଜଳ, ଶକ୍ତି, ପୂର୍ତ୍ତ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟକ୍ରମ ଉପସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏସବୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷାରୁ ମିଳିଥିବା ସୂଚନା ପ୍ରକାରେ ଜିଲ୍ଲାରେ ୮୨୫୬୦ଜଣ କୃଷକ ସିଏମ କିଶାନ ସହାୟତା ଏବଂ ୪୯୫୫୭ଜଣ କୃଷକ ପିଏମ କିଶାନ ସହାୟତା ପାଇଛନ୍ତି । ଆର୍ଥିକ ୨୦୨୫-୨୬ ବର୍ଷରେ ୨୦୦ ଟି ଟ୍ରାକ୍ଟର କୃଷକ ମାନଙ୍କୁ ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗରେ ୨୩୯ ରୁ ୧୦୦ ଜଣ ଡାକ୍ତର, ୪୩ ଜଣ ସ୍ପେସାଲିଷ୍ଟ ରୁ ୧୯ ଜଣ ଏବଂ ୨୫୮ ଜଣ ରୁ ୯୯ ଜଣ ଷ୍ଟାଫନର୍ସ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ ୧୨୨୬ ଉଠାଜଳ ସେଚନ ପ୍ରକଳ୍ପ ଦ୍ୱାରା ୩୦୨୯୦ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆଯାଉଅଛି । ଜିଲ୍ଲାରେ ୫ଗୋଟି ମେଗାଲିଫ୍ଟ ଇରିଗେସନ ପ୍ରୋଜେକ୍ଟ ଦ୍ୱାରା ୮୯୭୦ ହେକ୍ଟର ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆଯିବ । ବୌଦ୍ଧ ବିଧାୟକ କହିଲେ ଯେ, ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ଅସୁରକ୍ଷିତ ଘର ଗୁଡ଼ିକୁ ଶୀଘ୍ର ଭଙ୍ଗାଯିବା ସହିତ ଏଠାରେ ପାଇପ ଯୋଗେ କିମ୍ବା ନଳକୂପ ମାଧ୍ୟମରେ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ।

# ସରକାରୀ ନିୟମକୁ ଫୁ : ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି ବୈତରଣୀ

ଚମ୍ପୁଆ, ୨୯/୦୫ (ନି.ପ୍ର): ବୈତରଣୀ ନଦୀରୁ ରାତିଦିନ ବେଧଡ଼କ ହେଉଛି ଚୋରା ବାଲି ଚାଲାଣ। କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର। ତଥାପି କାହିଁକି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଏହି ବାଲି ମାଫିଆଙ୍କ ପଛରେ କିଏ, କାହା ସାହସରେ ଚଳାଇଛନ୍ତି ମାଫିଆ ରାଜ ? ଏମିତି ଅନେକ ପ୍ରଶ୍ନ ଏବେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘୁରି ବୁଲୁଛି। ଏହାର ଉତର ଦେବ କିଏ..? ଖବର ଅନୁସାରେ, ରାଜ୍ୟ ସରକାର ସ୍ୱଚ୍ଛ ଶାସନର ଦାବି କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଂଚଳରେ ବୈତରଣୀ ନଦୀ ସାଜିଛି ବାଲି ମାଫିଆଙ୍କ ଚରାଭୂଇଁ । ବାରିଆ ଥାନା ଅଧୀନ ଉଚ୍ଚବାଲି ପଂଚାୟତର ମାଲିପଶି ଗ୍ରାମ ଏବଂ ଜ୍ୟୋତିପୁର ଘାଟରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଚାଲିଛି ବେଆଇନ ବାଲିର କଳା କାରବାର। ୨୦୨୨-୨୩ ମସିହାରୁ ଜ୍ୟୋତିପୁର ବାଲି ଘାଟକୁ ସରକାରୀ ନିଲାମ ଦିଆଯାଇଥିବା ବେଳେ, ଲିଜ୍ଧାରୀ ଜଣକ ନିଜ ସୀମା ଭିତରେ ବାଲି ଉତୋଳନ ନକରି ମାଲିପଶି ଗ୍ରାମର ସଂଚିତ ବାଲିକୁ ଜୋର-ଜବରଦସ୍ତ ଲୁଟ୍ କରୁଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଆଦିପୁର ଗ୍ରାମ ସୀମାପଟୁ ମଧ୍ୟ ବାଲି ଚୋରି ଜାରି ରହିଛି। ଆଶ୍ଚର୍ଯ୍ୟର କଥା, ସବୁ ଜାଣିଶୁଣି ମଧ୍ୟ ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ଘୁଙ୍ଗୁଡ଼ି ମାରି ଶୋଇଛି। ଯାହା ରାଜ୍ୟ ସରକାର, ସ୍ଥାନୀୟ ଲୋକପ୍ରତିନିଧି ଏବଂ ପ୍ରଶାସନର ବଡ଼ବାବୁମାନଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ଉଚ୍ଚବାଲି ପଂଚାୟତର ପାନୀୟ ଜଳ ଯୋଗାଣ ନିମନ୍ତେ ବୈତରଣୀ ନଦୀରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ବସୁଧା' ପ୍ରକଳ୍ପ ମାଧ୍ୟମରେ ୯ଟି ଗ୍ରାମକୁ ପାଣି ସଂଯୋଗ କରାଯାଇଥିଲା। ମାତ୍ର ନିଲାମଧାରୀଙ୍କ ଦ୍ୱାରା ନଦୀଶଯ୍ୟାରୁ ବେଆଇନ ଭାବେ ନଦୀର ସ୍ରୋତକୁ ବଦଳାଇ ଅତି ଗଭୀରରୁ ବାଲି ଉତୋଳନ କରାଯିବା ଫଳରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି। ଗ୍ରାମବାସୀଙ୍କୁ ବୁନ୍ଦାଏ ପିଇବା ପାଣି ପାଇଁ ୧ ରୁ ୨ କିଲୋମିଟର ଦୂରକୁ ଦଉଡ଼ିବାକୁ ପଡୁଛି। ସରକାରୀ ନିୟମ ଅନୁସାରେ, ନଦୀର ପୋଲ, ବନ୍ଧ ଓ ଜଳସେଚନ ପ୍ରକଳ୍ପର ୨୦୦ ରୁ ୫୦୦ ମିଟର ଭିତରେ ବାଲି ଉଠାଇବା ମନା, କିନ୍ତୁ ଏଠି ସେହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ବାଲି ପରିବହନ ପାଇଁ ସରକାର ସ୍ୱତନ୍ତ୍ର ରାସ୍ତା ଧାର୍ଯ୍ୟ କରିଥିଲେ ମଧ୍ୟ ମାଫିଆମାନେ ନିଜ ମନମୁଖୀ କାର୍ଯ୍ୟ କରି ଗ୍ରାମ୍ୟ ଜଙ୍ଗଲର ଗଛ କାଟି ନୂଆ ରାସ୍ତା ବନାଇଛନ୍ତି। ଚାଷୀଙ୍କ ସୁନା ଫସଲ ହେଉଥିବା ଚାଷ ଜମି ଉପରେ ଦାଦାଗିରି କରି ବାଲି ଗାଡ଼ି ଚଲାଉଛନ୍ତି, ଯାହାଦ୍ୱାରା ଏକର ଏକର ଚାଷ ଜମି ନଷ୍ଟ ହେବାରେ ଲାଗିଛି। ଯେତେବେଳେ ସ୍ଥାନୀୟ ଚାଷୀ ଏହାକୁ ବାରଣ କରୁଛନ୍ତି, ସେତେବେଳେ ଲିଜ୍ ଧାରୀ ଓ ତାଙ୍କ ଗୁଣ୍ଡାବାହିନୀ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସରକାରୀ ଗାଇଡଲାଇନକୁ ଦେଖିଲେ ଏହି ଘାଟରେ ପ୍ରତି ପାଦରେ ଆଇନ ଭଙ୍ଗ ହେଉଥିବା ପରିଲକ୍ଷିତ ହେଉଛି । ବାଲି ଉତୋଳନ କେବଳ ଦିନ ସମୟରେ (ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ) ହେବା କଥା ରାତିରେ ସମ୍ପୂର୍ଣ୍ଣ ନିଷେଧ। କିନ୍ତୁ ଏଠାରେ ଦିନରାତି ବାଲି ଲୁଟ୍ ଚାଲିଛି। ଜେସିବି କିମ୍ବା ବଡ଼ ପୋକ୍ଲିନ ମେସିନ ସାହାଯ୍ୟରେ ଗଭୀର ଖନନ ବାରଣ ଥିବା ସତ୍ତ୍ୱେ ବେଆଇନ ଭାବେ ବଡ଼ ବଡ଼ ମେସିନ ଲଗାଇ ଭୂତଳ ଜଳସ୍ତରଠାରୁ ଅଧିକ ଗଭୀରତାକୁ ଖୋଳି ଦିଆଯାଉଛି। ରାସ୍ତାରେ ପ୍ରଦୂଷଣ ରୋକିବାକୁ ପାଣି ସିଂଚନ, ଗାଡ଼ିରେ ତ୍ରିପାଲ ଢାଙ୍କିବା, ଜିପିଏସ୍, ଓଜନ ମେସିନ ଏବଂ ପ୍ରବେଶ ପଥରେ ଲାଇଭ୍ ସିସିଟିଭି କ୍ୟାମେରା ବାଧ୍ୟତାମୂଳକ । କିନ୍ତୁ, ଏସବୁ କୌଣସି ଗୋଟିଏ ବି ନିୟମ ଏଠାରେ ପାଳନ ହେଉ ନଥିବା ଦେଖିବାକୁ ମିଳୁଛି । ବିନା ସରକାରୀ ରସିଦରେ ୧୦/୧୨ ଚକିଆ ଟ୍ରକ ଯୋଗେ ବାଲି ଚାଲାଣ କରି ଓଡ଼ିଶା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରାଯାଉଛି। ନିୟମର ଖୋଲା ଉଲ୍ଲଂଘନ କରୁଥିବା ଏହି ମାଫିଆଙ୍କ ପଛରେ କେଉଁ ପ୍ରଭାବଶାଳୀ ନେତା ବା ସରକାରୀ ଅଧିକାରୀଙ୍କ ହାତ ରହିଛି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏହି ସାଙ୍ଘାତିକ ବେଆଇନ କାର୍ଯ୍ୟ ବିରୋଧରେ ମାଲିପଶି ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରର ନକଲ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ, କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝର ବନଖଣ୍ଡ ଅଧିକାରୀ, ଚମ୍ପୁଆ ଉପଜିଲାପାଳ, ଚମ୍ପୁଆ ତହସିଲଦାର ଏବଂ ଖଣି ଉପନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରେରଣ କରାଯାଇଛି । ଏ ସମ୍ପର୍କରେ ଭାରପ୍ରାପ୍ତ ଖଣି ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗକୁ ଅନୁଧ୍ୟାନ କରାଯାଇଛି ଏବଂ ସ୍ଥିତିର ମିଳିତ ଯାଂଚ୍ କରିବା ପାଇଁ ଚମ୍ପୁଆ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଦେଖିବାକୁ ବାକି ରହିଲା ଜିଲ୍ଲା ପ୍ରଶାସନ ତଦନ୍ତ ନାମରେ କେବଳ ସମୟ ଗଡ଼ାଉଛି ନା ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରୁଛି ।

# ବୀର ସାବରକରଙ୍କ ଜୟନ୍ତୀ ପାଳିତ

ପୁରୀ, ୨୯/୦୫ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ବଜାର ଠାରେ ଅବସ୍ଥିତ ଗୁରୁକୃପା କୋଚିଂ ସେଣ୍ଟର ପରିସରରେ ବୀର ସାବରକରଙ୍କ ଜନ୍ମଜୟନ୍ତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ୱାର୍ ଏବଂ ଭାରତ ସରକାରଙ୍କର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ କେନ୍ଦ୍ର, ପୁରୀଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାତଃ କାଳରେ ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଗୋଖରା ଠାରେ ସ୍ୱେଚ୍ଛାସେବୀ ମାନେ ଚାରା ରୋପଣ କରିଥିଲେ। ଏହି ଅବସରରେ ଉତ୍ସବରେ ବୀର ସ୍ୱାରକରଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀର ସ୍ୱାରକରଙ୍କ ଜୟନ୍ତୀ ଅବସରରେ ଗୁରୁକୃପା ଶିକ୍ଷାନୁଷ୍ଠାନ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭକ୍ତ ମନେଇ ସାହୁ ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମାଝୀ ଏଥିରେ ଅଧ୍ୟକ୍ଷତା କରିଥିଲେ। କବି, ଲେଖକ ଓ ପ୍ରବଚକ ତତ୍ୱକବି ବ୍ରହ୍ମଦାରୁ ପରମହଂସ ମୁଖ୍ୟ ଅତିଥି ଏବଂ ସମାଜସେବୀ ସ୍ୱର୍ଣ୍ଣଲତା ଜେନା, ରାଷ୍ଟ୍ରୀୟ ସଦଭାବନା ମଂଚ ଆବାହକ ସଞ୍ଜୟ କୁମାର ପ୍ରଧାନ, ପ୍ରହଲ୍ଲାଦ ପରିଡ଼ା ପ୍ରମୁଖ ବୁଦ୍ଧିଜୀବିମାନେ ଯୋଗଦେଇ ସାବରକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ଦିଗମ୍ବର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ମାଇଁ ଭାରତ କେନ୍ଦ୍ର, ପୁରୀ ଅଧିକାରୀ ଡକ୍ଟର ଅଶୋକ କୁମାର ବେହେରା ଉତ୍ସବର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅତିଥିମାନେ କହିଥିଲେ ଯେ, ବିନାୟକ ଦାମୋଦର ସାବରକର ଯିଏ "ବୀର ସାବରକର" ଭାବେ ପ୍ରସିଦ୍ଧ, ସେ ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ଆଇନଜୀବୀ, କବି ଏବଂ ରାଜନୈତିକ ଚିନ୍ତକ ଥିଲେ। ତାଙ୍କର ଜନ୍ମ ୨୮ ମେ ୧୮୮୩ ରେ ମହାରାଷ୍ଟ୍ରର ଭାଗୁରରେ ହୋଇଥିଲା ଏବଂ ୨୬ ଫେବୃଆରୀ ୧୯୬୬ ରେ ମୁମ୍ବାଇରେ ତାଙ୍କର ଦେହାନ୍ତ ହୋଇଥିଲା। ସେ ଆଧୁନିକ ଭାରତୀୟ ରାଜନୈତିକ ଇତିହାସର ଏକ ପ୍ରଭାବଶାଳୀ ଏବଂ ବିବାଦସ୍ପଦ ବ୍ୟକ୍ତିତ୍ୱ ଭାବେ ପରିଚିତ। ପ୍ରାରମ୍ଭିକ ଜୀବନ ଓ ବିପ୍ଳବୀ କାର୍ଯ୍ୟକଳାପ ସାବରକର ଅତ୍ୟନ୍ତ କମ୍ ବୟସରୁ ବିପ୍ଳବୀ ଜାତୀୟତାବାଦ ସହ ଜଡିତ ହୋଇଥିଲେ। ସେ ମିତ୍ର ମେଳା ଏବଂ ପରେ ଅଭିନବ ଭାରତ ସମିତି ପରି ସଂଗଠନ ସ୍ଥାପନା କରିଥିଲେ । ଯାହା ବ୍ରିଟିଶ ଶାସନ ବିରୋଧରେ ଶସ୍ତ୍ରସଜ୍ଜ ପ୍ରତିରୋଧକୁ ପ୍ରୋତ୍ସାହିତ କରୁଥିଲା। ଲଣ୍ଡନରେ ଆଇନ ପଢୁଥିବା ସମୟରେ ସେ ଇଣ୍ଡିଆ ହାଉସ ସହ ଜଡିତ ଥିଲେ ଏବଂ ଅନେକ ଯୁବ ବିପ୍ଳବୀଙ୍କୁ ପ୍ରେରଣା ଦେଇଥିଲେ। ସେ ୧୮୫୭ର ଭାରତୀୟ ସ୍ୱାଧୀନତା ଯୁଦ୍ଧ ନାମକ ପୁସ୍ତକ ରଚନା କରିଥିଲେ। ଯେଉଁଥିରେ ୧୮୫୭ର ବିଦ୍ରୋହକୁ ଭାରତର ପ୍ରଥମ ସଂଗଠିତ ସ୍ୱାଧୀନତା ସଂଗ୍ରାମ ଭାବେ ଉପସ୍ଥାପନ କରାଯାଇଥିଲା। ଏହି ପୁସ୍ତକକୁ ବ୍ରିଟିଶ ସରକାର ନିଷିଦ୍ଧ କରିଥିଲା। ଗିରଫ ଓ ସେଲ୍ୟୁଲାର ଜେଲ ୧୯୦୯ ମସିହାରେ ବିପ୍ଳବୀ କାର୍ଯ୍ୟକଳାପ ପାଇଁ ସାବରକରଙ୍କୁ ଗିରଫ କରାଯାଇଥିଲା ଏବଂ ପରେ ତାଙ୍କୁ ଦୁଇଟି ଆଜୀବନ କାରାଦଣ୍ଡ, ମୋଟ୍ ୫୦ ବର୍ଷର ଶାସ୍ତି ଦିଆଯାଇଥିଲା। ତାଙ୍କୁ ଅଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜର କୁଖ୍ୟାତ ସେଲ୍ୟୁଲାର ଜେଲକୁ ପଠାଯାଇଥିଲା, ଯେଉଁଠାରେ ସେ କଠିନ ପରିସ୍ଥିତିରେ ବହୁ ବର୍ଷ କାଟିଥିଲେ। ତାଙ୍କ ଜୀବନର ଏକ ପ୍ରସିଦ୍ଧ ଘଟଣା ହେଉଛି ଫ୍ରାନ୍ସର ମାର୍ସେଇଲ୍ସରେ ତାଙ୍କର ସାହସିକ ପଳାୟନ ଚେଷ୍ଟା। ଭାରତକୁ ଆଣାଯାଉଥିବା ସମୟରେ ସେ ବ୍ରିଟିଶ ଜାହାଜରୁ ସମୁଦ୍ରକୁ ଝାପ ଦେଇଥିଲେ। ହିନ୍ଦୁତ୍ୱ ଚିନ୍ତାଧାରା ପରବର୍ତୀ ସମୟରେ ସାବରକର ହିନ୍ଦୁତ୍ୱର ପ୍ରମୁଖ ଚିନ୍ତକ ଭାବେ ପରିଚିତ ହେଲେ। ତାଙ୍କର ଲେଖନୀରେ ସାଂସ୍କୃତିକ ଜାତୀୟତାବାଦ ଏବଂ ଏକତ୍ରିତ ହିନ୍ଦୁ ସମାଜର ଧାରଣାକୁ ଗୁରୁତ୍ୱ ଦିଆଯାଇଥିଲା । ସେ ମଧ୍ୟ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଭାବେ କାମ କରିଥିଲେ। ଉତ୍ସବରେ ୬୨ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବିଜୟୀ ଚାରି ଜଣ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବରେ ମଂଚାସୀନ ମୁଖ୍ୟ ଅତିଥି ଦାରୁବ୍ରହ୍ମ ପରମହଂସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହଲ୍ଲାଦ ପରିଡ଼ା, ସାମ୍ବାଦିକ ଚିତରଞ୍ଜନ ମହାନ୍ତି, ବିକାଶ ଶତାବ୍ଦୀ, ସହଦେବ ବେହେରା, ବାସୁଦେବ ସେନାପତି, ବିକାଶ ବରାଳ ଏବଂ ପଂଚାନନ ପଲାଇଙ୍କୁ ସଭାରେ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ସ୍ୱାଇଁ, ଶିକ୍ଷକ ରବୀନ୍ଦ୍ର କୁମାର ପଲାଇ, କରୁଣାକର ସାହୁ, ନବକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କାର୍ଯ୍ୟକର୍ତ୍ତା ଅଭ୍ୟାସ ବର୍ଗ ଅନୁଷ୍ଠିତ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଉଚ୍ଚଶିକ୍ଷା ଶାଖାର ତ୍ରିଦିବସୀୟ କାର୍ଯ୍ୟକର୍ତା ଅଭ୍ୟାସ ବର୍ଗ ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଏହି ବର୍ଗରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରା, ସଂଗଠନର ବୈଚାରିକ ଅଧିଷ୍ଠାନ, ପରିବେଶ ସୁରକ୍ଷା, ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ଆଦି ସମ୍ପର୍କରେ ବିଚାରବିମର୍ଶ କରିଥିଲେ। ମହାସଂଘର ଜାତୀୟ ସଂଗଠନ ସମ୍ପାଦକ ମହେନ୍ଦ୍ର କାପୁର, ସହ ସଂଗଠନ ସମ୍ପାଦକ ଗୁଣ୍ଟା ଲକ୍ଷ୍ମଣ, ସଧାରଣ ସମ୍ପାଦିକା ପ୍ରଫେସର ଗୀତା ଭଟ୍ଟ, କ୍ଷେତ୍ର ସଂଗଠନ ସମ୍ପାଦକ ଆଲୋକ ଚଟ୍ଟୋପାଧ୍ୟାୟ, କେନ୍ଦ୍ରୀୟ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି, ରାଜ୍ୟ ସଭାପତି ପ୍ରଫେସର ଶିବବ୍ରତ ଦାସ, ସାଧାରଣ ସମ୍ପାଦକ ଡକ୍ଟର ବିପ୍ଳବ କୁମାର ଗୁରୁ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କ ମତାମତ ପ୍ରଦାନ କରିଥିଲେ।

# କୋରାପୁଟ ଜିଲ୍ଲାରେ ତେଲ, ଗ୍ୟାସ୍ ପରେ ବଢ଼ିଲା ପରିବା ଦର

ଜୟପୁର, ୨୮ ମେ (ହି.ସ.) କୋରାପୁଟ ଜିଲାରେ ଦର ଦାମ ଆହେତୁକ ଭାବେ ବୃଦ୍ଧି ପାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ଏଲ୍ପିଜି ଦର ମାର୍ଚ୍ଚ ମାସରେ ବଢ଼ିଥିବା ବେଳେ ବାଣିଜ୍ୟିକ ଏଲ୍ପିଜି ନ ମିଳିବାରୁ ହୋଟେଲ ଓ ରେଷ୍ଟୋରାଁରେ ଖାଇବା ମହଙ୍ଗା ହୋଇଥିଲା । ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ବିଧାନସଭା ନିର୍ବାଚନ ସରିବା ପରେ ସରକାରୀ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ୯ ଦିନରେ ୩ ଥର ବଢ଼ାଇଲେ । ଏଥିପାଇଁ ପେଟ୍ରୋଲ୍ ଓ ଡିଜେଲ୍ ଦର ମହଙ୍ଗା ହୋଇଯାଇଛି । ବିଗତ କିଛିଦିନ ମଧ୍ୟରେ ଖାଇବା ତେଲ, ଡାଲି ଦର ବଢ଼ିଥିବାବେଳେ ଆଜି କଂଚା ପରିବା ଦର ବଢ଼ିଯାଇଛି । ପ୍ରାୟ ସବୁ କଂଚା ପରିବା ଦର କୋରପୁଟ ଜିଲା ର ଜୟପୁର ସହର, ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, ବୈପାରିଗୁଡା, ଲମତାପୁଟ ବଜାରରେ କିଲୋଗ୍ରାମ ପିଛା ୫ରୁ ୧୦ ଟଙ୍କା ଲେଖାଏଁ ବର୍ଦ୍ଧି ଯାଇଛି । ସୂଚନା ଅନୁଯାୟୀ, ବାଇଗଣର ଖୁଚୁରା ଦର ୬୦ ଟଙ୍କା, କଲରା ଦର ୬୦ରୁ ୮୦ ଟଙ୍କା, କାଙ୍କଡ଼ ୬୦ରୁ ୮୦ ଟଙ୍କା, ଗାଜର ୪୦ରୁ ୬୦ ଟଙ୍କା, ସଜନା ଛୁଇଁ ୮୦ରୁ ୧୦୦ ଟଙ୍କା, ଟମାଟୋ ୫୦ରୁ ୬୦ ଟଙ୍କା, ଭେଣ୍ଡି ୪୦ରୁ ୬୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, କଖାରୁ ୩୦ ଟଙ୍କା, ଅମୃତଭଣ୍ଡା ୩୦ ଟଙ୍କା, ବନ୍ଧା କୋବି ୩୦ ଟଙ୍କାରେ ବିକ୍ରି ହୋଇଛି । ଖୁଚୁରା ବଜାରରେ ଅଦା ଓ ରୁସଣ ଦର କିଲୋଗ୍ରାମ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ସପ୍ତାହକ ପୂର୍ବେ ହରଡ଼ ଡାଲି ଦାମ୍ କିଲୋଗ୍ରାମ ପିଛା ୧୨୦ ଟଙ୍କା ଥିବାବେଳେ ସଂପ୍ରତି ତାହା ୧୩୦ ଟଙ୍କାରେ ବିକ୍ରି ହେଉଛି । ସୋରିଷ ତେଲ ଓ ରିଫାଇନ୍ ତେଲ ଦର ଲିଟର ପିଛା ୧୦ ଟଙ୍କା ଲେଖାଏଁ ବଢ଼ି ଯଥାକ୍ରମେ ୧୯୦ ଟଙ୍କା ଓ ୧୮୦ ଟଙ୍କା ହୋଇଛି । ଓଡ଼ିଶାକୁ ଅଧିକାଂଶ ଖାଦ୍ୟ ସାମଗ୍ରୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକ ଓ ତାମିଲନାଡ଼ୁ ଭଳି ରାଜ୍ୟରୁ ଆସୁଛି । ଏଥିସହିତ ପାଇକାରୀ ବଜାରରୁ ଖୁଚୁରା ବଜାରରେ ସାମଗ୍ରୀ ପହଂଚିବା ଲାଗି ୩ରୁ ୪ ଦିନ ହୋଇଯାଉଛି । ତେଣୁ ଖାଉଟି ନିକଟରେ ସାମଗ୍ରୀ ପହଂଚିଲା ବେଳକୁ ଦର ୩ରୁ ୫ ଗୁଣା ବଢ଼ିଯାଉଛି । ପରିବହନ ଖର୍ଚ୍ଚ ୧୦ ପ୍ରତିଶତ ବର୍ଦ୍ଧି ଯାଇଛି । ସେଥିପାଇଁ ପରିବା ଦର ବଢ଼ିଯାଇଛି । ଆଗକୁ ସ୍ଥାନୀୟ ପରିବା ଶେଷ ହେବ । ଏହା ପରେ ଦରଦାମ ଆହୁରି ଅଧିକ ବର୍ଦ୍ଧିବାର ଆଶଙ୍କା ରହିଛି । ବଜାରରେ ୨ରୁ ୫ ପ୍ରତିଶତ ଦର ବଢ଼ିବା ଓ କମିବା ସ୍ୱାଭାବିକ । କିନ୍ତୁ ଦର ଏବେ ଅସ୍ୱାଭାବିକ ଭାବେ ବଢ଼ୁଛି । ସର୍ବାଧିକ ଖୁଚୁରା ମୂଲ୍ୟ ଯିଏ ଯାହା ପାରିଲା ଲେଖୁଛି । ଉତ୍ପାଦନ ଖର୍ଚ୍ଚ କେତେ ରହୁଛି ଏବଂ ବିକ୍ରି ମୂଲ୍ୟ କେତେ ରହିବା ଉଚିତ, ସେ ସଂକ୍ରାନ୍ତରେ କେହି ଧ୍ୟାନ ଦେଉନାହାନ୍ତି । ସେହିଭଳି ଆମଦାନି ପରେ ଖାଇବା ତେଲ, ଡାଲି ଆଦି ଦର କେତେ ରହୁଛି ଏବଂ ଖାଉଟିଙ୍କୁ ବଜାରରେ କେତେ ଦରରେ ବିକ୍ରି କରାଯାଉଛି ସେ ବାବଦରେ ମଧ୍ୟ ସରକାରଙ୍କ ନଜର ନାହିଁ । ତେଣୁ ଦରଦାମ ବହୁମାତ୍ରାରେ ବଢ଼ୁଛି ଏବଂ ଖାଉଟି ଅସୁବିଧାରେ ପଡ଼ୁଛନ୍ତି । ରାଜ୍ୟ ସରକାରଙ୍କୁ ଦରଦାମ ନିୟନ୍ତ୍ରଣ ପାଇଁ ଏକ କମିଟି ଗଠନ କରି ପ୍ରତି ୨ ମାସରେ ଥରେ ଏହି କମିଟିର ବୈଠକ କରିବା ପାଇଁ ଦାବି ହୋଇଛି ।

# ଏବିଭିପିର ମହାରାଜା ଖାରବେଳ ପ୍ରଦର୍ଶନୀ ଉଦ୍ଘାଟିତ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନ୍ତର୍ଗତ କାର୍ଯ୍ୟକ୍ରମ ସ୍ଥଳର ଅଡିଟୋରିୟମର ଭୂତଳରେ ଆୟୋଜିତ "ମହାରାଜା ଖାରବେଳ ପ୍ରଦର୍ଶନୀ" ଓଡ଼ିଶାର ଗୌରବମୟ ଐତିହାସିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ଐତିହ୍ୟ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଧ୍ୟେୟ ଯାତ୍ରାର ଜୀବନ୍ତ ପରିଚୟ ପ୍ରଦାନ କରୁଛି। ଏହି ଭବ୍ୟ ପ୍ରଦର୍ଶନୀର ଉଦ୍ଘାଟନ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ, ଏବିଭିପି ରାଷ୍ଟ୍ରୀୟ ସଭାପତି ପ୍ରଫେସର ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ଃ ବୀରେନ୍ଦ୍ର ସିଂହ ସୋଲାଙ୍କୀ ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶୀଷ ଚୌହାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।

# ରାଜପଥରେ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ : ଜଣେ ଗିରଫ, ଦେଶୀ ପିସ୍ତଲ ଓ ଗୁଳି ଜବତ

ଝାରସୁଗୁଡ଼ା, ୨୯/୦୫ (ନି.ପ୍ର): ଜାତୀୟ ରାଜପଥରେ ଟ୍ରକ ଚାଳକମାନଙ୍କୁ ବନ୍ଧୁକ ଦେଖାଇ ଜବରଦସ୍ତି ଦାଦାବଟି ଆଦାୟ କରୁଥିବା ଜଣେ ଅପରାଧୀଙ୍କୁ ଝାରସୁଗୁଡ଼ା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୁଣାବସ୍ତି ଅଂଚଳର ଅର୍ଜୁନ ସାହୁ (୨୪)। ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ମାଗାଜିନ, ୨ଟି ଜୀବନ୍ତ ଗୁଳି, ୨ଟି ମୋବାଇଲ ଫୋନ ଓ ନଗଦ ୩ ହଜାର ୨୦ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଝାରସୁଗୁଡ଼ା ଥାନାର ଏସଆଇ ସ୍ୱାଧୀନ କୁମାର ସେଠୀ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଅଂଚଳରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ପଂଚପଡ଼ା ଛକ ନିକଟସ୍ଥ ଚାନ୍ଦ ଢାବା ପାଖରେ କିଛି ସଶସ୍ତ୍ର ଦୁର୍ବୃତ୍ତ ଟ୍ରକ ଅଟକାଇ ଚାଳକମାନଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ସମ୍ପର୍କରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଖବର ପାଇବା ପରେ ପୋଲିସ ସଦଳବଳେ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅନ୍ୟ ଦୁର୍ବୃତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅର୍ଜୁନ ସାହୁଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ମାରଣାସ୍ତ୍ର ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଝାରସୁଗୁଡ଼ା ଥାନାରେ କେସ୍ ନମ୍ବର ୩୩୦/୨୦୨୬ରେ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି ଯେ, ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଅନେକ ଅପରାଧିକ ମାମଲା ରହିଛି।

# ଚାରି ଗୋଟି ସୁନାମି ପ୍ରବଣ ଗ୍ରାମରେ ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ




ବାଲେଶ୍ୱର, ୨୯/୫ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଂଚାୟତର ନିଧିପଡ଼ା ଗ୍ରାମଠାରେ ଜିଲ୍ଲାସ୍ତରୀୟ, ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଅନ୍ୟ ୩ ଗୋଟି ଗ୍ରାମ ଯଥା କସାଫଳ, କୁସୁମୁଳିପାହି ଏବଂ ବଗଦା ଗ୍ରାମରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ନିଧିପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁବ୍ରତ ଠାକୁର ଉଦଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁବ୍ରତ ଠାକୁର ଗୁରୁତ୍ୱାରୋପ କରିଥିଲେ । ଉକ୍ତ ମକ ଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ମକଡ୍ରିଲରେ, ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନୱାଡ଼ି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ । ଉକ୍ତ ମକଡ୍ରି ଲରେ ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରାତଃ ୮ ଘଟିକା ଠାରୁ ୧୧ ଘଟିକା ମଧ୍ୟରେ ପ୍ରସାରଣ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁନାମୀ ପ୍ରସ୍ତୁତି, ଏହାର ମୁକାବିଲା ଏବଂ ବିପର୍ଯ୍ୟୟ ପରିଚାଳନା' ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ଥିଲା । ଏହି ଅଭ୍ୟାସ ଦ୍ୱାରା ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରିବା, ନିଷ୍କ୍ରୀ ନେବା, ଉପକୂଳବର୍ତ୍ତୀ ସମ୍ପ୍ରଦାୟରେ ସତର୍କତା ପ୍ରସାରଣ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟା ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ଏହାଦ୍ୱାରା କିପରି ଜରୁରୀ କାଳୀନ ପ୍ରତିକ୍ରିୟା ଯୋଜନାକୁ ସୁଦୃଢ଼ କରିବା, ସମ୍ପ୍ରଦାୟ ସଚେତନତା ବୃଦ୍ଧି କରିବା ଏବଂ ସୁନାମୀ ପ୍ରସ୍ତୁତ କାର୍ଯ୍ୟକ୍ରମ ସୂଚକ ଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାଙ୍କନ କରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା । ନିଧିପଡ଼ା ଓ କୁସୁମୁଳିପାହି ଗ୍ରାମ ଠାରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ଓ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନି ଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ ଏବଂ ସେ ଗୁଡିକର କାର୍ଯ୍ୟକ୍ଷମତା ବାବଦରେ ଅବଗତ କରାଇଥିଲେ । ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ସୁବ୍ରତ ଠାକୁର ଉପସ୍ଥିତ ରହି ନିଜର ପ୍ରତିକ୍ରିୟା ରଖିଥିଲେ । ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଦୁବୁଲାଗାଡି, ଭୀମପୁର ଓ କସାଫଳ ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ଓ ସମ୍ପାଦକ, ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ । ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଚିତ୍ତ ରଞ୍ଜନ ମହାନ୍ତି, ଓ.ଡ୍ରା.ଫ ବାହିନୀର ମନୋରଞ୍ଜନ ବେହେରା, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ଶ୍ରୀ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ଉପସ୍ଥିତ ରହି ମକଡ୍ରିଲ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ଉକ୍ତ ମକଡ୍ରିଲରେ ମୋ ଭାରତ ଓ ଆପଦା ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ବର୍ଦ୍ଧନପୁର ପଂଚାୟତର ସରପଞ୍ଚ ଶ୍ରୀମତୀ ଆରତୀ ମହାପାତ୍ର, ଭୀମପୁର ପଂଚାୟତର ସରପଞ୍ଚ ଶ୍ରୀ ହରିପାଦ ଦାସ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# 'ସମଗ୍ର ଶିକ୍ଷା ଅଭିଯାନ'ର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ନୂଆଦିଲ୍ଲୀ, ୨୯/୫ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀ ଠାରେ 'ସମଗ୍ର ଶିକ୍ଷା ଅଭିଯାନ' ଅଧୀନରେ ପାଣ୍ଠି ପ୍ରଦାନ ଏବଂ ଏହାର ବିନିଯୋଗ ନେଇ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି । ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ 'ସମଗ୍ର ଶିକ୍ଷା ୩.୦' କୁ ଆଗାମୀ ଦିନରେ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ଫଳାଫଳ-ଭିତ୍ତିକ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଚଳିତ ବର୍ଷ ଠାରୁ ଦେଶର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ତଥା ବ୍ୟାପକ ପ୍ରଭାବ ପକାଇବା ପାଇଁ ଏକ ଏକୀକୃତ ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ଯୋଜନା ଅନୁଯାୟୀ ସମଗ୍ର ଶିକ୍ଷା ଅଭିଯାନ, ପିଏମ୍-ପୋଷଣ, ଉଲ୍ଲାସ, ପିଏମ୍-ଶ୍ରୀ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରମୁଖ ଫ୍ଲାଗସିପ୍ ଯୋଜନାଗୁଡ଼ିକର ମିଶ୍ରଣ ବା ସମନ୍ୱୟ କରାଯିବ, ଯାହା ସମଗ୍ର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ । ଏହା ବ୍ୟତୀତ, ବୈଠକରେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ବିଚାରକୁ ବଜାୟ ରଖି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଗାମୀ ଦିନର ସମ୍ପର୍କ ଏବଂ ସହଯେଗକୁ ଆହୁରି ମଜବୁତ କରିବା ଉପରେ ମଧ ବିସ୍ତୃତ ଭାବେ ଚର୍ଚ୍ଚା କରାଯାଇଛି । ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଅଧିକ ଦୃଷ୍ଟି ଦିଆଯିବ । ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଇନୋଭେସନ, ସଠିକ୍ ପୋଷଣ, ଦକ୍ଷତା ବିକାଶ, କ୍ରୀଡ଼ା ଏବଂ କଳାର ବିକାଶ ଉପରେ ବିଶେଷ ପ୍ରାଧାନ୍ୟ ଦିଆଯିବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି ଯେ, ଏହି ସମସ୍ତ ସାମଗ୍ରିକ ପ୍ରୟାସ ଦେଶର ଶିକ୍ଷାର୍ଥୀମାନଙ୍କୁ ଆଗାମୀ ଦିନରେ ଅଧିକ ସଶକ୍ତ ଓ ସମର୍ଥ କରି ଗଢ଼ିତୋଳିବ । ଏହାସହ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ ଦେଶକୁ ଆବଶ୍ୟକ ହେଉଥିବା ଦକ୍ଷ ମାନବ ସମ୍ବଳ ବା ମାନବ ପୁଞ୍ଜି ଗଠନରେ ଏହି ପଦକ୍ଷେପ ଏକ ପ୍ରମୁଖ ଏବଂ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବ ।

## ସଡ଼କ ଦୁର୍ଘଟଣାରେ ରାଜ ପରିବାର ସଦସ୍ୟଙ୍କ ଦେହାନ୍ତ

ବଲାଙ୍ଗିର, ୨୯/୫ (ନି.ପ୍ର): ବଲାଙ୍ଗିର ଏକ ଦୁଃଖଦ ଦୁର୍ଘଟଣାରେ ପୁରୁଣା ରାଜବାଟୀ ନିବାସୀ ତେଜବହାଦୂର୍ ସିଂହ ଦେଓଙ୍କ ଅକାଳ ବିୟୋଗ ହୋଇଛି। ସୂଚନା ଅନୁସାରେ, ତେଜ ବାହାଦୂର ସିଂଦେଓ ନିଜ ପାଟଣାଗଡ ଲୁହସିଂହା ସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏବଂ ସନ୍ଧ୍ୟାରେ ତାଙ୍କ ବୁଲେଟ ମୋଟର ସାଇକେଲରେ ବଲାଙ୍ଗୀର ଫେରୁଥିଲେ। ତେବେ ପାଟଣାଗଡ଼ ୟୁରିଆ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ସେପଟେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣାଗଡ ଡାକ୍ତରଖାନା ଓ ପରେ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଜିଠାରୁ ଜିଲ୍ଲାରେ ଏସଆଇଆର



ବାରିପଦା, ୨୯/୫ (ନି.ପ୍ର): ଆସନ୍ତାକାଲିଠାରୁ ଜିଲ୍ଲାରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)–୨୦୨୬ ସଂପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ୍ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ବିବରଣୀ ରଖିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ସୟ୍ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି । ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାରେ ମଧ ୦୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି । ୨୯ ମଇ ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ଆଜି ହିଁ ବିଏଲଓ ଓ ବିଏଲଓ ସୁପରଭାଇଜର୍ ମାନଙ୍କର ପ୍ରଶିକ୍ଷଣ ମଧ ଶେଷ ହୋଇଛି । ୩୦ ମଇ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ନିର୍ବାଚକଙ୍କ ଘରକୁ ଯାଇ ପ୍ରତ୍ୟେକ ନିର୍ବାଚକ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ । ଏଥିରେ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ । ବିଏଲଓ ମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟି କୁ ସଂଶୋଧନ କରିବେ । ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ବିଏଲଓ ମାନଙ୍କୁ ସଜାଗ ରହିବାକୁ ଶ୍ରୀ ସୟ୍ ନିର୍ଦ୍ଦେଶ ଦେଇଛନ୍ତି। ୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ହେବ । ୦୫ ଜୁଲାଇ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ । ୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ, ୦୫ ଜୁଲାଇ୨୦୨୬ ରୁ ୦୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୦୬ ସେପ୍ଟେମ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏସ.ଆଇ.ଆର ସମୟରେ ୨୭୨୪ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ । ସ୍ୱତନ୍ତ୍ର ସଘନ ସଂଶୋଧନ କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି । ଏବେ ସୁଦ୍ଧା ଜିଲ୍ଲାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୩୦୯୦ ଜଣଙ୍କୁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ଭାବରେ ନିଯୁକ୍ତ କରାଯାଇଛି । ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-ଓଓଓ) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ବୋଲି ଜିଲ୍ଲାପାଳ ଶ୍ରୀ ସୟ୍ ପ୍ରକାଶ କରିଛନ୍ତି । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ (voters.eci.gov.in) ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ । ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ । କର୍ତ୍ତବ୍ୟ ସମୟରେ ବିଏଲଓ ମାନେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହ ଜିଲ୍ଲାପାଳ ଶ୍ରୀ ସୟ୍ ଆଲୋଚନା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ଅତିରିକ୍ତ ଜିଲ୍ଲାପାଳ(ନିର୍ବାଚନ) ଇଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର(ନିର୍ବାଚନ) କ୍ରିସେନସିଆ ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ସମେତ ଜିଲ୍ଲା ନିର୍ବାଚନ ବିଭାଗର ବିଭିନ୍ନ ଅଧିକାରୀ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ନୀଳଗିରି ବଉଳଗଡିଆ ରାସ୍ତାନିର୍ମାଣ ନେଇ ପୂର୍ତ୍ତବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା କୃଷକ ମଞ୍ଚ

ନୀଳଗିରି , ୨୯/୫ (ନି.ପ୍ର): ନୀଳଗିରି କୃଷକମଞ୍ଚ ତରଫରୁ ବରିଷ୍ଠ ସମାଜସେବୀ ତଥା ସାମ୍ୟବାଦୀନେତା କୈଳାଶ ଚନ୍ଦ୍ର ପଣ୍ଡା ଓ କୃଷକମଞ୍ଚର ବରିଷ୍ଠନେତା ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ପ୍ରମୁଖ ବହୁ ସମାଜସେବୀ ଓଡିଶା ଆର ଏଣ୍ଡ ବି ବିଭାଗ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନୀଳଗିରି ବଉଳଗଡିଆ ରାସ୍ତା ୨୦୨୨-୨୩ ମସିହାରେ ରାଜ୍ୟ ସରକାରଙ୍କ ଠାରୁ ଅନୁମୋଦିତ ହୋଇ ପୁନଃନିର୍ମାଣ ନିମିତ୍ତ ୩୫କୋଟି ଟଙ୍କା ବ୍ୟୟବରାଦ ହୋଇ ଟେଣ୍ଡରଯୋଗେ ପଶ୍ଚିମବଙ୍ଗର ମେକ ଇନ ଟସ କମ୍ପାନୀ ସହିତ ଚୁକ୍ତିକରି ୨୦୨୪ ମସିହା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ପୂର୍ଣ୍ଣାଙ୍ଗିକରଣ ହେବାର ଥିଲା । ମାତ୍ର ପତ୍ର ନମ୍ବର ୪୬୪ ରେ ୬/୫/୨୦୨୪ ରିଖରେ ରାସ୍ତାକାର୍ଯ୍ୟ ନକରିବାକୁ ଜଙ୍ଗଲବିଭାଗ ତରଫରୁ ପୂର୍ତ୍ତବିଭାଗକୁ ଜଣାଇ ଦିଅକ୍ଷଯାଇଥିଲା । ତଦନୁଯାଇ ଚୁକ୍ତିବଦ୍ଧ କମ୍ପାନୀ କାର୍ଯ୍ୟବନ୍ଦକରି ଅଧାରୁ ପଳାଇ ଯାଇଥଲେ । ଫଳରେ ରାସ୍ତାଟି ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ଘଟଣା ଆବେଦନ ଦରଖାସ୍ତରେ ଲେଖି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦେଲାବେଳେ ରାସ୍ତାଟି କେଉଁପରିସ୍ଥିତିରେ ଅଛି ଆପଣ ନିଜେ ଦେଖିଯାଆନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଅନ୍ୟ ଉଚ୍ଚପଦସ୍ଥ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇ କହିଥିଲେ ଆବେଦନ ଅନୁଯାଇ ତୁରନ୍ତ କାର୍ଯ୍ୟ କରିବାପାଇଁ କହିବାପରେ ତାଙ୍କର ଏହି ମନୋଭାବକୁ କୃଷକମଞ୍ଚ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଥାର୍ଡ ଡିଗ୍ରି ଅଭିଯୋଗକୁ ନେଇ...

ପୁଲିସ ସେମାନଙ୍କୁ ରାକେଶ ଜୀବୀତ ଓ ଚିକିତ୍ସାଧିନ ଥିବା କହିଚି। ପୁଲିସ ଜବାବ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ରାକେଶର ପରିବାର ଏବଂ ଗ୍ରାମବାସୀ କଟକ ବଡ଼ଡାକ୍ତରଖାନାକୁ ଯାଇଛନ୍ତି। ସୂଚନାଯୋଗ୍ୟ, ଚଣ୍ଡୀପ୍ରସାଦ ଗ୍ରାମବାସୀ ଏବଂ ସମ୍ପର୍କୀୟ ଗତ ୧୫ ତାରିଖରେ ଅଭିଯୋଗ କରିଥିଲେ ଯେ, ରାକେଶ ବେହେରାଙ୍କ ସ୍ତ୍ରୀ ନିଖୋଜ ହୋଇଥିଲେ। ଏନେଇ ସେ ୧୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଗତ ୨୨ ତାରିଖରେ ପାଟପୁର ନିକଟ କାଠଯୋଡି ନଦୀ ବାଲିରେ ପୋତାଯାଇଥିବା ଜଣେ ମହିଳାଙ୍କର ଶବ ଉଦ୍ଧାର ହୋଇଥିଲା। ପୁଲିସ୍ ଶବ ଚିହ୍ନଟ ପାଇଁ ରାକେଶ କରିଥିବା ସ୍ତ୍ରୀ ନିଖୋଜ ଅଭିଯୋଗକୁ ଆଧାର କରି ଥାନାକୁ ଡାକି ପଚରାଉଚ଼ରା କରିଥିଲା। ମୃତଦେହକୁ ଦେଖାଇ ସ୍ତ୍ରୀର ଶବକି ନାହିଁ ? ଚିହ୍ନଟ କରିବା ପାଇଁ ପୁଲିସ ଚଣ୍ଡୀପ୍ରସାଦ ଗ୍ରାମର ରାକେଶକୁ ଚାରିଦିନ ହେଲା ଉଠାଇ ନେଇ ଅଟକରଖି ପଚରା ଉଚରାଥିଲା। ଚାରିଦିନ ଧରି ବଳପୂର୍ବକ ତା ସ୍ତ୍ରୀର ବୋଲି ରାଜି କରାଇବାକୁ ଚେଷ୍ଟା କରିଥିଲା। ଶବଟିକୁ ଦେଖି ତା ସ୍ତ୍ରୀର ନୁହେଁ, ତା ପାଖରୁ ମିଳିଥିବା ଶାଢ଼ି, ଚୂଡ଼ି ଯାହା କିଛି ମିଳିଛି ତା' ସ୍ତ୍ରୀ ସହିତ ମେଳ ଖାଉ ନଥିବାର ପୁଲିସକୁ ବାରମ୍ବାର କହି ସ୍ୱୀକାର କରୁ ନଥିଲା। ରାକେଶ ରାଜି ନ ହେବାରୁ ତାଙ୍କୁ ପୁଲିସ ନିସ୍ତୁକ ପିଟି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଗତ ୨୫ ତାରିଖ ରାତିରେ ମଧ ଥାନା ଘେରାଉ କରିଥିଲେ।

### ନିଟ୍-ୟୁଜି ୨୦୨୬...

ଜଷ୍ଟିସ ପିଏସ୍ ନରସିଂହଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାମଲାର ଅନୁଧ୍ୟାନ କରି କହିଛନ୍ତି, କେବଳ ନୂଆ ନୂଆ ସୁପାରିସ ବା ନିୟମ ପ୍ରଣୟନ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ, ଏହାର ବାସ୍ତବିକ ତଦାରଖ ଏବଂ ଏନ୍‌ଫୋର୍ସମେଣ୍ଟ (ପ୍ରବର୍ତ୍ତନ) ଅତ୍ୟନ୍ତ ଦୃଢ଼ ହେବା ଉଚିତ। କୋର୍ଟ ଏହି ସମୟରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ପୂର୍ବତନ ମୁଖ୍ୟ କେ. ରାଧାକ୍ରିଷ୍ଣନଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ। ୟୁପିଏସ୍‌ସି ପରୀକ୍ଷା ପରିଚାଳନାର ଉଦାହରଣ ଦେଇ ଖଣ୍ଡପୀଠ କହିଛନ୍ତି, ଏହି ସଂସ୍ଥା ବ୍ୟାପକ ଭାବେ ପରୀକ୍ଷା ପରିଚାଳନା କରୁଥିବା ବେଳେ କେବେ ବି ପେପର ଲିକ୍ ହୋଇନାହିଁ। ଏନ୍‌ଟିଏ ୟୁପିଏସ୍‌ସିଠାରୁ ଶିଖିବାର ଆବଶ୍ୟକତା ରହିଛି ବୋଲି ଖଣ୍ଡପୀଠ କହିଛନ୍ତି। ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ ନିଟ୍ ପେପର ଲିକ୍ ଘଟଣାର ତଦନ୍ତ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ନଜର ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪ ମସିହାରେ ଗଠିତ ରାଧାକ୍ରିଷ୍ଣନ କମିଟି ପରୀକ୍ଷା ସଂସ୍କାର ପାଇଁ ୩୫ଟି ଦୀର୍ଘକାଳୀନ ଏବଂ ୬୦ ଟି ସ୍ୱଳ୍ପକାଳୀନ ସୁପାରିସ ପ୍ରଦାନ କରିଥିଲା। ରାଧାକ୍ରିଷ୍ଣନ ଅଦାଲତଙ୍କୁ ଜଣାଇଥିଲେ ଯେ କମିଟିର ଅଧିକାଂଶ ସୁପାରିସକୁ ଏକ ପ୍ରକାର କାର୍ଯ୍ୟକାରୀ କରାଯାଇସାରିଛି। ମାତ୍ର ସୁପ୍ରିମକୋର୍ଟ ଏହି ଦାବିରେ ସନ୍ତୁଷ୍ଟ ହୋଇନଥିଲେ। କୋର୍ଟ ପ୍ରଶ୍ନ କରିଥିଲେ ଯେ ଯଦି ସମସ୍ତ ସଂସ୍କାର କାର୍ଯ୍ୟକାରୀ ହୋଇଛି, ତେବେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା କେଉଁ ସୂତ୍ରରୁ ଜାରି ରହିଛି ? ଏହି ମାମଲାରେ ଫେଡେରେସନ ଅଫ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏସନ (ଫାଇମା) ଏବଂ ୟୁନାଇଟେଡ ଡକ୍ଟର୍ସ ଫ୍ରଣ୍ଟ (ୟୁଡିଏଫ) ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମିଳିତ ଆବେଦନପତ୍ର ଦାଖଲ କରାଯାଇଛି। ଆବେଦନକାରୀ ସଂଗଠନ ଦ୍ୱୟ ଦର୍ଶାଇଛନ୍ତି ଯେ ଏନଟିଏ ନିଜର ବିଶ୍ୱସନୀୟତା ସମ୍ପୂର୍ଣ୍ଣ ହରାଇ ସାରିଛି। ସେମାନେ ଦାବି କରିଛନ୍ତି ଯେ ଏହି ସଂସ୍ଥାକୁ ତୁରନ୍ତ ଉଚ୍ଛେଦ କରାଯାଉ କିମ୍ବା ଏହାର ସାଂଗଠନିକ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ କରାଯାଉ। ବିକଳ୍ପ ସ୍ୱରୂପ, ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଡିକାଲ ପରୀକ୍ଷା ପରିଚାଳନା ପାଇଁ ଏକ ସ୍ୱାଧୀନ ଏବଂ ନୂତନ ସଂସ୍ଥା ଗଠନ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ନ୍ୟାୟାଳୟର ଏହି କଠୋର ଆଭିମୁଖ୍ୟ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଆଶ୍ୱସ୍ତ କରିଛନ୍ତି। ମେହେଟ୍ଟା ପ୍ରକାଶ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସଂସ୍କାର ପ୍ରକ୍ରିୟା ଉପରେ ସିଧାସଳଖ ନଜର ରଖିଛନ୍ତି। ପରୀକ୍ଷାର ସ୍ୱଚ୍ଛତା ଫେରାଇ ଆଣିବା ପାଇଁ ଏକ ସୁଦୃଢ଼ ଓ ସାମଗ୍ରିକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ସମସ୍ତ ପଦକ୍ଷେପ ସାର୍ବଜନୀନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ଆଗାମୀ ପୁନଃ-ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ଏନଟିଏ ପକ୍ଷରୁ କେତେକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ନିରନ୍ତର ସିସିଟିଭି ନଜର ସହିତ 'ଏଆଇ' ଆଧାରିତ ଜାଲିଆତି ଚିହ୍ନଟ ବ୍ୟବସ୍ଥା ଲାଗୁ ହେବ । ଡିଜିଟାଲ ଯୋଗାଯୋଗ ଏବଂ ପ୍ରଶ୍ନ ଲିକ୍ ରୋକିବାକୁ ମୋବାଇଲ ସିଗନାଲ ବାଧାପ୍ରାପ୍ତ କରୁଥିବା ଜାମର ଯନ୍ତ୍ରର ବ୍ୟବହାର କରାଯିବ। ପ୍ରଶ୍ନପତ୍ର ପରିବହନ ଏବଂ ସଂରକ୍ଷଣ ପାଇଁ କଡ଼ା ନିୟମାବଳୀ ସହ ବ୍ୟାପକ ପୁଲିସ ନିୟୋଜନ କରାଯାଉଥିବା ସଲିସିଟର ଜେନେରାଲ କହିଛନ୍ତି। ସୁପ୍ରିମକୋର୍ଟ ସରକାରଙ୍କ ପ୍ରତିଶ୍ରୁତିକୁ ଗ୍ରହଣ କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ସୁରକ୍ଷା ବ୍ୟବସ୍ଥାର କଠୋର ଅନୁପାଳନ ଉପରେ ଜୋର ଦେଇଛନ୍ତି।

### ଆଜିଠାରୁ ରାଜ୍ୟରେ ଏସଆଇଆର...

ବୟସ ତ୍ରୁଟି, ନାମ ତ୍ରୁଟି ଏବଂ ବାପାଙ୍କ ନାମ ତ୍ରୁଟି ଯୋଗୁଁ ଏରର ଆସୁଛି। ଘର ଘର ବୁଲିବାବେଳେ ତାକୁ ସଂଶୋଧନ କରିବେ ବିଏଲଓ। ମ୍ୟାପଙ୍ଗ ସାରିଥିବା ଭୋଟର ନିଜର ଫଟୋ ଦେବେ ଏବଂ ସାଇନ କରିବେ। ଭୋଟର ଚାହିଁଲେ ନୂଆ ଫଟୋ ଦେଇ ପାରିବେ। ସବୁ ଭୋଟରଙ୍କୁ ଦିଆଯିବ ୨ଟା ଫର୍ମ। ଏହି ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିସନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୦୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ୨୯ ମଇ ୨୦୨୬ ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କର ପ୍ରଶିକ୍ଷଣ ମଧ ଶେଷ ହୋଇଛି। ୩୦ ମଇ ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ନିର୍ବାଚକଙ୍କ ଘରକୁ ଯାଇ ପ୍ରତ୍ୟେକ ନିର୍ବାଚକ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ବିଏଲଓମାନଙ୍କୁ ସଜାଗ ରହିବାକୁ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଛନ୍ତି। ୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ପରେ ୦୫ ଜୁଲାଇ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ।୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ,୦୫ ଜୁଲାଇ୨୦୨୬ ରୁ ୦୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ ଦାବି ଓ ଆପତ୍ତିର ସମାଧାନ ଓ ୦୬ ସେପ୍ଟେମ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ ଆଇ ଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଝଓଜ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଝଓଜ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ ଝଓଜ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସ ଆଇ ଆର ସମୟରେ ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିସନଙ୍କ ସରକାରୀ ୱେବସାଇଟ୍ (voters.eci.gov.in) ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ । ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ । ସେହିପରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ୱରୀୟ ଅଧିକାରୀ ମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ୧୧, ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼ ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏଁ ଫିଲଡ଼ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ବିଭାଜନକାରୀ ରାଜନୀତିକୁ ...

କିନ୍ତୁ ଲୋକମାନେ ଏଭଳି ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଗତ ମାସରେ ଦଳ ଛାଡି ବିଜେପିରେ ଯୋଗ ଦେଇଥିବା ରାଘବ ଚଢା ଓ ଅନ୍ୟ ଛଅ ଜଣ ଆପ୍ ରାଜ୍ୟସଭା ସାଂସଦଙ୍କ ବିଷୟରେ ତାଙ୍କର ମନ୍ତବ୍ୟ ଥିଲା। ୮ଟି ମହାନଗର ନିଗମ, ୭୫ଟି ନଗର ପରିଷଦ ଓ ୧୯ଟି ନଗର ପଞ୍ଚାୟତ ସମେତ ୧୦୨ଟି ପୌର ସଂସ୍ଥା ପାଇଁ ମେ ୨୬ରେ ବାଲାଟ ପେପର ବ୍ୟବହାର କରି ମତଦାନ ହୋଇଥିଲା। ଏହି ନିର୍ବାଚନରେ ୬୩.୯୪ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିବା ଏହି ପୌର ନିର୍ବାଚନରେ ରାଜ୍ୟରେ ୭,୫୫୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୮୦ଟି ୱାର୍ଡରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ଶନିବାର, ମଇ ୩୦, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପାନୀୟଜଳ ପାଇଁ ଗଗରା, ବାଲଟି ରଖି ରାସ୍ତା ଅବରୋଧ କଲେ ମହିଳା

ପାନୀୟଜଳ ସମସ୍ୟାନେଇ ବିଭାଗୀୟ ଅଧିକାରୀଙ୍କ ସହ ଫୋନଯୋଗେ ଆଲୋଚନାକରି ଅଂଚଳବାସୀଙ୍କ ପାଇଁ ପାନୀୟଜଳର ସ୍ଥାୟୀ ବ୍ୟବସ୍ଥା କରିବାପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା।



ନୀଳଗିରି, ୨୯/୫ (ନି.ପ୍ର): ନୀଳଗିରି ଏନଏସି ଅଧିନସ୍ଥ ୫ନଂ ୱାର୍ଡ ବରିସାହି ଗ୍ରାମରେ ପାନୀୟଜଳ ସଙ୍କଟ ଦେଖାଦେଇଛି। ଗ୍ରାମରେ ଜଳସ୍ତର କମିଯାଉଥିବାରୁ ନଳକୂଅ ଗୁଡିକ ପାଣି ବାହାରୁନାହିଁ, ନିୟମିତ ପାଇପପାଣି ଆସୁନଥିବାରୁ ଗ୍ରାମରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଗ୍ରାମ ବାସୀମାନେ ବାରମ୍ବାର ଅଧିକାରୀଙ୍କୁ ଜଣାଇଲା ପରେବି ସମସ୍ୟାର ସମାଧାନ ହେଉନାହିଁ। ଏପଟେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ପାନୀୟଜଳ ପାଇଁ ଗ୍ରାମବାସୀମାନେ ହହଳବିକଳ ହେଉ ଛନ୍ତି।ଏସବୁକୁ ଦୃଷ୍ଟିରେ ରଖି ଆଜି ବରିସାହି ଗ୍ରାମର ରଂଜିତା ଦାସ, ଶାନ୍ତି ଲତା ଦାସ, ସୁରତି ଦାସ, କୃଷ୍ଣ। ସ୍ୱାଇଁ, ମାଳତୀ ସ୍ୱାଇଁ, ସସ୍ମିତା ସ୍ୱାଇଁ, ଜୟନ୍ତୀ ଦାସ, ଜମା ସ୍ୱାଇଁ ସମେତ ଶତାଧିକ ମହିଳା ପୂର୍ବାହ୍ନ ୧୨ଘଟିକା ସମୟରେ ନୀଳଗିରି -ଶେରଗଡ଼ ୧୯ନଂ ରାଜ୍ୟ ରାଜପଥ ବରିସାହି ମନୀଷାମନ୍ଦିର ଛକରେ ଗରା, ବାଲଟି ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପହଁଚି ବରିସାହି ଗ୍ରାମର

## ହତ୍ୟା ଅପରାଧୀଙ୍କୁ ଆଜୀବନ ଜେଲ

ଭଦ୍ରକ , ୨୯/୫ (ନି.ପ୍ର): ବାସୁଦେବପୁର ଥାନା ଖେମେଶ୍ୱରପୁର ଗ୍ରାମର ଆରତୀ ଦାସ ହତ୍ୟା ଅଭିଯୁକ୍ତ ସୁରେନ୍ଦ୍ର ଦାସଙ୍କ ପୁତ୍ର ମଧୁସୂଦନ ଦାସଙ୍କୁ ମାନ୍ୟବର ଭଦ୍ରକ ଜିଲ୍ଲା ତଥା ଦୌରା ଜଜ, ଶ୍ରୀ ଲଲାଟେନ୍ଦୁ ଜେନା ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି. ଜୋରିମାନା ଅନାଦେୟ ପୁନଶ୍ଚ ୬ ମାସ ଜେଲ ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଖେମେଶ୍ୱରପୁର ଗ୍ରାମର ନାରାୟଣ ଦାସଙ୍କ ପତ୍ନୀ ଆରତୀ ଗତ ୨୦୨୧ ମସିହା ଜୁଲାଇ ମାସ ୨୨ ତାରିଖରେ ବିଲରୁ କାମ କରି ଫେରୁଥିବା ବେଳେ , ସେହି ଗାଁର ୩ ଛକି ପାଖରେ ତାଙ୍କର ପଡୋଶୀ ମଧୁସୂଦନ ଦାସ ପୂର୍ବ ଶତ୍ରୁତା କାରଣରୁ ହାତରେ ଧରିଥିବା ସାବଳ ଦ୍ୱାରା ତାଙ୍କ ମୁଣ୍ଡକୁ ଲକ୍ଷ କରି ନିର୍ମମ ଭାବରେ ପିଟି ଥିଲେ। ଆରତୀ ଗୁରୁତର ହୋଇ ସେଠାରେ ପଡି ରହିଥିବା ବେଳେ ତାଙ୍କ ସ୍ୱାମୀ ଖବର ପାଇ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନା ନେଇ ଯାଇଥିଲେ, ସେଠାରୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନା ରେ ଚିକିତ୍ସା ହେଉଥିବା ବେଳେ ଆରତୀ ମୃତ୍ୟୁ ବରଣ କରିଥିଲା। ନାରୟଣଙ୍କ ଲିଖିତ ଅଭିଯୋଗ ମୂଳେ ବାସୁଦେବପୁର ଥାନା କେସ ନଂ ୨୧୯/୨୧ ଦଫା ୩୦୨ ରେ ଏକ କେସ ହୋଇ ଅଭିଯୁକ୍ତ ମଧୁସୂଦନଙ୍କୁ ପୋଲିସ ସେହି ମାସ ୧୪ ତାରିଖରେ ଗିରଫ କରି କୋର୍ଟ ପଠାଇ ଦେଇଥିଲା। ସେହି ଦିନରୁ ସେ ବିଚାରାଧୀନ ବନ୍ଦୀ ଭାବରେ ଜେଲରେ ଅଟକ ଅଛି। ଜିଲ୍ଲା ଜଜଙ୍କ କୋର୍ଟରେ ST no- ୧୯/୨୧ ମୂଳେ ବିଚାର ହୋଇ ଆଜି ତାଙ୍କର ରାୟ ପ୍ରକାଶ ପାଇ ଉପରୋକ୍ତ ଦଣ୍ଡ ପ୍ରଦାନ କରାଯାଇଛି। ସରକାରଙ୍କ ତରଫରୁ ପବ୍ଲିକ ପ୍ରଶିକ୍ୟୁଟର ମିନା ଟପ୍ପୋ ମାମଲା ପରିଚାଳନା କରୁଥିଲେ।

## ବସ୍ତା ତ୍ରାହି ଅଚ୍ୟୁତ ଆଶ୍ରମରେ ଚୋରି

ବସ୍ତା, ୨୯/୫ (ନି.ପ୍ର): ବସ୍ତାସ୍ଥିତ ତ୍ରାହି ଅଚ୍ୟୁତ ଶାଖା ଆଶ୍ରମରେ ବୁଧବାର ରାତିରେ ଚୋରି ହୋଇଯାଇଛି। ଆଶ୍ରମର ଲଗାଯାଇ ଥିବା ତାର ବାଡକୁ ଦୁର୍ବୃତ୍ତମାନେ କାଟି ନେଇ ଯାଇଛନ୍ତି ଓ ଖୁଣ୍ଟକୁ ଭାଙ୍ଗି ଦେଇଛନ୍ତି । କିଛିଦିନ ପୂର୍ବରୁ ଆଶ୍ରମରୁ ଦୁଇ ଦୁଇ ଥର ସବମରସିବ୍ଲ ପାଣି ମୋଟର ମଧ ଚୋରି ହୋଇଥିଲା। ଏ ସମ୍ପର୍କରେ ବସ୍ତା ଥାନାରେ ଏତାଲା ଦିଆଯାଇ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆଶ୍ରମ ପରିଚାଳକ ନବକୃଷ୍ଣ ଦାସ ଅନୁରୋଧ ଜଣାଇଛନ୍ତି।

## ବସ୍ତା ପଞ୍ଚାୟତ ସମିତି ବୈଠକ

## ଡାକ୍ତରଖାନାରେ ଖାଦ୍ୟ ଯୋଗାଣ ନେଇ ହଟ୍ଟଗୋଳ




ବସ୍ତା,୨୯।୫(ନିପ୍ର):ବସ୍ତା ପଞ୍ଚାୟତ ସମିତିର ସାଧାରଣ ବୈଠକ ବ୍ଲକ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅଞ୍ଜଳୀ ଦାସଙ୍କ ଅଧକ୍ଷତା ରେ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା , ବିଡ଼ିଓ ମିହିର ରଞ୍ଜନ ବେହେରା, ଉପାଧକ୍ଷ ଦିଲ୍ଲୀପ ଦାସ ମହା ପାତ୍ରଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜିଲ୍ଲାପରିଷଦ,ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ବସ୍ତା ମେଡିକାଲରେ ଡାକ୍ତର, ହେଲଥ ମିଶନ, ଖାଦ୍ୟ, ଜନ୍ମ ମୃତ୍ୟୁ ସାର୍ଟିଫିକେଟ ପଞ୍ଜିକରଣର ସମସ୍ୟା, ମହିଳା ଶିଶୁ ବିକାଶ ବିଭାଗରେ ଅଙ୍ଗନବାଡି ଗୃହ ନିର୍ମାଣ, ଆର ଡବ୍ଲୁ ଏସ ଏସ ଦ୍ୱାରା ବ୍ଲକ ରେ ୩୧ ଟି ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣରେ ସମସ୍ୟା, ଖାଦ୍ୟ ସୁରକ୍ଷା ଯୋଜନା, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ, ଡ୍ରେନେଜ ବିଭାଗ କୁ ନେଇ ଆଲୋଚନା ହୋଇଥିଲା। ସମିତି ବୈଠକରେ କେତେକ ବିଭାଗ ରେ ବହୁ ମନମୁଖୀ କାର୍ଯ୍ୟ ହେଉଥିବାରୁ ବସ୍ତା ବିଧାୟିକା ସମସ୍ତଙ୍କୁ ତାଗିଦ କରିଥିଲେ। ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ଇନଡୋର ରୋଗୀ'ଙ୍କୁ ଖାଦ୍ୟ ଠିକ ଭାବେ ଦିଆ ଯାଉନଥିବା ବିଶେଷ କରି ରାତିରେ ଖାଦ୍ୟ ନ ଦେଇ କାଗଜପତ୍ରରେ ଦିଆଯାଉଛି ବୋଲି ଉଲ୍ଲେଖ କରିବା ଏବଂ ରୋଗୀ କଲ୍ୟାଣ ସମିତି ବୈଠକ ଠିକ ସମୟରେ ନହେବା ପ୍ରସଙ୍ଗ ସମ୍ପର୍କରେ ଖୋଦ୍ ବିଧାୟକ। ଜେନା ଉଠାଇ ନିଜର ଅସନ୍ତୋଷ ଝାଡି ଥିଲେ। ଭାନ୍ଦିପୁର, ଖଣ୍ଡପସା ଅଙ୍ଗନବାଡ଼ି କେନ୍ଦ୍ର ଭାଙ୍ଗି ଯିବା ସମେତ ବିଭିନ୍ନ କେନ୍ଦ୍ରରେ ଅବ୍ୟବସ୍ଥା ସମ୍ପର୍କରେ ନୂଆ ସିଡ଼ିପିଓ ଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ସେ ସବୁର ସମାଧାନ ପାଇଁ ଚେଷ୍ଟା କରିବାକୁ କୁହାଯାଇଥଲା। ଗ୍ରାମାଞ୍ଚଳରେ ରାସ୍ତା ଘାଟ ଖରାପ ହୋଇ ଯାଇଥିବା ସଂବଧରେ ଗ୍ରାମ୍ୟ ଉନୟନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ବିଭିନ୍ନ ପଞ୍ଚାୟତ ସମିତି ବୈଠକରେ ଜାମଶୂଳୀ ବିଦ୍ୟୁତ ଏସଡିଓ ଯୋଗ ନ ଦେବା ସମ୍ପର୍କରେ କେତେକ ସରପଞ୍ଚ ଆପତ୍ତି ଉଠାଇଥିଲେ।

## ପାଠପଢ଼ାରେ ଡ଼ୋରି ବାନ୍ଧିଲେ ମାଙ୍କିଡ଼ିଆ ଜନଜାତିର ମା' ଛେଉଣ୍ଡ କନ୍ୟା 'ବିଜୁଳି'



ଉଦଳା, ୨୯/୫ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଦାମାସାହି ସ୍ଥିତ ମାଙ୍କିଡ଼ିଆ କଲୋନିରେ ବସବାସ କରୁଥିବା ମହେଶ୍ୱର ମାଙ୍କିଡ଼ିଆଙ୍କର ୧୪ବର୍ଷ ବୟସର ମା' ଛେଉଣ୍ଡ କନ୍ୟା 'ବିଜୁଳି' ପାଠପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଖବର ନେବାରୁ ଗ୍ରାମ ନିକଟରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବିଜୁଳି' ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଏତିକିବେଳେ ମାତା ସମ୍ବାରି ମାଙ୍କିଡ଼ିଆଙ୍କର ଦେହାନ୍ତ ହେଲା । ଫଳରେ ଘରକାମ ପାଇଁ 'ବିଜୁଳି' ବିଦ୍ୟାଳୟକୁ ଯିବା ବନ୍ଦ କଲେ । ତାଛଡ଼ା 'ବିଜୁଳି'ଙ୍କର ଆଧାର କାର୍ଡ଼ ନାହିଁ । ଆଧାର ପାଇଁ ସେ ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର ସେ ଜଣାଇଛନ୍ତି । କିନ୍ତୁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ନିୟମିତ ଆଧାର କାର୍ଡ଼ ମାଗିବାରୁ 'ବିଜୁଳି' ମାନସିକ ଚାପରେ ରହିବା ସହ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର କଥା କହିଛନ୍ତି । ଆଜକୁ ୨ ବର୍ଷ ଧରି ସେ ଆଦୌ ବିଦ୍ୟାଳୟ ଯାଇନାହାଁନ୍ତି । କିନ୍ତୁ ବିଦ୍ୟାଳୟ ଉପସ୍ଥାନ ଖାତାରେ ତାଙ୍କର ନାମ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି। କିନ୍ତୁ 'ବିଜୁଳି'ଙ୍କ ପରି ବହୁସଂଖ୍ୟାରେ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । କିନ୍ତୁ ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଠାକ୍ ଚାଲିଛି ବୋଲି ଦର୍ଶାଯାଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## 'ମନା' ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ୱାଗତ



ବାଲେଶ୍ୱର, ୨୯/୫ (ନି.ପ୍ର): ମିଳିତ ନିଶା ନିବାରଣ (ମନା), ବାଲେଶ୍ୱର ତରଫରୁ ସଦସ୍ୟମାନେ ବାଲେଶ୍ୱରରେ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଫୁଲକୁଣ୍ଡ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ସଭାପତି ପ୍ରଭାକର ସାହୁ ନିଶା ନିବାରଣ କ୍ଷେତ୍ରରେ 'ମନା'ର ଆଭିମୁଖ୍ୟ ବିଷୟରେ ପ୍ରକାଶ କରିଥିଲେ। ବରିଷ୍ଠ ଉପଦେଷ୍ଟା ସୁବ୍ରତ କର 'ମନା' କରୁଥିବା ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏହି ଦିଗରେ ପ୍ରଶାସନିକ ସାହାଯ୍ୟ, ସହଯୋଗ କାମନା କରିବା ସହିତ ଚଳିତବର୍ଷର 'ମୁଖପତ୍ର' ଓ ନୀତିକୃଷ୍ଣ ଚୌଧୁରୀଙ୍କ ପୁସ୍ତକ ପ୍ରଦାନ କରିଥିଲେ। ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ ଗଙ୍ଗାଧର ଦାସ ମଧ ଉପସ୍ଥିତ ରହି ଶ୍ରୀଯୁକ୍ତ ଖୁଣ୍ଟିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମହିଳା ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର

ନୀଳଗିରି, ୨୯/୫ (ନି.ପ୍ର): ବେଆଇନ ପଥର ଚୋରାଚାଲଣକୁ ରୋକିବାକୁ ଯାଇ ଦୁର୍ବ୍ୟବହାରର ଶିକାର ହେଲେ ମହିଳା ଫରେଷ୍ଟ ଗାର୍ଡ। ବନବିଭାଗର ସୀମାରେ ରାତି ଅଧରେ ଚାଲିଥିଲା ପଥର ଚୋରାଚାଲଣ । ଘଟଣା ସ୍ଥଳରେ ସ୍କୁଟି ଛାଡି ପଳାଇ ଆସିଲେ ମହିଳା ଗାର୍ଡ। ଘଟଣା ସ୍ଥଳରେ ବନକର୍ମଚାରୀ ମୁତୟନ ହେବା ସହ ତଦନ୍ତ ଜାରି ରଖିଛି ବନବିଭାଗ।ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ରେଞ୍ଜ ଧୋବଶିଳା ବିଟ୍ ଅଧୀନ ରାବିଡିସାହି ଓ ଡାହିସାହି ଅଞ୍ଚଳରେ।ସୂଚନା ମୁତାବକ ନିକଟ ଧୋବଶିଳା ଜଙ୍ଗଲ ନିକଟ ପାହାଡରୁ ବେଆଇନ ଭାବରେ ପଥର ଉତ୍ତୋଳନ କରାଯାଇ ନିକଟରେ ହେଉଥିବା ଏକ ମନରେଗା ଯୋଜନାରେ ନିର୍ମାଣ କରାଯାଉଥିବା ଏକ ସରକାରୀ ରାସ୍ତା କାର୍ଯ୍ୟରେ ଲଗାଯାଉଥିଲା। ଏ ଖବର ପାଇବା ନୀଳଗିରି ବନବିଭାଗକୁ ଅବଗତ କରାଯିବା ପରେ ମହିଳା ଫରେଷ୍ଟଗାର୍ଡ ବବିସ୍ମିତା ସାହୁ ସଦଳବଳେ ଘଟଣାରେ ସ୍ଥଳରେ ପହଞ୍ଚିଥିଲେ। ଘଟଣା ସ୍ଥଳରେ ମାଫିଆଙ୍କ ସହ ଗ୍ରାମବାସୀ ମିଳିତ ଭାବରେ ମହିଳା ଗାର୍ଡଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ।ଫଳରେ ମହିଳା ଗାର୍ଡ ଜଣକ ଘଟଣା ସ୍ଥଳରେ ସ୍କୁଟି ଛାଡି ପଳାଇ ଯାଇଥିଲେ। ବନବିଭାଗ ପହଞ୍ଚିବା ପୂର୍ବରୁ ମାଫିଆଙ୍କୁ କିଛି ଅସାଧୁ ବନକର୍ମଚାରୀ ଅବଗତ କରିଥିବା ସନ୍ଦେହ କରାଯାଉଥିବା ବେଳେ ଜଣେ ବନ କର୍ମଚାରୀଙ୍କ ମୋବାଇଲ ଜବତ କରିଛି ବନବିଭାଗ।

## ପୂର୍ବତନ ସେବା ସମବାୟ ସମ୍ପାଦକଙ୍କୁ ଏକାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି



ଅସୁରାଳି , ୨୯/୫ (ନି.ପ୍ର): କୋଠାର ଅଞ୍ଚଳର ପୂର୍ବତନ ସୋସାଇଟି ସେକ୍ରେଟେରୀ ସ୍ୱର୍ଗତ ବିଶ୍ୱନାଥ ଜେନାଙ୍କ ଏକାଦଶାହ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ଡି ଡି ଏ ପ୍ରେସ କ୍ଲବର ସଭାପତି ସନ୍ତୋଷ କୁମାର ସାହୁ, ମାନସ ପରିଡା, ଅଜିତ ରାୟ, କୋଠାର ସୋସାଇଟି ସେକ୍ରେଟେରୀ ରାମ ଜେନା, ବିଜେପି ସରପଞ୍ଚ ପ୍ରତିନିଧି ପିଣ୍ଟୁ ମହାଳିକ, ବିଜେପିର ପୂର୍ବତନ ସଭାପତି ମନୋଜ କୁମାର ଦାସ, ପ୍ରଶାନ୍ତ ନାଥ, ସଦାଶିବ ପୋଥାଳ ସହ ଅନେକ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଜେନାଙ୍କ ଆତ୍ମାର ସଦଗତି କାମନା କରିଥିଲେ।ଏହି କାର୍ଯ୍ୟକ୍ରମରେ ପୁତ୍ର ପ୍ରଦୀପ ଜେନା ଓ ପରିବାର ପକ୍ଷରୁ ଆଗତ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ସମସ୍ତେ ସ୍ୱର୍ଗତ ବିଶ୍ୱନାଥ ଜେନାଙ୍କ ସମାଜସେବା ଓ ଅବଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଜୟପୁର, ୨୯/୫ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ପାତ୍ରପୁଟ ଗ୍ରାମର ପାର୍ବତୀ କଟିଆଙ୍କ ଘରୁ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତ୍ର ପ୍ରାୟ ୨ଟା ସମୟରେ ପାର୍ବତୀ ସେଚ କରିବାକୁ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ଘରେ ପଶି ଆଲମାରୀରୁ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଅଭିଯୋଗକୁ ଭିତିକରି ପୁଲିସ ଏକ ମାମଲା ରୁଜୁ କରି ସନ୍ଧାନ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଶୁଭାରମ୍ଭକୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର, ୨୯/୫ (ନି.ପ୍ର): ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଅର୍ଥାତ୍ ୩୦/୦୫/୨୦୨୬ ଠାରୁ ୦୬/୦୯/୨୦୨୬ ପର୍ଯ୍ୟନ୍ତ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ବିଭାଗୀୟ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଏହି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ ଓ ଅପଡେଟ୍ କରିବା। ୩୦ ମେ, ୨୦୨୬ ରୁ ୨୮ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ପରିବାର ଗସ୍ତ କରି ଭୋଟରଙ୍କ ତଥ୍ୟ ଯାଞ୍ଚ ଏବଂ ଫର୍ମ ସଂଗ୍ରହ କରିବେ। ୦୬ ସେପଟ୍ମେର, ୨୦୨୬ ରେ ସମସ୍ତ ସଂଶୋଧନ ପରେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ। ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ବାଲେଶ୍ୱର ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ଧର୍ମପରାୟଣା ବୃଦ୍ଧା କନକଲତା ପଣ୍ଡାଙ୍କ ପରଲୋକ



ଜଳେଶ୍ୱର, ୨୯/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଅନ୍ତର୍ଗତ ଶାଳୀକୋଠା ଗ୍ରାମର ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଗ୍ରାମର ସ୍ୱର୍ଗତ ମାନଗୋବିନ୍ଦ ପଣ୍ଡାଙ୍କ ସହଧର୍ମିଣୀ ତଥା ଜଣେ ଧର୍ମପରାୟଣା ବୃଦ୍ଧା ମହିଳା କନକଲତା ପଣ୍ଡାଙ୍କର ଗତକାଲି ରାତି ପ୍ରାୟ ୮ ଘଟିକା ସମୟରେ ହଠାତ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାରବର୍ଗ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ କନକଲତା ପଣ୍ଡାଙ୍କର ୫ ଜଣ ପୁଅ ମାଧବ ଚନ୍ଦ୍ର ପଣ୍ଡା, ଯାଦବ ଚନ୍ଦ୍ର ପଣ୍ଡା, କେଶବ ଚନ୍ଦ୍ର ପଣ୍ଡା, ହେରମ୍ବ ପଣ୍ଡା ଓ ଶିବ ନାରାୟଣ ପଣ୍ଡାଙ୍କ ସହ ୫ ଜଣ ବୋହୂ, ୩ ଜଣ ଝିଅ ଏବଂ ୧୦ ଜଣ ନାତିନାତୁଣୀ ଅଛନ୍ତି।ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ଶିବ ନାରାୟଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ଜଣେ ସମାଜପ୍ରିୟ ଓ ଧାର୍ମିକ ମହିଳା ଭାବେ ଗ୍ରାମରେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କର ଅନ୍ତିମ ଦର୍ଶନ ପାଇଁ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଦୁଇବର୍ଷ ନପୂରୁଣୁ ଭାଙ୍ଗିଲା ପୋଲ: ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହ ଶହ ଯାତ୍ରୀ



ନୀଳଗିରି , ୨୯/୫ (ନି.ପ୍ର): ଭାଙ୍ଗିଲା ପୋଲର ଉପରିଭାଗ, ରାସ୍ତା ଉଠୁଛି ଖଣ୍ଡ ଖଣ୍ଡ କଂକ୍ରିଟ। ୭ ଦିନ ହେବ ସନ୍ତରାଗଡିଆ ବାହାନଗା ରାସ୍ତା ବନ୍ଦ। ଜରୁରୀ କାଳୀନ ସେବା ଠପ୍। ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହ ଶହ ଯାତ୍ରୀ । ଅଭିଯୋଗ ପରେ ନିଦାବିଷ୍ଟ ପ୍ରଶାସନ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ସନ୍ତରାଗଡିଆ ଠାରୁ ପିଞ୍ଚାବଣିଆ ପର୍ଯ୍ୟନ୍ତ ୫ କୋଟି ୧୩ ଲକ୍ଷ ୨୭ ହଜାର ୪୯୦ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ରାସ୍ତାକୁ ୨ ବର୍ଷ ନପୂରୁଣୁ ମଧୁକରଖୁଣ୍ଟା ଗ୍ରାମର ରାମେଶ୍ୱର ମନ୍ଦିର ନିକଟରେ ଅତି ନିମ୍ନମାନର ପୋଲ ନିର୍ମାଣ କରାଯାଇଥିଲା। ଫଳରେ ସପ୍ତାହେ ହବ ଉକ୍ତ ପୋଲର ଉପରି ଭାଗ ଭାଙ୍ଗି ଯାଇଥିବା ବେଳେ ସନ୍ତରାଗଡିଆ ବାହାନଗା ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମଧୁକରଖୁଣ୍ଟା, ଅଙ୍କୁରଖୁଣ୍ଟା, ମର୍ଦ୍ଦରାଜପୁର ଗ୍ରାମର ଶତାଧିକ ଲୋକ ଜରୁରୀ କାଳୀନ ସେବାରୁ ମଧ ବଞ୍ଚିତ ହୋଇଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ବେଳେ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି।

## ବ୍ରିକ୍ସ ସମ୍ମିଳନୀ ପାଇଁ ସୁରକ୍ଷା ସମୀକ୍ଷା କଲେ ଏସପି

ପୁରୀ, ୨୯/୫ (ନି.ପ୍ର): ଆନ୍ତର୍ଜାତିକ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀରେ ପ୍ରଥମ ଥର ପାଇଁ ବିଶ୍ୱସ୍ତରୀୟ ବ୍ରିକ୍ସ ସମ୍ମିଳନୀ ବଳିଆପଣ୍ଡା ସ୍ଥିତ ହୋଟେଲ ତାଜ୍ ରେ ଜୁନ୍ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଅନୁଷ୍ଠିତ ହେବ । ଏଥିପାଇଁ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି ପୁରୀ ଏସପି ପ୍ରତୀକ ସିଂ । କଡା ସୁରକ୍ଷା ବଳୟରେ ରହିବ ହୋଟେଲର ପାର୍ଶ୍ୱବର୍ତୀ ଅଂଚଳ । ଟ୍ରାଫିକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ଏଠାରେ ବ୍ରିକ୍ସର ମାନସ ମନ୍ଥନ ଅନୁଷ୍ଠିତ ହେବ । ଇଥିଓପିଆ, ଇଣ୍ଡୋନେସିଆ, ଚାଇନା, ଇରାନ, ରୁଷିଆ, ସାଉଦି ଆରବ ଆଦି ୧୧ଟି ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବେ । ତାଜ ଆଖପାଖ ହୋଟେଲ ଓ ସମୁଦ୍ରକୂଳ ପଟୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ବିଶ୍ୱସ୍ତରୀୟ ସମ୍ମିଳନୀ ପୁରୀରେ ପ୍ରଥମ ଥର ହେଉଥିବାରୁ ପୁରୀର ଗୁରୁତ୍ୱ ଏବେ ବଢିଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida